ବର୍ଷ-୨୬, ସଂଖ୍ୟା-୩୦୪
ଭୁବନେଶ୍ୱର
୧୪, ନଭେମ୍ବର, ୨୦୨୬, ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 304
Bhubaneswar
14, November, 2026, Saturday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ମାର୍ଚ୍ଚ ୧୨ରୁ ଦଶମ ପରୀକ୍ଷା



କଟକ, ୧୩।୧୧ (ମହାଭାରତ): ମାଟ୍ରିକ ପରୀକ୍ଷାକୁ ନେଇ ଅପେକ୍ଷାରେ ଥିବା ଛାତ୍ରଛାତ୍ରୀଙ୍କ ପାଇଁ ବଡ଼ ଖବର। ପ୍ରକାଶ ପାଇଛି ଚଳିତ ବର୍ଷର ଦଶମ ଶ୍ରେଣୀ ପରୀକ୍ଷା କାର୍ଯ୍ୟସୂଚୀ। ମାର୍ଚ୍ଚ ୧୨ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨୭ ତାରିଖରେ ଶେଷ ହେବ ମାଟ୍ରିକ ପରୀକ୍ଷା। ଏନେଇ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରୀକ୍ଷା ସୂଚୀ ଜାରି କରାଯାଇଛି। ପ୍ରତିଦିନ ସକାଳ ୯ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ଗୋଟିଏ ସିଟିଂରେ ପରୀକ୍ଷା ହେବ। ଅର୍ଥାତ୍ ଦିନକୁ ଗୋଟିଏ ଥର ହିଁ ପରୀକ୍ଷା ଦେବେ ଛାତ୍ରଛାତ୍ରୀ। ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀଙ୍କ ପାଇଁ ଏହି ସମୟସୂଚୀ ଲାଗୁ ହେବ। ତେବେ ଗଣିତ ପରୀକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ମିଳିବ ଅତିରିକ୍ତ ୧୫ ମିନିଟ୍ ସମୟ। କେବଳ ଏହିଦିନ ସକାଳ ୯ଟାରୁ ୧୧ଟା ୪୫ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। ପରୀକ୍ଷା କାର୍ଯ୍ୟସୂଚୀ ଅନୁସାରେ, ମାର୍ଚ୍ଚ ୧୨ ତାରିଖରେ ପ୍ରଥମ ଭାଷା ସାହିତ୍ୟ ପରୀକ୍ଷାରୁ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା। ମାର୍ଚ୍ଚ ୧୫ରେ ବିଜ୍ଞାନ ଏବଂ ୧୭ ତାରିଖରେ ଗଣିତ ପରୀକ୍ଷା ରହିଛି। ମାର୍ଚ୍ଚ ୧୮ରେ ଭିଜୁଆଲ ଆର୍ଟ ପ୍ରାକ୍ଟିକାଲ ପରୀକ୍ଷା ହେବ। ସେହିପରି ମାର୍ଚ୍ଚ ୧୯ରେ ସାମାଜିକ ବିଜ୍ଞାନ, ୨୪ରେ ଦ୍ୱିତୀୟ ଭାଷା, ୨୫ରେ ହିନ୍ଦୀ ଏବଂ ମାର୍ଚ୍ଚ ୨୭ ତାରିଖରେ ସଂସ୍କୃତ ପରୀକ୍ଷା ଅନୁଷ୍ଠିତ ହେବ। ତେଣୁ ପରୀକ୍ଷାର୍ଥୀମାନେ ନିଜ ନିଜ ବିଷୟ ଅନୁସାରେ ପ୍ରସ୍ତୁତି ପାଇଁ ଯୋଜନା କରିବା ଆବଶ୍ୟକ।

ବାନ୍ଦନା ପ୍ରକୃତି, ମାଟି ଓ ଗୋଧନର ଜୀବନ୍ତ କାବ୍ୟ

ଭୁବନେଶ୍ୱର, ୧୩।୧୧ (ମହାଭାରତ): ମୟୂରଭଞ୍ଜ ଜିଲ୍ଲାର ଆଗୁଆଡ଼ ଠାରେ ଶୁକ୍ରବାର ଆୟୋଜିତ 'ଜାତୀୟ ବାନ୍ଦନା ପରବ – ୨୦୨୬'ର ସାଂସ୍କୃତିକ ମହାମିଳନ ପର୍ବରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୁଡୁମୀ ସମାଜର ପ୍ରାଚୀନ ପରମ୍ପରା, କର୍ମଠତା ଏବଂ ପ୍ରକୃତି ପ୍ରେମର ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ପବିତ୍ର ଅବସରରେ ମୁଖ୍ୟମନ୍ତ୍ରୀ କୁଡୁମୀ ସମ୍ପ୍ରଦାୟର ସମସ୍ତ ମା', ଭାଇ ଓ ଭଉଣୀମାନଙ୍କୁ 'ବାନ୍ଦନା ପରବ'ର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ରାଜ୍ୟର ସର୍ବ ସମାବେଶୀ ବିକାଶ ମଡେଲରେ କୁଡୁମୀ ସମାଜର ସାମାଜିକ, ଅର୍ଥନୈତିକ, ଶିକ୍ଷାଗତ ଏବଂ ସାଂସ୍କୃତିକ ବିକାଶ ପାଇଁ ସରକାର ସଦାସର୍ବଦା ବଦ୍ଧପରିକର ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ବାନ୍ଦନା କେବଳ ଏକ ପର୍ବ ନୁହେଁ, ବରଂ ଏହା ପ୍ରକୃତି, ମାଟି, ଗୋଧନ ଏବଂ ମାନବୀୟ ସମ୍ପର୍କର ଏକ ଜୀବନ୍ତ କାବ୍ୟ। ପ୍ରକୃତିର ପୂଜା, କୃଷି ସଂସ୍କୃତିର ଆରାଧନା ଏବଂ ମାଟି ପ୍ରତି ଆନୁଗତ୍ୟର ଏହି ନିଶାଣ ଆମ ସଂସ୍କୃତିର ଆତ୍ମା। ସେ ଆହୁରି ମଧ କହିଛନ୍ତି ଯେ କୁଡୁମୀ ଜାତି ହେଉଛନ୍ତି ଭୂମିର ସନ୍ତାନ ଏବଂ ମାଟିକୁ ସ୍ୱେଦରେ ସିଂଚି ଶସ୍ୟଶ୍ୟାମଳା କରିବାର କଳା କୁଡୁମୀ ସମାଜଠାରୁ ଶିଖିବାକୁ ମିଳେ। ପ୍ରକୃତିକୁ ମା' ଭାବେ ପୂଜା କରିବା, ଗଛଲତା, ପାହାଡ଼, ନଦୀ-ନାଳ ଏବଂ ପ୍ରାଣୀଜଗତ ସହ ସହବସ୍ଥାନ କରିବାର ଯେଉଁ ଅନନ୍ୟ ଶୈଳୀ ଏହି ସମାଜ ପାଖରେ ରହିଛି, ତାହା ସମଗ୍ର ମାନବ ସମାଜ ପାଇଁ ଏକ ଦିଗଦର୍ଶନ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।



ମୟୂରଭଞ୍ଜ ମାଟି ସହ ନିଜର ଗଭୀର ଆତ୍ମିକ ସମ୍ପର୍କକୁ ମନେ ପକାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମୟୂରଭଞ୍ଜ ହେଉଛି ତାଙ୍କର ଦ୍ୱିତୀୟ ଘର ଏବଂ ଘରକୁ କିଛି ଦିନ ଅନ୍ତରାଳରେ ଆସିଲେ ଯେପରି ଆନନ୍ଦ ମିଳିଥାଏ, ଆଜି ଠିକ୍ ସେହିପରି ଆନନ୍ଦ ଅନୁଭବ ହେଉଛି। କେନ୍ଦୁଝର ଓ ମୟୂରଭଞ୍ଜ ଅଂଚଳର ସାନ୍ତାଳ ଓ କୁଡୁମୀ ସମ୍ପ୍ରଦାୟ ମଧ୍ୟରେ ଥିବା ଭାଇଚାରାକୁ ପ୍ରଶଂସା କରି ଶ୍ରୀ ମାଝୀ କହିଥିଲେ ଯେ ଆମ ଆଦିବାସୀ ସଂସ୍କୃତିରେ ଭାଇଚାରା ସବୁବେଳେ ପ୍ରଥମ ସ୍ଥାନରେ ରହିଆସିଛି। ବାଲ୍ୟକାଳରୁ ନିଜ ଗାଁରେ କୁଡୁମୀ ପରିବାରଗୁଡ଼ିକ ସହ ବଢ଼ିଥିବା ସ୍ମୃତିକୁ ରୋମନ୍ଥନ କରି ସେ ଢେଙ୍ଗୁଆନ ବୁଲିବା ଏବଂ ପିଠା ଖାଇବାର ନିଆରା ଅନୁଭୂତି ବାଂଟିବା ସହ ରାଜନୈତିକ କ୍ଷେତ୍ରରେ ମଧ କୁଡୁମୀ ସମ୍ପ୍ରଦାୟର ସହଯୋଗୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସ୍ୱୀକାର କରିଥିଲେ। କୁଡୁମୀ ସମ୍ପ୍ରଦାୟର ଐତିହାସିକ ପୃଷ୍ଠଭୂମି ଓ ସାମାଜିକ ଅବଦାନ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ କର୍ମରେ ବିଶ୍ୱାସ କରୁଥିବା ଏହି ପ୍ରାଚୀନ ଓ ପରିଶ୍ରମୀ କୃଷକ ସମ୍ପ୍ରଦାୟ ଓଡ଼ିଶା ସମେତ ଆସାମ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ଗୁଜୁରାଟ ଓ ମହାରାଷ୍ଟ୍ର ଆଦି ରାଜ୍ୟରେ ବସବାସ କରୁଛନ୍ତି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ମୟୂରଭଞ୍ଜ ଓ କେନ୍ଦୁଝର ଏ ଜାତିର ମୁଖ୍ୟ ବାସସ୍ଥଳୀ ପାଲଟିଥିବା ବେଳେ ବାରିପଦା ଓଡ଼ିଶାର କୁଡୁମୀମାନଙ୍କର ଅଘୋଷିତ ରାଜଧାନୀ ଭାବେ ପରିଚିତ ହୋଇଛି। ଏକ ସ୍ୱାଭିମାନୀ, ବିଶ୍ୱସ୍ତ ଓ ରାଷ୍ଟ୍ରଭକ୍ତ ଜାତି ଭାବେ କୁଡୁମୀମାନେ ସଂଘର୍ଷରୁ ସଫଳତା ହାସଲ କରିବାରେ ବିଶ୍ୱାସ କରନ୍ତି ଏବଂ ଆଜି କୃଷି ସହିତ ବାଣିଜ୍ୟ ଓ ଚାକିରି କ୍ଷେତ୍ରରେ ମଧ ନିଜର ପାରଦର୍ଶିତା ପ୍ରତିପାଦନ କରୁଛନ୍ତି। ସେହିପରି କୁଡୁମୀମାନଙ୍କୁ ଆଦିବାସୀ ତାଲିକାଭୁକ୍ତ କରିବା ଏବଂ କୁଡୁମାଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ଦୀର୍ଘ ଦିନରୁ ଚାଲିଆସୁଥିବା ଦାବି ସମ୍ପର୍କରେ ମଧ ସେ ଉଲ୍ଲେଖ କରିଥିଲେ।

ବାନ୍ଦନା ପରବ ଓ ଅନ୍ୟାନ୍ୟ ପାରମ୍ପରିକ ପର୍ବପର୍ବାଣୀର ମହତ୍ୱ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗୋ-ଜାତି ପ୍ରତି ସମ୍ମାନ ଓ କୃତଜ୍ଞତା ଅର୍ପଣ ପାଇଁ ଆବାହମାନ କାଳରୁ ଗୋଠ ପୂଜା, ଗୁହାଳ ପୂଜା ଓ ଗୋରୁ ବାନ୍ଦନା ଆଦି ପାଳନ କରାଯାଇଆସୁଛି। ଏହା ସହିତ କରମ ପର୍ବ ମାଧ୍ୟମରେ କରମ ଗଛକୁ ପୂଜା କରି ଏହି ସମାଜ ସାରା ବିଶ୍ୱକୁ ପରିବେଶ ସୁରକ୍ଷାର ବାର୍ତ୍ତା ଦେଉଥିବା ବେଳେ ଟୁସୁଦେବୀଙ୍କ ବୀରତ୍ୱର ଗାଥା କୁଡୁମୀ ମହିଳା ଓ ଝିଅମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇରହିଛି। ଶିକ୍ଷା କ୍ଷେତ୍ରରେ କୁଡୁମୀ ଛାତ୍ରଛାତ୍ରୀଙ୍କ ସଫଳତାକୁ ପ୍ରଶଂସା କରି ଶ୍ରୀ ମାଝୀ କହିଥିଲେ ଯେ ଗତ କିଛି ବର୍ଷ ମଧ୍ୟରେ କେନ୍ଦୁଝରର ଦିଗରାଜ ମହାନ୍ତ, ତପନ କୁମାର ମହାନ୍ତ, କଟକର ଚନ୍ଦନ କୁମାର ମହାନ୍ତ ଏବଂ ଚଳିତ ବର୍ଷ ବାରିପଦାର ପାର୍ଥ ସାରଥୀ ମହାନ୍ତ ମେଟ୍ରିକ୍ ପରୀକ୍ଷାରେ ରାଜ୍ୟ ଟପ୍ପର ହୋଇଥିବା ବେଳେ ମୟୂରଭଞ୍ଜର ଝିଅ ସଞ୍ଜନା ମହାନ୍ତ ଯୁକ୍ତ ଦୁଇ ବିଜ୍ଞାନରେ ରାଜ୍ୟ ଟପ୍ପର ହୋଇ ସମଗ୍ର ଜାତିର ସୁନାମ ବଢ଼ାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ 'ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ' ମନ୍ତ୍ରରେ ଉଦ୍‌ବୁଦ୍ଧ ହୋଇ ରାଜ୍ୟ ସରକାର ' ସମାବେଶୀ ବିକାଶ' ମଡେଲରେ କାର୍ଯ୍ୟ କରୁଛନ୍ତି। ଓଡ଼ିଶାର ପ୍ରତ୍ୟେକ ଜାତି, ସମ୍ପ୍ରଦାୟ ଓ ଅଞ୍ଚଳର ସମାନ ପ୍ରଗତି ହେଲେ ହିଁ ରାଜ୍ୟ ସମୃଦ୍ଧ ହୋଇପାରିବ ବୋଲି ମତଦେଇ କୁଡୁମୀ ସମାଜର କଳା ଓ ସଂସ୍କୃତିର ସୁରକ୍ଷା, ବିଭିନ୍ନ କୃଷକ କଲ୍ୟାଣ ଯୋଜନା ମାଧ୍ୟମରେ କୃଷକଙ୍କ ଜୀବନଜୀବିକାର ଉନ୍ନତି ଏବଂ ଗୋ-ସମ୍ପଦର ଅଭିବୃଦ୍ଧି ପାଇଁ ସରକାର ସମସ୍ତ ଆବଶ୍ୟକୀୟ ସହଯୋଗ ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

ବଜାରରେ ସୁନା ମୂଲ୍ୟ ହ୍ରାସ

ଭୁବନେଶ୍ୱର, ୧୩।୧୧ (ମହାଭାରତ): ଆଜି ପ୍ରାରମ୍ଭିକ କାରବାର ସମୟରେ ଘରୋଇ ସୁନା ବଜାରରେ ସୁନା ମୂଲ୍ୟ ହ୍ରାସ ପାଇବା ଜାରି ରହିଛି। ଦେଶର ଅଧିକାଂଶ ସୁନା ବଜାରରେ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ୧,୯୫୦ ଏବଂ ପ୍ରତି ୧୦ ଗ୍ରାମ ୨,୧୮୦ ମଧ୍ୟରେ ହ୍ରାସ ପାଇଛି। ରୂପା ମୂଲ୍ୟ ଅପରିବର୍ତ୍ତିତ ରହିଛି, ଗୁରୁବାର ସମାନ ମୂଲ୍ୟରେ କାରବାର ହେଉଛି।ମୂଲ୍ୟ ପରିବର୍ତ୍ତନ ଯୋଗୁଁ, ଦେଶର ଅଧିକାଂଶ ସୁନା ବଜାରରେ ୨୪ କ୍ୟାରେଟ୍ ସୁନା ପ୍ରତି ୧୦ ଗ୍ରାମ ୧,୩୯,୭୯୦ ଏବଂ ପ୍ରତି ୧୦ ଗ୍ରାମ ୧,୩୯,୯୪୦ ମଧ୍ୟରେ କାରବାର ହେଉଛି। ସେହିପରି, ୨୨ କ୍ୟାରେଟ୍ ସୁନା ପ୍ରତି ୧୦ ଗ୍ରାମ ୧,୨୮,୧୯୦ ଏବଂ ପ୍ରତି ୧୦ ଗ୍ରାମ ୧,୨୮,୩୪୦ ମଧ୍ୟରେ ବିକ୍ରି ହେଉଛି। ରୂପାର ମୂଲ୍ୟରେ କୌଣସି ପରିବର୍ତ୍ତନ ନହେବା ଯୋଗୁଁ, ଆଜି ଦିଲ୍ଲୀ ସୁନା ବଜାରରେ ଏହି ଚମକଦାର ଧାତୁ କିଲୋଗ୍ରାମ ୧,୯୯,୯୦୦ ଟଙ୍କାରେ ବିକ୍ରି ହେଉଛି। ଦିଲ୍ଲୀରେ ଆଜି ୨୪ କ୍ୟାରେଟ୍ ସୁନା ପ୍ରତି ୧୦ ଗ୍ରାମ ୧,୩୯,୯୪୦ ଟଙ୍କାରେ କାରବାର ହେଉଛି, ଯେତେବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ୧,୨୮,୩୪୦ ଟଙ୍କା ରେକର୍ଡ କରାଯାଇଛି। ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ ୨୪ କ୍ୟାରେଟ୍ ସୁନା ପ୍ରତି ୧୦ ଗ୍ରାମ ୧,୩୯,୭୯୦ ଟଙ୍କା ଏବଂ ୨୨ କ୍ୟାରେଟ୍ ସୁନା ପ୍ରତି ୧୦ ଗ୍ରାମ ୧,୨୮,୧୯୦ ଟଙ୍କାରେ ବିକ୍ରି ହେଉଛି।

ଆଜିଠୁ ଏସିଆ ରଗ୍‌ବୀ ସେଭେନ୍ସ ଚାମ୍ପିୟନସିପ୍


ଭୁବନେଶ୍ୱର, ୧୩।୧୧ (ମହାଭାରତ): ଶନିବାର ଠାରୁ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ଆୟୋଜିତ ହେବ ଦୁଇ ଦିନିଆ 'ଏସିଆ ରଗ୍‌ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିୟନସିପ୍-୨୦୨୬'। ଏହା ପୂର୍ବରୁ ଶୁକ୍ରବାର କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ 'ଏସିଆ ରଗ୍‌ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିୟନସିପ୍-୨୦୨୬'ର ଟ୍ରଫି ଉନ୍ମୋଚନ କରିଛନ୍ତି। ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ଏସିଆ ରଗ୍‌ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିୟନସିପ୍-୨୦୨୬ରେ ୧୦ଟି ଦେଶ ଯଥା ଭାରତ, ହଙ୍ଗକଙ୍ଗ ଚାଇନା, ଉଜବେକିସ୍ତାନ, ଚାଇନିଜ ତାଇପେଇ, ନେପାଳ, ଶ୍ରୀଲଙ୍କା, ମାଲେସିଆ, ଥାଇଲାଣ୍ଡ, ସିଙ୍ଗାପୁର ଓ ଜୋର୍ଡାନ ଦେଶ ଅଂଶଗ୍ରହଣ କରିବେ। ଉଭୟ ପୁରୁଷ ଓ ମହିଳା ବର୍ଗରେ ଏହି ଚାମ୍ପିୟନସିପ୍ ଅନୁଷ୍ଠିତ ହେବ। ୧୦ଟି ଦେଶରୁ ସର୍ବମୋଟ ୧୭ଟି ଟିମ୍ (୧୦ଟି ପୁରୁଷ ଟିମ୍ ଏବଂ ୭ଟି ମହିଳା ଟିମ୍) ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଭାରତ ପୁରୁଷ ଟିମ୍ ରେ ପୁଷ୍ପେନ୍ଦର (କ୍ୟାପଟେନ), ରଞ୍ଜନ ରାଓ୍ୱତ (ଭାଇସ୍ କ୍ୟାପଟେନ), ଅଜିତ୍ ନିଗମ, ଅମନ୍, ଅରୁଣ ପ୍ରଜାପତ,ଭରତ କିଷାନ୍, ବିଦ୍ୟାଧର ମାଝୀ, ଚରଣ ହେମ୍ବ୍ରମ୍ କ୍ରୀଡ଼ାବିତ୍ ସ୍ଥାନ ପାଇଛନ୍ତି।

ଟ୍ରକ୍-ମିନିବସ୍ ଧକ୍କା : ୨୪ ମୃତ

ଗୁଆହାଟୀ, ୧୩।୧୧ : ଆସାମର କାଜିରଙ୍ଗା ନିକଟସ୍ଥ ରଙ୍ଗାଜାନଠାରେ ଆଜି ଅପରାହ୍ଣରେ ଏକ ଟ୍ରକ୍ ଓ ମିନିବସ୍ ମଧ୍ୟରେ ମୁହାଁମୁହିଁ ଭୀଷଣ ଧକ୍କା ହେବା ଫଳରେ ଅତି କମରେ ୨୪ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଆଉ ୭ ଜଣ ଗୁରୁତର ଆହତ ହୋଇଛନ୍ତି। ବୋକାଖାତରୁ ନଗାଁଓ ଅଭିମୁଖେ ଯାଉଥିବା ଏହି ମିନିବସ୍‌କୁ ଏକ କଣ୍ଟେନର ଟ୍ରକ୍ ଧକ୍କା ଦେବା ଫଳରେ ଏହି ଦୁର୍ଘଟଣା ଘଟିଛି। ଆହତ ଯାତ୍ରୀମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ଆଶଙ୍କା ରହିଛି। ଗୋଲାଘାଟ ଜିଲ୍ଲାର ଜଣେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ କହିଛନ୍ତି ଯେ ଡାକ୍ତରମାନେ ୨୪ ଜଣଙ୍କ ମୃତ୍ୟୁ ହୋଇଥିବା ନିଶ୍ଚିତ କରିଛନ୍ତି ଏବଂ ମୃତକମାନଙ୍କ ପରିଚୟ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ଏହି ଧକ୍କା ଏତେ ଜୋରଦାର ଥିଲା ଯେ ମିନିବସ୍‌ଟି ଭାଙ୍ଗିରୁଜି ଚୁରମାର ହୋଇଯାଇଛି ଏବଂ ଅନେକ ଯାତ୍ରୀ କ୍ଷତିଗ୍ରସ୍ତ ଗାଡ଼ି ଭିତରେ ଚାପି ହୋଇ ରହିଯାଇଥିଲେ। ଖବର ପାଇ ପୁଲିସ କର୍ମଚାରୀ ଏବଂ ସ୍ଥାନୀୟ ବାସିନ୍ଦା ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଭିତରୁ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ଆରମ୍ଭ କରିଥିଲେ। ଦୁର୍ଘଟଣାରେ ଆହତ ହୋଇଥିବା ଯାତ୍ରୀମାନଙ୍କୁ ଚିକିତ୍ସା ପାଇଁ କୋହୋରା ମଡେଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି ଯେ ଜାତୀୟ ଉଦ୍ୟାନ ନିକଟରେ ଲାଗୁ ହୋଇଥିବା ଗତି କଟକଣାକୁ ଉଲ୍ଲଂଘନ କରି ମିନିବସ୍‌ଟି ଅତ୍ୟଧିକ ବେଗରେ ଗତି କରୁଥିଲା। ମିନିବସ୍ ଚାଳକ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବା ଫଳରେ ଏହା କଣ୍ଟେନର ଟ୍ରକ୍ ସହ ପିଟି ହୋଇ ଦୁର୍ଘଟଣା ଘଟିଥିବା ପ୍ରାଥମିକ ଭାବେ ଅନୁମାନ କରାଯାଉଛି। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସେ କହିଛନ୍ତି ଯେ ଆଜି ସକାଳେ କାଜିରଙ୍ଗାରେ ଘଟିଥିବା ଏହି ମର୍ମନ୍ତୁଦ ଦୁର୍ଘଟଣା ତାଙ୍କୁ ଗଭୀର ଭାବେ ବ୍ୟଥିତ କରିଛି ଏବଂ ଏହି କ୍ଷତି ସମସ୍ତଙ୍କୁ ଦୋହଲାଇ ଦେଇଛି।



ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ନେଇ ସମୀକ୍ଷା



ଭୁବନେଶ୍ୱର, ୧୩।୧୧ (ମହାଭାରତ): ଭାରତର ଉପରାଷ୍ଟ୍ରପତି ଶ୍ରୀ ସି.ପି ରାଧାକ୍ରିଷ୍ଣନ ନଭେମ୍ବର ୧୬ ତାରିଖରେ ଏବଂ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ନଭେମ୍ବର ୨୪ ଓ ୨୫ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କ ଗସ୍ତକୁ ସୁବ୍ୟବସ୍ଥିତ, ଶୃଙ୍ଖଳିତ ଏବଂ ସୁସମନ୍ୱୟରେ ସଫଳ କରିବା ନିମନ୍ତେ ସମସ୍ତ ବ୍ୟବସ୍ଥା ସୁନିଶ୍ଚିତ କରିବା ଉପରେ ବୈଠକରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ ।

ଉପରାଷ୍ଟ୍ରପତି ନଭେମ୍ବର ୧୬ ତାରିଖ ସକାଳେ ନୂଆ ଦିଲ୍ଲୀରୁ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ବାହାରି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରେ ପହଂଚିବେ । ଏହି ଗସ୍ତ ପରିପ୍ରେକ୍ଷୀରେ ସେ ଭୁବନେଶ୍ୱରସ୍ଥିତ ମେଫେୟାର ସାନକ୍ଚୁଆରୀ କନଭେନସନ୍ ହଲ୍ ରେ ସପ୍ତଦଶ ଓଡ଼ିଶା ବିଧାନସଭାର ସଦସ୍ୟମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବେ। ସେଠାରେ ପ୍ରାୟ ଏକ ଘଂଟାର କାର୍ଯ୍ୟକ୍ରମ ରହିଛି । ପରେ ପରେ ଉପରାଷ୍ଟ୍ରପତି ମଧ୍ୟାହ୍ନରେ କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଆଇକନିକ୍ ଟାୱାର (ଏକାଡେମିକ୍ ବିଲ୍ଡିଂ) ଉଦ୍‌ଘାଟନ କରି ଅପରାହ୍ଣରେ ନୂଆଦିଲ୍ଲୀ ଫେରିଯିବେ।

ସେହିପରି, ରାଷ୍ଟ୍ରପତି ନଭେମ୍ବର ୨୪ ତାରିଖରେ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ନୂଆଦିଲ୍ଲୀ ବିମାନ ବନ୍ଦରରୁ ବାହାରି ମଧ୍ୟାହ୍ନରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚି ସେଠାରୁ ଲୋକଭବନ ଯିବେ। ସେହିଦିନ ସନ୍ଧ୍ୟାରେ କଟକଠାରେ ଆୟୋଜିତ "ବାଲିଯାତ୍ରା କଟକ ଉତ୍ସବ-୨୦୨୬" କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଉତ୍ସବ ପରେ ସେ ଭୁବନେଶ୍ୱର ଫେରି ରାତ୍ର ରହଣି କରିବେ । ପରଦିନ ନଭେମ୍ବର ୨୫ ତାରିଖ ସକାଳେ ଭୁବନେଶ୍ୱରସ୍ଥିତ ଡା. ଅଭିନ ଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲଠାରେ ଜାତୀୟ ହୋମିଓପାଥିକ୍ ବୈଜ୍ଞାନିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ।

୫ ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ପ୍ରକଳ୍ପକୁ ପ୍ରଶାସନିକ ଅନୁମୋଦନ

ଭୁବନେଶ୍ୱର, ୧୩।୧୧ (ମହାଭାରତ): ରାଜ୍ୟର ଜଳ ସୁରକ୍ଷା ଓ ଜଳସମ୍ପଦର ସଂରକ୍ଷଣକୁ ସୁଦୃଢ଼ କରିବା ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ମାତ୍ର ଏକ ମାସ ମଧ୍ୟରେ ୬୨୫.୪୭ କୋଟି ଟଙ୍କା ବ୍ୟୟ ଅଟକଳରେ ୫ଟି ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର୍ (ଆଇଏସ୍‌ଏସ୍) ପ୍ରକଳ୍ପକୁ ପ୍ରଶାସନିକ ଅନୁମୋଦନ ମିଳିଛି। ରାୟଗଡ଼ା, କଳାହାଣ୍ଡି, ଗଞ୍ଜାମ, ବଲାଙ୍ଗୀର ଓ ସୋନପୁର ଜିଲ୍ଲାରେ ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେବା ଦ୍ୱାରା ୭୪ଟି ଗ୍ରାମର ପ୍ରାୟ ୭୨ ହଜାର ଲୋକ ଉପକୃତ ହେବେ। ଏହି ପାଞ୍ଚଟି ପ୍ରକଳ୍ପ ମଧ୍ୟରେ ରାୟଗଡ଼ା ଜିଲ୍ଲାର ବଂଶଧାରା ନଦୀ ଉପରେ ଧୁଆଁପଦର ଏବଂ ନାଗାବଳୀ ନଦୀ ଉପରେ ରେବତୀଗୁଡ଼ା ଆଇଏସ୍‌ଏସ, ଗଞ୍ଜାମ ଜିଲ୍ଲାର ବାହୁଦା ନଦୀ ଉପରେ ଭୀମପୁର ଆଇଏସ୍‌ଏସ୍, କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ବ୍ଲକ୍ ଅନ୍ତର୍ଗତ ନିଝରିଦରା ଗ୍ରାମ ନିକଟରେ ମୁରଲୀଯୋର ଆଇଏସ୍‌ଏସ୍ ଏବଂ ମହାନଦୀର ପ୍ରମୁଖ ଉପନଦୀ ଅଙ୍ଗ ନଦୀ ଉପରେ ବଲାଙ୍ଗୀର ଓ ସୋନପୁର ଜିଲ୍ଲାର ଲୋକଙ୍କ ପାଇଁ କୁଟାସିଂହା ବ୍ୟାରେଜ୍ ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ବର୍ଷା ଋତୁରେ ନଦୀ ମଧ୍ୟରେ ପ୍ରବାହିତ ଅତିରିକ୍ତ ଜଳକୁ ସଂରକ୍ଷଣ କରାଯାଇ ଗ୍ରୀଷ୍ମ ଋତୁ ତଥା ଅଣବର୍ଷା ସମୟରେ ଜଳର ଉପଲବ୍ଧତା ବୃଦ୍ଧି କରାଯାଇପାରିବ। ସଂରକ୍ଷିତ ଜଳ ଭୂତଳ ଜଳସ୍ତର ବୃଦ୍ଧିରେ ସହାୟକ ହେବା ସହ କୂଅ ଓ ନଳକୂପର ଜଳ ଉପଲବ୍ଧତାକୁ ସୁଦୃଢ଼ କରିବ। ଏହାଦ୍ୱାରା ଜଳାଭାବ ପ୍ରବଣ ଅଞ୍ଚଳରେ ଜଳ ସୁରକ୍ଷା ବୃଦ୍ଧି ପାଇବ। ପାନୀୟ ଜଳ ଯୋଗାଣ ସହ ଏହି ପ୍ରକଳ୍ପଗୁଡ଼ିକ ଜଳସେଚନ, ପଶୁପାଳନ ଓ ଅନ୍ୟାନ୍ୟ ଗ୍ରାମୀଣ ଜୀବିକା କାର୍ଯ୍ୟକଳାପକୁ ମଧ ସହାୟତା ପ୍ରଦାନ କରିବ। ବିଶେଷକରି ଧୁଆଁପଦର, ମୁରଲୀଯୋର ଓ ରେବତୀଗୁଡ଼ା ପ୍ରକଳ୍ପ ମତ୍ସ୍ୟଚାଷ ଓ ଆନୁଷଙ୍ଗିକ ଜୀବିକା ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ। ଫଳରେ ସ୍ଥାନୀୟ ଲୋକଙ୍କ ଆୟ ବୃଦ୍ଧି ସହ ଗ୍ରାମୀଣ ଅର୍ଥନୀତି ସୁଦୃଢ଼ ହେବ। ୨୦୨୪ ମସିହାଠାରୁ ରାଜ୍ୟ ସରକାର ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ କାର୍ଯ୍ୟକ୍ରମକୁ ମିଶନ୍ ମୋଡ୍‌ରେ ଆଗେଇ ନେଉଛନ୍ତି। ଜଳ ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନର ମୁକାବିଲା ଓ ଦୀର୍ଘମିଆଦୀ ଜଳ ସୁରକ୍ଷାକୁ ଏହି କାର୍ଯ୍ୟକ୍ରମରେ ପ୍ରାଧାନ୍ୟ ଦିଆଯାଉଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ଜଳ ସଂରକ୍ଷଣ ଓ ସ୍ଥାୟୀ ଜଳସମ୍ପଦ ଭିତ୍ତିଭୂମିର ବିକାଶକୁ ଗୁରୁତ୍ୱ ଦେଇଆସୁଛନ୍ତି। ଏହି ପାଞ୍ଚଟି ପ୍ରକଳ୍ପ ରାଜ୍ୟର ଜଳ ସୁରକ୍ଷାକୁ ସୁଦୃଢ଼ କରିବା ସହ ଗ୍ରାମୀଣ ଜୀବିକାର ବିକାଶ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ହେବ।

୧୭ ଖେଳାଳିଙ୍କୁ ଅର୍ଜୁନ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୧୩।୧୧ (ମହାଭାରତ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ଜାତୀୟ କ୍ରୀଡ଼ା ପୁରସ୍କାର-୨୦୨୫ ପ୍ରଦାନ କରିଛନ୍ତି। ବ୍ୟାଡମିଣ୍ଟନ ଖେଳାଳି ତ୍ରିଶା ଜଲ୍ଲୀ ଓ ଗାୟତ୍ରୀ ଗୋପୀଚାନ୍ଦ, ଚେସ୍ ଖେଳାଳି ଦିବ୍ୟା ଦେଶମୁଖ ଓ ବିଦିତ ଗୁଜରାଟୀ ଏବଂ ଡେକାଥଲନ୍ ଆଥଲେଟ୍ ତେଜସ୍ୱିନ ଶଙ୍କରଙ୍କ ସମେତ ୧୭ ଜଣ ଖେଳାଳିଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଛି। ତେବେ ଏଥର କୌଣସି ଖେଳାଳିଙ୍କୁ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ମିଳିନାହିଁ। ୨୦୧୪ ପରେ ପ୍ରଥମ ଥର ପାଇଁ କାହାକୁ ଏହି ପୁରସ୍କାର ପ୍ରଦାନ କରାଯାଇନାହିଁ। ଶୁକ୍ରବାର ରାଷ୍ଟ୍ରପତି ଭବନରେ ଆୟୋଜିତ ସମାରୋହରେ ଫୁଟବଲ ଖେଳାଳି ଇସାୟା ଅରୁମନାୟଗମଙ୍କୁ ଅର୍ଜୁନ ପୁରସ୍କାର (ଆଜୀବନ ସାଧନା) ପ୍ରଦାନ କରାଯାଇଥିଲା। ଆଥଲେଟିକ୍ସ କୋଚ୍ ପରବୀର ସିଂହ, ବକ୍ସିଂ କୋଚ୍ ଛୋଟେଲାଲ ଯାଦବ ଏବଂ ଶୁଟିଂ କୋଚ୍ ନେହା ନନ୍ଦକୁମାର ଚୌହାନଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ବକ୍ସିଂ କୋଚ୍ ଧର୍ମେନ୍ଦ୍ର ସିଂହ ଯାଦବ ଏବଂ କୁସ୍ତି କୋଚ୍ ବୀରେନ୍ଦ୍ର କୁମାରଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାରର ଆଜୀବନ ସାଧନା ବର୍ଗରେ ସମ୍ମାନ ପ୍ରଦାନ କରାଯାଇଥିଲା।

ଅର୍ଜୁନ ପୁରସ୍କାର ପାଇଥିବା ଖେଳାଳିଙ୍କ ମଧ୍ୟରେ ବିଶ୍ୱକପ୍ ବିଜୟିନୀ ଚେସ୍ ଖେଳାଳି ଦିବ୍ୟା ଦେଶମୁଖ, ଚେସ୍ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଦଳର ସଦସ୍ୟ ବିଦିତ ଗୁଜରାଟୀ, ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପଦକ ବିଜେତା ତେଜସ୍ୱିନ ଶଙ୍କର ଏବଂ ମହିଳା ବ୍ୟାଡମିଣ୍ଟନ ଯୁଗଳ ଯୋଡ଼ି ତ୍ରିଶା ଜଲ୍ଲୀ ଓ ଗାୟତ୍ରୀ ଗୋପୀଚାନ୍ଦ ସାମିଲ ଅଛନ୍ତି। ଏହାବ୍ୟତୀତ ଆଥଲେଟିକ୍ସରେ ମହମ୍ମଦ ଅଜମଲ ବରିୟାଥୋଡି ଏବଂ ରେସ୍ ୱାକର ପ୍ରିୟଙ୍କା ଗୋସ୍ୱାମୀ, ବକ୍ସିଂରେ ନରେନ୍ଦ୍ର ବେରୱାଲ, ହକିରେ ତାଲରେମସିଆମି ହର୍ଜୋଟ ଓ ରାଜକୁମାର ପାଲ, କବାଡ଼ିରେ ସୁରଜିତ ଓ ପୂଜା, ରୋଇଂରେ ଅରବିନ୍ଦ ସିଂହ ଏବଂ ଶୁଟିଂରେ ଅଖିଲ ଶ୍ୟୋରାଣଙ୍କୁ ମଧ ଅର୍ଜୁନ ପୁରସ୍କାର ଦିଆଯାଇଛି। ପାରା କ୍ରୀଡ଼ା ବର୍ଗରେ ଏକତା ଭ୍ୟାନ୍ ଓ ରୁଦ୍ରାଂଶ ଖଣ୍ଡେଲୱାଲଙ୍କୁ ଏହି ସମ୍ମାନ ମିଳିଛି। ପାରା ଶୁଟର ଧନୁଷ ଶ୍ରୀକାନ୍ତଙ୍କୁ ମଧ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଛି।



ଦିବ୍ୟା ଦେଶମୁଖ ୨୦୨୫ରେ ଫିଡେ ମହିଳା ବିଶ୍ୱକପ୍ ଜିତି ଏହି ଟାଇଟଲ ହାସଲ କରିବାରେ ପ୍ରଥମ ଭାରତୀୟ ମହିଳା ହେବାର ଗୌରବ ଅର୍ଜନ କରିଥିଲେ। ବାକୁଠାରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ସେ ଭାରତର ଅଭିଜ୍ଞ ଖେଳାଳି କୋନେରୁ ହମ୍ପିଙ୍କୁ ରାପିଡ୍ ଟାଇବ୍ରେକ୍‌ରେ ୧.୫-୦.୫ରେ ପରାସ୍ତ କରିଥିଲେ। ସେହିପରି ତେଜସ୍ୱିନ ଶଙ୍କର ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଡେକାଥଲନ୍‌ରେ କାଂସ୍ୟ ପଦକ ଜିତି ଇତିହାସ ରଚିଥିଲେ। ଏହି ଇଭେଣ୍ଟରେ ପଦକ ଜିତିବାରେ ସେ ପ୍ରଥମ ଭାରତୀୟ ଆଥଲେଟ୍ ହୋଇଥିଲେ। ବିଦିତ ଗୁଜରାଟୀ ୨୦୨୪ ଚେସ୍ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଦଳର ସଦସ୍ୟ ଥିଲେ। ସମାରୋହରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିଥିବା ପ୍ରମୁଖ ଖେଳାଳିଙ୍କ ମଧ୍ୟରେ ଦିବ୍ୟା ଦେଶମୁଖ, ବିଦିତ ଗୁଜରାଟୀ, ବକ୍ସର ନରେନ୍ଦ୍ର ବେରୱାଲ ଏବଂ ଯୁବ ବଧିର ଶୁଟର ଧନୁଷ ଶ୍ରୀକାନ୍ତ ସାମିଲ ଥିଲେ। ତ୍ରିଶା ଜଲ୍ଲୀ ଓ ଗାୟତ୍ରୀ ଗୋପୀଚାନ୍ଦ ଜାପାନ ମାଷ୍ଟର୍ସ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବାରୁ ସମାରୋହରେ ଯୋଗଦେଇ ପାରିନଥିଲେ। ୧୯୬୨ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଫୁଟବଲ ଦଳର ସଦସ୍ୟ ଇସାୟା ଅରୁମନାୟଗମଙ୍କୁ କ୍ରୀଡ଼ା କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ଅର୍ଜୁନ ପୁରସ୍କାରର ଆଜୀବନ ସାଧନା ବର୍ଗରେ ସମ୍ମାନିତ କରାଯାଇଥିଲା। ଏହାବ୍ୟତୀତ ରାଷ୍ଟ୍ରପତି ପୁଣେର ଆର୍ମି ପାରାଲିମ୍ପିକ୍ ନୋଡ୍‌କୁ ଜାତୀୟ କ୍ରୀଡ଼ା ପ୍ରୋତ୍ସାହନ ପୁରସ୍କାର ପ୍ରଦାନ କରିଥିଲେ। ଲେଫ୍ଟନାଣ୍ଟ କର୍ଣ୍ଣେଲ ଦଲଜିତ ସିଂହ ରାଷ୍ଟ୍ରପତିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। କ୍ରୀଡ଼ାର ପ୍ରୋତ୍ସାହନ ଓ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ସଂସ୍ଥା ଏବଂ ଅଣସରକାରୀ ସଂଗଠନଗୁଡ଼ିକୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ।



ଜୀବନଚର୍ଯ୍ୟା



ମୁଗଡାଲି କଟ୍‌ଲେଟ୍

ଆବଶ୍ୟକ ସାମଗ୍ରୀ: ମୁଗ ଡାଲି,ସିଝା ଆଳୁ, ବ୍ରେଡ କ୍ରମ୍, କଟା ଧନିଆପତ୍ର, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ,ଗରମ ମସଲା, ହେଙ୍ଗୁ, କଟା ଅଦା କଞ୍ଚାଲଙ୍କା, ସ୍ୱାଦ ଅନୁସାରେ ଲୁଣ ଓ ତେଲ ।
ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗୋଟିଏ ପାତ୍ରରେ ସିଝା ଆଳୁ, ମୁଗ ଡାଲି, ଲଙ୍କା ଗୁଣ୍ଡ, ଲୁଣ ଗରମ ମସଲା,କଟା ଅଦା, ଧନିଆ ପତ୍ର ,ଧନିଆ ପାଉଡର, ହେଙ୍ଗୁ ଓ କଟା କଞ୍ଚା ଲଙ୍କା ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଏହି ମିଶ୍ରଣକୁ ଗୋଲ ଗୋଲ କରି ବ୍ରେଡ କ୍ରମ୍ବରେ ଏପଟ ସେପଟ କରି ରଖନ୍ତୁ । ଏବେ ଏକ କଡେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଗଲା ପରେ ମିଶ୍ରଣରୁ ପ୍ରସ୍ତୁତ କଟଲେଟ ଗୁଡିକୁ ଛାଣନ୍ତୁ । ଦୁଇପଟ ଲାଲ୍ ହୋଇଗଲେ ଏହାକୁ ପ୍ଲେଟକୁ କାଢିଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା 'ମୁଗଡାଲି କଟଲେଟ୍' । ଏହାକୁ ପୋଦିନା ଚଟଣୀ କିମ୍ବା ସସ୍ ସହିତ ପରଷନ୍ତୁ ।



ଖବର

ସେନ୍‌ସର ଅପେକ୍ଷାରେ 'ରହସ୍ୟମ୍'



ଆୟୁଷ ଫିଲ୍ମସ ବ୍ୟାନରରେ ନିର୍ମିତ ତଥା ସୁମନ୍ ବର୍ମାଙ୍କ ପ୍ରଯୋଜିତ ନୂଆ ଓଡ଼ିଆ ଛବି 'ରହସ୍ୟମ୍'ର ପୋଷ୍ଟ ପ୍ରଡକସନ୍ କାମ ସରିଛି। ଏହା ଏବେ ସେନ୍‌ସର ଅପେକ୍ଷାରେ ରହିଛି। 'ପ୍ରେମ୍ ୱେଡ୍‌ସ୍ ପ୍ରିୟା' ଓ 'ଓୟେ ଅଞ୍ଜଳି' ଫେମ୍ ରମାଶଙ୍କର ଏହାର ରଚନା ଓ ନିର୍ଦ୍ଦେଶନ। ଦେଇଛନ୍ତି। ଅଶ୍ୱିନୀ ଗଡ଼ନାୟକ ଏହାର କ୍ରିଏଟିଭ୍ ଡିରେକ୍ଟର୍ ଅଛନ୍ତି। ଏହି ଫିଲ୍ମରେ ସନ୍ଧିତ ଆଚାର୍ଯ୍ୟ, ମାନବୀ ପଟେଲ, ମିଲି (ଜ୍ୟୋତିର୍ମୟୀ) ବଳ, ଶ୍ରୀତମ ଦାସ, ହୃଷୀକେଶ, ପ୍ରତିଭା ପଣ୍ଡା, କେ. କେ ପ୍ରମୁଖ ମୁଖ୍ୟ ଭୂମିକାରେ ଅଛନ୍ତି। ଏହାର ସୁଟିଂ ଜମ୍ମୁ କଶ୍ମୀର, ଉତ୍ତରାଖଣ୍ଡ, ଭୁବନେଶ୍ୱର ଓ କଟକରେ କରାଯାଇଛି।ଏକ କାଳ୍ପନିକ କାହାଣୀ ଆଧାରିତ ହରର୍ ଓ ଥ୍ରିଲର 'ରହସ୍ୟମ୍'ର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପ୍ରେମ ଆନନ୍ଦ। ବସନ୍ତ ରାଜ ସାମଲ, ସୁବ୍ରତ ସ୍ୱାଇଁ, ଅରୁଣ ମନ୍ତ୍ରୀ ଓ ପ୍ରେମ ଆନନ୍ଦ ଗୀତ ରଚନା କରିଥିବା ବେଳେ ଛଅଟି ଗୀତରେ କଣ୍ଠଦାନ କରିଛନ୍ତି ଉଦିତ ନାରାୟଣ, ଦୀପ୍ତିରେଖା, ହ୍ୟୁମାନ ସାଗର, ଅନନ୍ୟା ଶ୍ରୀତମ ନନ୍ଦ, ଆଶୁତୋଷ, ସବିଶେଷ ମିଶ୍ର, ଅନ୍ତରା ଚକ୍ରବର୍ତ୍ତୀ, ପ୍ରୟାଣ ହୋତା, ଶ୍ରୀଚରଣ ମହାନ୍ତି ଓ ସନ୍ଧିତ ଦାସ। ଫିଲ୍ମଟିକୁ ଡିସେମ୍ବରରେ ରିଲିଜ୍ କରିବା ଲକ୍ଷ୍ୟ ରଖିଛି ପ୍ରଯୋଜନା ସଂସ୍ଥା।


ଏହି ନାମର ବ୍ୟକ୍ତିଙ୍କୁ ମିଳି ନଥାଏ ପ୍ରକୃତ ପ୍ରେମ

ପ୍ରାୟତଃ ଦେଖାଯାଏ ନିଜର ସ୍ୱଭାବ ଯୋଗୁଁ ପ୍ରକୃତ ପ୍ରେମକୁ ହରାଇବସିଥାଉ। ଯାହାକି ପୂରା ଜୀବନକୁ ପ୍ରଭାବିତକରିଥାଏ। ତେବେ ଆସନ୍ତୁ ଜାଣିବା କେଉଁ ବ୍ୟକ୍ତି ତାଙ୍କର ପ୍ରକୃତ ପ୍ରେମକୁ ହାରାଇବସିଥାନ୍ତି। ଏହି ତିନି ଅକ୍ଷରରୁ ନାଁ ଆରମ୍ଭ ହେଉଁଥିବା ବ୍ୟକ୍ତିଙ୍କୁ ମିଳି ନଥାଏ ପ୍ରକୃତ ପ୍ରେମ। ଜାଣନ୍ତୁ ଏହି ଅକ୍ଷର ବିଷୟରେ।

'ଏ'ଅକ୍ଷରରେ ଥିବା ବ୍ୟକ୍ତି : ଏ ଅକ୍ଷରରେ ନାମ ଆରମ୍ଭ ହେଉଥିବା ବ୍ୟକ୍ତି ବହୁତ ଚତୁର ହୋଇଥାନ୍ତି। ଏହି ବ୍ୟକ୍ତି ମାନଙ୍କୁ ଜୀବନରେ ଅନେକ ସଫଳତା ମିଳିଥାଏ। କିନ୍ତୁ ଲୋକମାନେ ଏହି ବ୍ୟକ୍ତିଙ୍କୁ ନିଜର ସ୍ୱାର୍ଥ ପାଇଁ ବ୍ୟବହାର କରିଥାନ୍ତି। କାମ ସରିଗଲା ପରେ ସହଜରେ ଧୋକା ଦେଇ ଦିଅନ୍ତି।

'ପି' ଅକ୍ଷରରେ ଥିବା ବ୍ୟକ୍ତି: ଏହି ଅକ୍ଷରର ବ୍ୟକ୍ତି ମାନେ ସରଳ ହୋଇଥାନ୍ତି। ଯାହାର ଫାଇଦା ଲୋକ ମାନେ ଉଠାନ୍ତି ଏବଂ ପରେ ସେମାନଙ୍କୁ ଦୁଃଖ ଦିଅନ୍ତି। ଏହି ବ୍ୟକ୍ତି ମାନେ ନିଜ ପାର୍ଟନରଙ୍କ କଥାକୁ ଇଗନୋର କରିଥାନ୍ତି। ଯାହା ଦ୍ୱାରା ନିଜର ପ୍ରକୃତ ପ୍ରେମକୁ ହରାଇଥାନ୍ତି।

'ଏସ'ଅକ୍ଷରରେ ଥିବା ବ୍ୟକ୍ତି: ଏହି ଅକ୍ଷରର ବ୍ୟକ୍ତି ମାନେ ନିଜର ଜୀବନସାଥୀ ପାଇଁ ଉତ୍ସର୍ଗ ଥାନ୍ତି। ଯାହାର ଫାଇଦା ଲେକେ ବେଶ ଉଠାନ୍ତି। ଏହି ଅକ୍ଷରର ବ୍ୟକ୍ତି ମାନେ ଜୀବନରେ ଅନେକ ସଫଳତା ପାଇଥାନ୍ତି ହେଲେ ପ୍ରେମ ଜନିତ ପ୍ରସଙ୍ଗରେ ଏମାନେ ବେଶ ପଛରେ ଥାନ୍ତି। ଯାହା ଫଳରେ ଏମାନଙ୍କୁ ନିଜର ପ୍ରକୃତ ପ୍ରେମ ମିଳିନଥାଏ।



ବିବେକରୂପୀ ଜ୍ଞାନ ଦୂରକରେ ହୃଦୟର ଅନ୍ଧକାର

ଭଗବାନ ଶ୍ରୀରାମ ବେଳେ ବେଳେ ଗୁରୁ ବଶିଷ୍ଠଙ୍କ ଆଶ୍ରମକୁ ଯାଇ ତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁଥିଲେ। ଦିନେ ସତ୍‌ପୁରୁଷଙ୍କ ସହ ସତ୍‌ସଙ୍ଗ କରିବାର ମହତ୍ତ୍ୱ ବିଷୟରେ ଶ୍ରୀରାମ ପଚାରିଲେ । ତାଙ୍କୁ ବୁଝାଇବାକୁ ଯାଇ ଗୁରୁ ବଶିଷ୍ଠ କହିଲେ, ଯେପରି ଦୀପ ଅନ୍ଧାରକୁ ନଷ୍ଟ କରିଥାଏ, ସେହିପରି ବିବେକ ଜ୍ଞାନ ସମ୍ପନ୍ନ ମହାପୁରୁଷ ହୃଦୟରେ ଥିବା ଆନନ୍ଦରୂପୀ ଅନ୍ଧକାରକୁ ହଟାଇବା ଲାଗି ସମର୍ଥ ହୋଇଥାଏ । ସେଥିପାଇଁ ସମସ୍ତ ଧର୍ମଗ୍ରନ୍ଥରେ ପ୍ରତିଦିନ ସତ୍‌ସଙ୍ଗ ଏବଂ ଶାସ୍ତ୍ର ବ୍ୟାଖ୍ୟାନ କରିବା ପାଇଁ ପରାମର୍ଶ ଦିଆଯାଇଛି । ମହର୍ଷି ବଶିଷ୍ଠ ଆହୁରି କହିଥିଲେ ଯେ ବିବେକୀ ମହାପୁରୁଷମାନେ ଇନ୍ଦ୍ରିୟ ଅନୁଗ୍ରାହୀ ହୋଇଥାନ୍ତି, ବୈରାଗୀ ତଥା ପ୍ରତିକ୍ଷଣରେ ବ୍ରହ୍ମ ଚିନ୍ତନ କରିଥାନ୍ତି । ଏଭଳି ମହାପୁରୁଷଙ୍କ ଠାରେ ତମୋଗୁଣର ଅଭାବ ରହିଥାଏ, ରଜୋଗୁଣ ଠାରୁ ଏମାନେ ଦୂରରେ ରହିଥାନ୍ତି । ଏମାନଙ୍କ ହୃଦୟରେ ସଂସାର ପ୍ରତି ବୈରାଗ୍ୟ ସୁଦୃଢ଼ ଥାଏ । ପୁଣ୍ୟ ବଳରେ ଏଭଳି ସତ୍‌ପୁରୁଷଙ୍କ ସାନ୍ନିଧ୍ୟ ମିଳିବା ସମ୍ଭବ । ଆନନ୍ଦ ସ୍ୱରୂପ ଆତ୍ମାର ଅନୁଭୂତି ହେବା ଦ୍ୱାରା ସାଧକ ଧନ-ସମ୍ପତ୍ତି, ଭୋଗ-ବୈଭବ ତ୍ୟାଗ କରିବା ଲାଗି ସର୍ବଦା ତତ୍ପର ରହିଥାଏ । ଏଥର ଶ୍ରୀରାମ ପଚାରିଲେ, ଗୁରୁବର, ଏଭଳି ମହାପୁରୁଷଙ୍କ ସର୍ବୋତ୍କୃଷ୍ଟ ଗୁଣ କ'ଣ ? ବଶିଷ୍ଠ କହିଲେ, ସେହି ଗୁଣର ନାମ ହେଉଛି ବିବେକ । ବିବେକ ଅଧିକାରୀ ପୁରୁଷର ହୃଦୟରୂପୀ



ଗୁମ୍ଫା ଏଭଳି ହୋଇଥାଏ, ଯେପରି ନିର୍ମଳ ଆକାଶରେ ଚନ୍ଦ୍ର । ବିବେକ ହିଁ ଅଜ୍ଞାନୀ ଜୀବକୁ ଜ୍ଞାନ ପ୍ରଦାନ କରିଥାଏ । ଜ୍ଞାନସ୍ୱରୂପ ଆତ୍ମା ହିଁ ପରମେଶ୍ୱର । ଜ୍ଞାନରୂପୀ ସୂର୍ଯ୍ୟ ଉଦୟ ହେବା ମାତ୍ରେ ସଂସାର ରୂପୀ ରାତ୍ରି ବିତିଯାଇ ମନରେ ଥିବା ପିଶାଚ ନଷ୍ଟ ହୋଇଯାଇଥାଏ ।

ଆଙ୍ଗୁଠି କଳାପଣ ଦୂର କରିବାକୁ ଆପଣାନ୍ତୁ ଏହି ଟିପ୍ସ



ଆପଣଙ୍କ ଆଙ୍ଗୁଠି ସୁନ୍ଦର ଦେଖାଗଲେ ଆପଣଙ୍କ ହାତ ମଧ୍ୟ ସୁନ୍ଦର ଦେଖାଯାଏ। ଯଦି ଆପଣଙ୍କ ଆଙ୍ଗୁଠି କଳା ଦେଖାଯାଏ ତେବେ ଆପଣ ଯେତେ ମହଙ୍ଗା ଜୁଏଲାରୀ ପିନ୍ଧନ୍ତୁ ନା କାହିଁକି, ସବୁ ଫିକା ଦେଖାଯାଏ । ଆଙ୍ଗୁଠି କଳା ଦେଖାଯିବା ଏକ ସାଧାରଣ ସମସ୍ୟା । ଏପରି କେତେକ ଘରୋଇ ଉପାୟ ରହିଛି, ଯାହାକୁ ବ୍ୟବହାର କରି ଏହି ସମସ୍ୟାରୁ ମୁକ୍ତି ପାଇପାରିବେ ।

ବାଦାମ ତେଲ : ରାତିରେ ଶୋଇବା ପୂର୍ବରୁ କିଛି ବାଦାମ ତେଲକୁ ଗୋଲାପ ଜଳରେ ମିଶାଇ ହାତ ଏବଂ ଆଙ୍ଗୁଠିରେ ମସାଜ କରନ୍ତୁ । ପରେ ଏହାକୁ ବେକିଂ ସୋଡାକୁ ଗରମ ପାଣିରେ ମିଶାଇ ଦିଅନ୍ତୁ। ଏବେ ଏହି ପାଣିରେ ୧୫ ମିନିଟ୍ ହାତକୁ ବୁଡାଇ ରଖନ୍ତୁ । ତା' ପରେ ହାତକୁ ଥଣ୍ଡା ପାଣିରେ ଧୋଇଦିଅନ୍ତୁ। ସପ୍ତାହକୁ ୨ କିମ୍ବା ୩ ଥର ଏପରି କରନ୍ତୁ ।

ବେସନ : ଅଧା ଚାମଚ ବେସନରେ ଏକ ଚାମଚ ପାଣି ମିଶାନ୍ତୁ। ଏହି ପେଷ୍ଟକୁ ଆଙ୍ଗୁଠିରେ ମସାଜ କରନ୍ତୁ । ୧୫ ମିନିଟ୍ ପର୍ଯ୍ୟନ୍ତ ଏହାକୁ ଶୁଖିବାକୁ ଦିଅନ୍ତୁ ଏବଂ ପରେ ରଗଡି କରି ସଫା କରିଦିଅନ୍ତୁ । ପରେ ହାତକୁ ଅଳ୍ପ ଉଷୁମ ପାଣିରେ ଧୋଇଦିଅନ୍ତୁ । ଏହି ଉପାୟକୁ ସପ୍ତାହକୁ ୨ରୁ ୩ ଥର କରନ୍ତୁ ।

ଟମାଟର ଏବଂ ଲେମ୍ବୁ : ତ୍ୱଚକୁ ଚମକ କରିବା ପାଇଁ ଟମାଟର ଏବଂ ଲେମ୍ବୁ ବଡ କାମରେ ରହିଥାଏ । ଏହା ବ୍ଲିଚିଂ ଏଜେଣ୍ଟ ଭାବେ କାମ କରିଥାଏ । ଯାହା ସ୍କିନକୁ ସଫା କରି ଗୋରା କରିଥାଏ। ଆପଣ ପ୍ରତିଦିନ ଏକ ଛୋଟ ଟମାଟ କିମ୍ବା ଲେମ୍ବୁ ଖଣ୍ଡ ହାତରେ ଘସିପାରିବେ ।



ଚକ୍ଷୁ ସମସ୍ୟାରୁ ମୁକ୍ତି ଦିଏ ପେଷ୍ଟା

ନିଜକୁ ସୁସ୍ଥ ସବଳ ରଖିବା ପାଇଁ ଆମେ ପ୍ରତିଦିନ ବିଭିନ୍ନ ପ୍ରକାର ପୋଷଣ ଯୁକ୍ତ ଖାଦ୍ୟ ଖାଇଥାଉ । ଭୁରି ଭୋଜନ ବ୍ୟତୀତ ଆମେ ଏମିତି କିଛି ଖାଦ୍ୟ ବି ଖାଇଥାଉ ଯାହା ସ୍ୱାଦିଷ୍ଟ ହେବା ସହ



ଶରୀରରକୁ ବିଭିନ୍ନ ଜରୁରୀ ଉପାଦାନ ଯୋଗାଇଥାଏ। ଆଜିକା ସମୟରେ ଅଧିକାଂଶ ଲୋକେ ପ୍ରତିଦିନ କିଛି କିଛି ଡ୍ରାଏ ଫ୍ରୁଟସ ଖାଇବା ଅଭ୍ୟାସ କଲେଣି । ଏହି ଡ୍ରାଏ ଫ୍ରୁଟସ ମଧ୍ୟରୁ ପେସ୍ତା ହେଉଛି ଅନ୍ୟତମ । ଆଉ ମଧ୍ୟ ଏଥିରେ ଥିବା ଭରପୁର ଆଣ୍ଟି ଅକ୍ସିଡେଣ୍ଟ ହୃଦରୋଗ, କ୍ୟାନ୍ସର ପରି ରୋଗ ସହ ଲଢ଼ିବାରେ ସାହାଯ୍ୟ କରେ । ତେବେ ଆସନ୍ତୁ ଆଜି ପେସ୍ତାର ଆଉ କିଛି କିଛି ଉପାଦେୟ ଗୁଣ ବିଷୟରେ ଜାଣିବା ।

ଅତ୍ୟଧିକ ପ୍ରଦୂଷଣ, ଅନିୟମିତ ଦିନଚର୍ଯ୍ୟା କାରଣରୁ ଖୁବ କମ ବୟସରୁ ଅଧିକାଂଶ ଲୋକେ ଚକ୍ଷୁ ଜନିତ ସମସ୍ୟାରେ ପୀଡିତ ହେଉଛନ୍ତି । ଏଥିରେ ଥିବା ଆଣ୍ଟିଆକ୍ସିଡେଣ୍ଟ ଲ୍ୟୁଟିନ, ଜ୍ୱାଥିନ ମୋତିୟାବିନ୍ଦୁ ଓ ବୟସ ଜନିତ ଚକ୍ଷୁ ସମସ୍ୟାରୁ ମୁକ୍ତି ଦେଇଥାଏ । ଏହାବ୍ୟତୀତ ପେସ୍ତା କାର୍ବୋହାଇଡ୍ରେଟ, ଫାଇବର , ଫ୍ୟାଟ, ଆମିନା ଏସିଡ ମୁହଁ ଦୁର୍ଗନ୍ଧ, ମୁଣ୍ଡ ବିନ୍ଧା, କୋଷ୍ଠକାଠିନ୍ୟ, କୁଣ୍ଡେଇ ହେବା ଆଦି ସମସ୍ୟାରୁ ମୁକ୍ତି ଦେଇଥାଏ । ଖାଲି ସେତିକି ନୁହେଁ ପାଚନ ସମସ୍ୟାକୁ ବି ଏହା ସୁଧାରି ଥାଏ । ଶରୀରରେ ସୁସ୍ଥ ବ୍ୟାକ୍ଟେରିଆ ସଂଖ୍ୟାକୁ ମଧ୍ୟ ବଢ଼ାଇ ଥାଏ । ପିସ୍ତା ତେଲରେ ମୁଣ୍ଡ ମାଲିସ କଲେ ମଧ୍ୟ ଦୀର୍ଘଦିନର ମୁଣ୍ଡ ଯନ୍ତ୍ରଣା ଦୂର ହୁଏ । ନିର୍ଦ୍ଦିଷ୍ଟ ମାତ୍ରାରେ ନିୟମିତ ସେବନ କରିବା ଦ୍ୱାରା ଥକ୍କା ପଣ ମେଣ୍ଟିବା ସହ ରକ୍ତରେ ଶର୍କରା ମାତ୍ରା ସନ୍ତୁଳିତ ରହିଥାଏ ।

ବିଭିନ୍ନ ରାସ୍ତା, ସେତୁ ଓ କୋଠାବାଡ଼ି ପ୍ରକଳ୍ପର ସମୀକ୍ଷା

ଭୁବନେଶ୍ୱର, ୧୩।୧୧ (ମହାଭାରତ): ଆଧୁନିକ ଯନ୍ତ୍ରପାତି ଓ ନୂତନ ଜ୍ଞାନକୌଶଳ ବ୍ୟବହାରକୁ ପ୍ରୋତ୍ସାହନ ଦେଇ ରାଜ୍ୟ ଏବେ ଆଗକୁ ବଢ଼ିବା ଆରମ୍ଭ କରିଛି । ନିକଟରେ ବାତ୍ୟା ଅର୍ଣ୍ଣବ ଓ ପରବର୍ତ୍ତୀ ପ୍ରବଳ ବର୍ଷା ଯୋଗୁଁ ବ୍ୟାପକ ଅଂଚଳରେ ରାସ୍ତା ଓ ସେତୁର କ୍ଷୟକ୍ଷତିକୁ ମାତ୍ର ୭୨ ଘଂଟା ମଧ୍ୟରେ ଗମନାଗମନଯୋଗ୍ୟ କରିବାରେ ପୂର୍ତ୍ତ ବିଭାଗର ଇଂଜିନିୟର ଓ ଅଧିକାରୀମାନେ ସଫଳ ହୋଇଛନ୍ତି, ଯାହା ସରକାରଙ୍କ ପାଇଁ ବଡ଼ ଉପଲବ୍ଧି । ଏହି ଉପଲବ୍ଧି ଆଧାରରେ ରାଜ୍ୟରେ ଚାଲୁଥିବା ରାସ୍ତା, ସେତୁ ଏବଂ କୋଠାବାଡ଼ି ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଭାଗୀୟ ଅଧିକାରୀ ଏବଂ ଇଂଜିନିୟରମାନଙ୍କୁ ପରାମର୍ଶ ଦେଇଛନ୍ତି ।

ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ସେଂଟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ରାଜ୍ୟରେ ଚାଲୁଥିବା ୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୨୦ଟି କୋଠାବାଡ଼ି ପ୍ରକଳ୍ପ, ୧୨ଟି ରାସ୍ତା ପ୍ରକଳ୍ପ, ୧୧ଟି ସେତୁ ପ୍ରକଳ୍ପ ସହ ଅନ୍ୟାନ୍ୟ ୨୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ସମୀକ୍ଷା କରିଥିଲେ। ବୈଠକରେ ପ୍ରକଳ୍ପଗୁଡ଼ିକର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଅବଗତ ହେବା ସହ ଜମି ଅଧିଗ୍ରହଣ, ୟୁଟିଲିଟି ସିଫଟିଂ , ଜଙ୍ଗଲ ଜମି ଆଦି ସମସ୍ୟାର ସମାଧାନ ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପଗୁଡ଼ିକର ପରିସମାପ୍ତି ନେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱ ଦେଇଥିଲା। ସେହିପରି ବୈଠକରେ ନିର୍ମାଣ ବିଭାଗର ପ୍ରମୁଖ ଶାସନ ସଚିବ ବିଭିନ୍ନ ପ୍ରକ୍ରିୟାଗୁଡ଼ିକର ତ୍ୱରିତ କାର୍ଯ୍ୟାନ୍ୱୟନ ସହ ୱ୍ରମିସ୍ ସଫଟୱେୟାର ଉପଯୋଗ କରିବା ନେଇ ପରାମର୍ଶ ଦେଇଥିଲେ। ବୈଠକରେ ଉଚ୍ଚ ନ୍ୟାୟାଳୟର କର୍ମଚାରୀଙ୍କ ଲାଗି ନିର୍ମାଣାଧୀନ ଆବାସିକ ପ୍ରକଳ୍ପ, ଆଡ୍‌ଭୋକେଟ୍ ଜେନେରାଲଙ୍କ ନୂତନ କାର୍ଯ୍ୟାଳୟ କୋଠା ନିର୍ମାଣ, ଯାଜପୁର ପ୍ରଶାସନିକ ଭବନ, କଟକ ଜିଲ୍ଲାପାଳ କାର୍ଯ୍ୟାଳୟ ଓ ନୂତନ କୋଠା ନିର୍ମାଣ,



ନୂଆଦିଲ୍ଲୀରେ ଓଡ଼ିଶା ଭବନ ନିର୍ମାଣ ପ୍ରକଳ୍ପ, ରାଜଭବନର ନୂତନ ଆବାସିକ ପ୍ରକଳ୍ପ ନିର୍ମାଣ, ଗୋପବନ୍ଧୁ ଏକାଡେମୀରେ ନୂତନ ହଷ୍ଟେଲ ଓ ଆବାସିକ କୋଠା ନିର୍ମାଣ, ମୟୂରଭଞ୍ଜର ଆୟୁର୍ବେଦିକ୍ ମେଡ଼ିକାଲ କଲେଜ ନିର୍ମାଣ, ନୂଆ ବୟନିକା ଭବନ, ଢେଙ୍କାନାଳ, ଭଦ୍ରକ ଓ ଜଗତସିଂହପୁର ମେଡ଼ିକାଲ କଲେଜ ନିର୍ମାଣ ପ୍ରକଳ୍ପ ସହ ବ୍ରାହ୍ମଣୀ ନଦୀରେ ତାଳଚେରଠାରେ ହାଇଲେବୁଲ୍ ସେତୁ, ମହାନଦୀର ସାଲେପୁରଠାରେ ହାଇଲେବୁଲ୍ ସେତୁ, ସୁବର୍ଣ୍ଣରେଖା ନଦୀରେ ଜଳେଶ୍ୱରଠାରେ ହାଇଲେବୁଲ୍ ସେତୁ ସହ ବ୍ରହ୍ମପୁର ରିଂ-ରୋଡ୍, କଟକ ରିଂ-ରୋଡ୍ ଠାରେ ୬ ଲେନ୍‌ବିଶିଷ୍ଟ ରାସ୍ତା ନିର୍ମାଣର ଅଗ୍ରଗତି ଏବଂ କେନ୍ଦ୍ରାପଡ଼ା ଜିଲ୍ଲାରେ ମାର୍ଶାଘାଇ-ଜମ୍ବୋ ରାସ୍ତାର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା । ଏଥି ସହ ଓବିସିସି ଅଧୀନରେ ଥିବା ଏସ୍ ?ସିବି କ୍ଲିନିକାଲ ଓ ରେସିଡେନ୍‌ସିଆଲ ବିଲ୍ଡିଂ, ରେଭେନ୍ସା କଲିଜିଏଟ୍ ସ୍କୁଲ ବିଲ୍ଡିଂ, ବିଧାୟକ କଲୋନୀ, ଜିଏ କ୍ୱାଟରସ୍, ଜୟଦେବ ବିହାର-ନନ୍ଦନକାନନ ରାସ୍ତା, ପୁରୀର ଜଗନ୍ନାଥ ବଲ୍ଲଭ ପାର୍କିଂ, ସମଙ୍ଗ ପାର୍କିଂ, ଦିଗବାରେଣୀଠାରେ ବହୁତଳ କାର ପାର୍କିଂ, କାଠଯୋଡ଼ି ନଦୀ ଉପରେ ଦ୍ୱିତୀୟ ହାଇଲେବୁଲ୍ ସେତୁ, ମହିମା ଗାଦିର ଉନ୍ନତିକରଣ, ମା ସାରଳା ମନ୍ଦିରର ଉନ୍ନତିକରଣ, ଯାଜପୁରଠାରେ ଷ୍ଟାଡ଼ିୟମ୍ ଓ ସ୍ପୋଟର୍ସ ଏକାଡେମୀ ନିର୍ମାଣ, ରାଉରକେଲା ଠାରେ ବ୍ରାହ୍ମଣୀ ନଦୀରେ ନୂତନ ସେତୁ ନିର୍ମାଣ, ବେଦବ୍ୟାସ ମନ୍ଦିର ନିକଟ ନଦୀ କୂଳର ସୌନ୍ଦର୍ଯ୍ୟକରଣ, ମା' ତାରିଣୀ ମନ୍ଦିରର ଉନ୍ନତି କରଣ, କେଉଁଝର ଆନନ୍ଦପୁର ଠାରେ ବୈତରଣୀ ନଦୀରେ ଦ୍ୱିତୀୟ ସେତୁ ନିର୍ମାଣ, ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ବ୍ଲକରେ ଓଙ୍ଗ ନଦୀରେ ହାଇ ଲେବୁଲ ସେତୁ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସମୀକ୍ଷା କରିଥିଲେ। ବୈଠକରେ ଓବିସିସି ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅନୁପମ ସାହା, ସ୍ୱତନ୍ତ୍ର ଶାସନ ସଚିବ ତଥା ସର୍ବୋଚ୍ଚ ଯନ୍ତ୍ରୀ ଇଂ ସମୀର ହୋତା, ସର୍ବୋଚ୍ଚ ଯନ୍ତ୍ରୀ (ସିଭିଲ୍ ଓ ରୋଡସ୍) ଇଂ ସତ୍ୟବ୍ରତ ବେହେରା, ସର୍ବୋଚ୍ଚ ଯନ୍ତ୍ରୀ ଇଂ ଧାନଚାନ୍ଦ ମହାନ୍ତି, ସର୍ବୋଚ୍ଚ ଯନ୍ତ୍ରୀ (ବିଲ୍‌ଡିଂ) ଇଂ ପ୍ରିୟବ୍ରତ ସାମନ୍ତରାୟ, ଓଏସ୍‌ଡ଼ି ଇଂ ଏଲ୍. କେ. ପାଢ଼ୀ, ସର୍ବୋଚ୍ଚ ଯନ୍ତ୍ରୀ ଇଂ ଜ୍ୟୋତି ରଞ୍ଜନ ସତପଥୀ, ଅତିରିକ୍ତ ଶାସନ ସଚିବ ଶ୍ରୀ ପ୍ରଦୀପ କୁମାର ସାହୁ, ଶ୍ରୀ ଦୀପ୍ତିରଞ୍ଜନ ବେହେରା, ମୁଖ୍ୟଯନ୍ତ୍ରୀ ଇଂ ଶିବବ୍ରତ ତରିଆ, ତ୍ରିନାଥ ବେହେରା, ତପନ କୁମାର ବେହେରା ଓ ପ୍ରଭାସ ମାଝୀ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ମନୋଜ ମହାନନ୍ଦଙ୍କ ସମେତ ବିଭିନ୍ନ ଜୋନ୍ ର ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

ଜଳ ସମ୍ପଦ ଯନ୍ତ୍ରୀ ଓ ଅଧିକାରୀଙ୍କୁ ପ୍ରଶିକ୍ଷଣ

ଭୁବନେଶ୍ୱର, ୧୩।୧୧ (ମହାଭାରତ): ରାଜ୍ୟର ଜଳ ସମ୍ପଦ କ୍ଷେତ୍ରରେ ସ୍ୱଚ୍ଛତା, ଦକ୍ଷତା ଓ ଉତରଦାୟିତ୍ୱ ବୃଦ୍ଧି କରିବା ଲକ୍ଷ୍ୟରେ ଜଳ ସମ୍ପଦ ବିଭାଗ ପକ୍ଷରୁ 'ୱାର୍କସ୍ ଆଣ୍ଡ ଆକାଉଂଟସ୍ ମ୍ୟାନେଜମେଂଟ ଇନଫରମେସନ୍ ସିଷ୍ଟମ୍' (ୱାମିସ୍) ମାଧ୍ୟମରେ ଡିଜିଟାଲ୍ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଛି। ଏହି ବ୍ୟବସ୍ଥା ଅଧୀନରେ ପ୍ରକଳ୍ପ ପରିଚାଳନା, ଆର୍ଥିକ ପ୍ରଶାସନ ଓ କାର୍ଯ୍ୟର ଅନୁଧ୍ୟାନକୁ ଏକକ ଡିଜିଟାଲ୍ ପ୍ଲାଟଫର୍ମରେ ସମନ୍ୱିତ କରାଯାଇଛି । ଏହି ପଦକ୍ଷେପର ଅଂଶସ୍ୱରୂପ ରାଜ୍ୟରେ ପର୍ଯ୍ୟାୟକ୍ରମେ ପ୍ରାୟ ୨୫ଟି ପ୍ରଶିକ୍ଷଣ ଅଧିବେଶନ ମାଧ୍ୟମରେ ୭୦୦ରୁ ଊର୍ଦ୍ଧ୍ୱ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ଏଥିରେ ବଜେଟ୍ ପରିଚାଳନା, ପ୍ରକଳ୍ପ ଯୋଜନା ଓ ଅନୁମୋଦନ, କାର୍ଯ୍ୟ ସମ୍ପାଦନ, ବିଲ୍ ପ୍ରସ୍ତୁତି, ହିସାବରକ୍ଷଣ, ଟ୍ରେଜେରୀ ସମନ୍ୱୟ ଏବଂ ଡ୍ୟାସ୍ ବୋର୍ଡ ମାଧ୍ୟମରେ କାର୍ଯ୍ୟ ଅନୁଧ୍ୟାନ ଆଦି ବିଷୟ ସାମିଲ ରହିଛି।

ୱାମିସ୍ ମାଧ୍ୟମରେ ପ୍ରକଳ୍ପର ଭୌତିକ ଅଗ୍ରଗତି ସହ ଆର୍ଥିକ ବ୍ୟୟର ନିରନ୍ତର ଅନୁଧ୍ୟାନ ସମ୍ଭବ ହୋଇପାରୁଛି। ଏହାର ମୋବାଇଲ୍ ଆଧାରିତ ଯାଂଚ ବ୍ୟବସ୍ଥା ଜିଓ-ଟ୍ୟାଗ୍ ଫଟୋ ସହ କ୍ଷେତ୍ରସ୍ତରରେ କାର୍ଯ୍ୟର ସ୍ଥିତି ଯାଂଚ କରିବାରେ ସହାୟକ ହେଉଛି । ସରକାରୀ ଇ-ପ୍ରୋକ୍ୟୁରମେଂଟ୍ ପ୍ଲାଟଫର୍ମ ସହ ୱାମିସ୍ ର ସମନ୍ୱୟ ଦ୍ୱାରା ଟେଣ୍ଡର ପ୍ରକ୍ରିୟା ଅଧିକ ସରଳ ଓ ସ୍ୱଚ୍ଛ ହୋଇପାରିଛି। ଟେଣ୍ଡର ପୂର୍ବବର୍ତ୍ତୀ ତଥ୍ୟ ଓ କାର୍ଯ୍ୟାଦେଶ ସମ୍ପର୍କିତ ବିବରଣୀର ଡିଜିଟାଲ୍ ଆଦାନପ୍ରଦାନ ଦ୍ୱାରା ପୁନରାବୃତି ତଥ୍ୟ ଏଂଟ୍ରି ଓ ମାନବୀୟ ତ୍ରୁଟି ହ୍ରାସ ପାଉଛି।

ଏହାସହ ୱାମିସ୍ ର ଏଜେନ୍ସି ଇଂଟରଫେସ୍ କାର୍ଯ୍ୟକ୍ଷମ ହୋଇଛି। ଏହା ମାଧ୍ୟମରେ ଠିକାଦାରମାନେ କାର୍ଯ୍ୟ ଯୋଜନା, ମାପ ଦାବି, ଜିଏସ୍‌ଟି ଇନଭଏସ୍ ଓ ଅନ୍ୟାନ୍ୟ ଆବଶ୍ୟକ ଆବେଦନ ଡିଜିଟାଲ୍ ମାଧ୍ୟମରେ ଦାଖଲ କରିପାରୁଛନ୍ତି। ମହାଲେଖାକାରଙ୍କ କାର୍ଯ୍ୟାଳୟ ଓ ରାଜ୍ୟ ଟ୍ରେଜେରୀ ସହ ସମନ୍ୱୟ ଦ୍ୱାରା ହିସାବର ମେଳକ ଓ ଆର୍ଥିକ ରିପୋର୍ଟିଂ ବ୍ୟବସ୍ଥା ମଧ୍ୟ ଅଧିକ ସୁଦୃଢ଼ ହୋଇଛି।

ଜେନେରାଲି ସେଣ୍ଟ୍ରାଲ ଲାଇଫ୍ ଇନସ୍ୟୁରାନ୍ସର 'ବଡା ସୋଚୋ ଫର୍ ୟୋର ବିନ୍ଦାସ ଡ୍ରିମ୍ସ'

ଭୁବନେଶ୍ୱର, ୧୩।୧୧ (ମହାଭାରତ): ଜେନେରାଲି ସେଣ୍ଟ୍ରାଲ ଲାଇଫ୍ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ (ଜିସିଏଲ୍‌ଆଇ) ଏହାର ଜାତୀୟ ବ୍ରାଣ୍ଡ ଅଭିଯାନର ସର୍ବଶେଷ ଅଧ୍ୟାୟ ଆରମ୍ଭ କରିଛି, ହିଅର.ନାଓ., ଏକ ସମନ୍ୱିତ ଭାରତ-କେନ୍ଦ୍ରିତ ମିଡିଆ ରଣନୀତି ଦ୍ୱାରା ସମର୍ଥିତ। ପିଲାମାନଙ୍କର ଭବିଷ୍ୟତ ଯୋଜନା ଏବଂ ଅବସର ପ୍ରସ୍ତୁତି ଉପରେ ଧ୍ୟାନ ଜାରି ରଖି, ଏହି ଅଭିଯାନ ବ୍ରାଣ୍ଡର 'ବଡା ସୋଚୋ ଫର୍ ୟୋର ବିନ୍ଦାସ ଡ୍ରିମ୍ସ' ଦର୍ଶନକୁ ଜୀବନ୍ତ କରିଥାଏ, ଗ୍ରାହକଙ୍କୁ ବଡ଼ ସ୍ୱପ୍ନ ଦେଖିବା ଏବଂ ପ୍ରତ୍ୟେକ ଜୀବନ ପର୍ଯ୍ୟାୟରେ ସେମାନଙ୍କର ଆକାଂକ୍ଷା ଉପରେ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଥାଏ। ଏକ ସମୟରେ ଯେତେବେଳେ ଶିକ୍ଷା ଖର୍ଚ୍ଚ ବୃଦ୍ଧି ପିତାମାତାଙ୍କୁ ଶୀଘ୍ର ଯୋଜନା ଆରମ୍ଭ କରିବାକୁ ପ୍ରେରିତ କରୁଛି ଏବଂ ଦୀର୍ଘାୟୁ ବୃଦ୍ଧି ଅବସରକାଳୀନ ଆବଶ୍ୟକତାକୁ ପୁନଃ ଆକାର ଦେଉଛି, ଏହି ଅଭିଯାନ ଭବିଷ୍ୟତ ପାଇଁ ଆଜି କାର୍ଯ୍ୟ କରିବାର ଗୁରୁତ୍ୱକୁ ଦୃଢ କରେ। ଉଦ୍ଦେଶ୍ୟକୁ କାର୍ଯ୍ୟରେ ପରିଣତ କରିବା ଉପରେ ଏହି ଅଭିଯାନର ଧ୍ୟାନ ଉପରେ ମନ୍ତବ୍ୟ ଦେଇ ଜେନେରାଲି ସେଣ୍ଟ୍ରାଲ ଲାଇଫ୍ ଇନସ୍ୟୁରାନ୍ସ ର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଆଲୋକ ରୁଙ୍ଗଟା କହିଛନ୍ତି, 'ଶିଶୁମାନଙ୍କର ଭବିଷ୍ୟତ ଯୋଜନା ଏବଂ ଅବସର ପ୍ରସ୍ତୁତି ଭାରତୀୟ ପରିବାର ପାଇଁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ପ୍ରାଥମିକତା ହୋଇ ରହିଛି ଏବଂ ମିଳିତ ଭାବରେ ଜୀବନ ବୀମା ବର୍ଗର ପ୍ରାୟ ୭୦% ଅଟେ । ଆକାଂକ୍ଷାର ବିକାଶ ଜାରି ରହିବା ସହିତ ବ୍ୟକ୍ତିବିଶେଷମାନେ ଅଧିକ ସମାଧାନ ଖୋଜୁଛନ୍ତି ଯାହା କେବଳ ସେମାନଙ୍କୁ ଏହି ଲକ୍ଷ୍ୟ ଦିଗରେ ନିର୍ମାଣ କରିବାରେ ସାହାଯ୍ୟ କରେ ନାହିଁ ବରଂ ଜୀବନର ଅନିଶ୍ଚିତତାରୁ ସେମାନଙ୍କୁ ରକ୍ଷା କରେ ।

ରାଜ୍ୟ ସରକାର ଏବଂ ଏମ୍ଏସ୍ ସ୍ୱାମୀନାଥନ୍ ଫାଉଣ୍ଡେସନ୍ ମଧ୍ୟରେ ଏମଓୟୁ

ଭୁବନେଶ୍ୱର, ୧୩।୧୧ (ମହାଭାରତ): ରାଜ୍ୟର କୃଷି ବ୍ୟବସ୍ଥାକୁ ଅଧିକ ସ୍ଥାୟୀ ଓ ଜଳବାୟୁ ସହନଶୀଳ କରିବା ସହ ପୁଷ୍ଟି ସୁରକ୍ଷା, ମହିଳା ସଶକ୍ତିକରଣ, ଜୈବବିବିଧତା ସଂରକ୍ଷଣ ଏବଂ ଗ୍ରାମୀଣ ଓ ଆଦିବାସୀ ସମ୍ପ୍ରଦାୟର ଜୀବିକାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ଉଦ୍ଦେଶ୍ୟରେ ଲୋକସେବା ଭବନଠାରେ ଓଡ଼ିଶା ସରକାର ଏବଂ ଏମ୍.ଏସ୍. ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍ (ଏମଏସଏସଆରଏଫ୍)ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଓଡ଼ିଶାମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓରଞ୍ଜନ କୁମାର ସିଂହ ଏବଂ ବିଭିନ୍ନ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏମଏସଏସଆରଏଫ୍ ର ଅଧ୍ୟକ୍ଷା ଡ. ସୌମ୍ୟା ସ୍ୱାମୀନାଥନ୍ ଓ ଅନ୍ୟ ପ୍ରତିନିଧିମାନେ ଏଥିରେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନା ଓ ସଂଯୋଜନ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଶୁଭାଶ୍ରୀ ନନ୍ଦ ଏବଂ ଫାଉଣ୍ଡେସନ୍ ପକ୍ଷରୁ ଡ. ସୌମ୍ୟା ସ୍ୱାମୀନାଥନ୍ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ।



ଏହି ସହଭାଗିତା ମାଧ୍ୟମରେ କୃଷି, ପୁଷ୍ଟି, ସ୍ୱାସ୍ଥ୍ୟ, ପରିବେଶ ଓ ଜୀବିକା କ୍ଷେତ୍ରରେ ବୈଜ୍ଞାନିକ ଗବେଷଣା, ପାରମ୍ପରିକ ଜ୍ଞାନ ଓ ସରକାରୀ ନୀତିର ସମନ୍ୱୟ କରାଯିବ। ଏମଏସଏସଆରଏଫ୍ ରାଜ୍ୟ ସରକାରଙ୍କ ବୈଷୟିକ ଜ୍ଞାନ ସହଯୋଗୀ (ଟେକ୍ନିକାଲ ନଲେଜ ପାର୍ଟନର) ଭାବେ କାର୍ଯ୍ୟ କରି ବିଭିନ୍ନ ବିଭାଗକୁ ନୀତି ପ୍ରଣୟନ, କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତି, ଗବେଷଣା, ଦକ୍ଷତା ବିକାଶ, ନବସୃଜନ ଓ କାର୍ଯ୍ୟକ୍ରମର ବିସ୍ତାର କ୍ଷେତ୍ରରେ ବୈଷୟିକ ସହଯୋଗ ଯୋଗାଇଦେବ।ଏହି ସହଯୋଗରେ ଜଳବାୟୁ ସହନଶୀଳ କୃଷି, କୃଷି-ପରିବେଶଭିତିକ ଚାଷ ପଦ୍ଧତି, ମିଲେଟ୍ ଓ ଅନ୍ୟାନ୍ୟ ବିକଳ୍ପ ଫସଲର ପ୍ରୋତ୍ସାହନ, ପାରମ୍ପରିକ ବିହନ ଓ କୃଷି ଜୈବବିବିଧତାର ସଂରକ୍ଷଣ ତଥା ସ୍ଥାୟୀ ଖାଦ୍ୟ ବ୍ୟବସ୍ଥାର ବିକାଶକୁ ପ୍ରାଧାନ୍ୟ ଦିଆଯିବ। ଏଥିସହ ମହିଳା କୃଷକଙ୍କ ଅଂଶଗ୍ରହଣ, ଆର୍ଥିକ ସଶକ୍ତିକରଣ, ଉଦ୍ୟୋଗ ବିକାଶ ଓ ବଜାର ସଂଯୋଗକୁ ସୁଦୃଢ଼ କରାଯିବ। 'ସୁଭଦ୍ରା ଫାଷ୍ଟ' ଆଭିମୁଖ୍ୟ ଅନୁଯାୟୀ ମହିଳା ଓ ସାମାଜିକ-ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରଗୁଡ଼ିକୁ ଜୀବିକା ସୁଯୋଗ ସହ ଯୋଡ଼ାଯିବାର ଲକ୍ଷ୍ୟ ରହିଛି। କୃଷି ବିଶ୍ୱବିଦ୍ୟାଳୟଗୁଡ଼ିକରେ ବାୟୋ-ହାପିନେସ୍ କେନ୍ଦ୍ର ପ୍ରତିଷ୍ଠା ମାଧ୍ୟମରେ ଜୈବବିବିଧତା ପରିଚାଳନା, ପରିବେଶ ଅନୁକୂଳ କୃଷି ଓ ପ୍ରାକୃତିକ ସମ୍ପଦର ସୁରକ୍ଷାକୁ ପ୍ରୋତ୍ସାହନ ଦିଆଯିବ। ଆଦିବାସୀ ଅଧ୍ୟୁଷିତ ଓ ଦୁର୍ଗମ ଅଞ୍ଚଳରେ ପୁଷ୍ଟି ଓ ସ୍ୱାସ୍ଥ୍ୟ ସୁରକ୍ଷା, ସ୍ଥାନୀୟ ଖାଦ୍ୟ ବ୍ୟବସ୍ଥାର ଉନ୍ନତି ଏବଂ ଜୀବିକା ସୃଷ୍ଟି ଉପରେ ବିଶେଷ ଧ୍ୟାନ ଦିଆଯିବ।ଉପକୂଳବର୍ତ୍ତୀ ଅଞ୍ଚଳର କ୍ଷୁଦ୍ର ମତ୍ସ୍ୟଜୀବୀଙ୍କ ଜୀବିକା ଓ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ 'ଫିସର ଫ୍ରେଣ୍ଡ' ମୋବାଇଲ୍ ଆପ୍ଲିକେସନର ଉନ୍ନତି, ଡିଜିଟାଲ୍ ସେବାର ପ୍ରସାର, ମତ୍ସ୍ୟଜାତ ଦ୍ରବ୍ୟର ସଂରକ୍ଷଣ ଓ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି ସହ ମହିଳା ମତ୍ସ୍ୟଜୀବୀଙ୍କ ଉଦ୍ୟୋଗ ବିକାଶକୁ ସହାୟତା କରାଯିବ। ଏଥିସହ ଜଳାଶୟ, ଆର୍ଦ୍ରଭୂମି, ହେନ୍ତାଳବନ ଓ ଉପକୂଳବର୍ତ୍ତୀ ପରିବେଶର ସଂରକ୍ଷଣ ଓ ପୁନରୁଦ୍ଧାର ଦିଗରେ ମିଳିତ ଭାବେ କାର୍ଯ୍ୟ କରାଯିବ। ଦାଦନ ପ୍ରବଣ ଅଞ୍ଚଳରେ ସ୍ଥାନୀୟ ଜୀବିକା ସୃଷ୍ଟି, କୃଷି ଓ ଆନୁଷଙ୍ଗିକ କାର୍ଯ୍ୟର ପ୍ରସାର, ଦକ୍ଷତା ବିକାଶ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଉଦ୍ୟୋଗକୁ ସୁଦୃଢ଼ କରିବା ଓ ବଜାର ସଂଯୋଗ ଉପରେ ଗୁରୁତ୍ୱ ଦିଆଯିବ। ଏହାଦ୍ୱାରା ସ୍ଥାନୀୟ ସ୍ତରରେ ନିଯୁକ୍ତି ଓ ଆୟର ସୁଯୋଗ ବୃଦ୍ଧି ସହ ଦାଦନଜନିତ ଅସୁରକ୍ଷା ହ୍ରାସରେ ସହାୟତା ମିଳିବ।ବୁଝାମଣାପତ୍ରର କାର୍ଯ୍ୟକାରିତା ଓ ଅଗ୍ରଗତିର ସମୀକ୍ଷା ପାଇଁ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ଷ୍ଟିୟରିଂ କମିଟି ଗଠନ କରାଯିବ।

ଜୈବ ପ୍ରଯୁକ୍ତିବିଦ୍ୟା ସମ୍ମିଳନୀର ବିବରଣିକା ଉନ୍ମୋଚିତ

ଭୁବନେଶ୍ୱର, ୧୩।୧୧ (ମହାଭାରତ): ଜୈବ ପ୍ରଯୁକ୍ତିବିଦ୍ୟା, ଅଣୁଜୀବ ବିଜ୍ଞାନ ଓ କୃତ୍ରିମ ବୁଦ୍ଧିମତାର ସମନ୍ୱୟ ଉପରେ ଆଧାରିତ ଅନ୍ତର୍ଜାତୀୟ ସମ୍ମିଳନୀ 'କନଭର୍ଜେନ୍ସ ଅଫ୍ ବାୟୋଟେକ୍ନୋଲୋଜି, ମାଇକ୍ରୋବାୟୋଲୋଜି ଆଣ୍ଡ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ'ର ବିବରଣିକା ମିଟ୍ସ ସ୍କୁଲ୍ ଅଫ୍ ବାୟୋଟେକ୍ନୋଲୋଜି ପରିସରରେ ଉନ୍ମୋଚିତ ହୋଇଯାଇଛି। ଏମ୍ଏସ୍‌ବି ପକ୍ଷରୁ ମାଇକ୍ରୋବାୟୋଲୋଜିଷ୍ଟସ୍ ସୋସାଇଟି, ଇଣ୍ଡିଆର ସହଯୋଗରେ ଆସନ୍ତା ୨୦୨୭ ଜାନୁଆରୀ ୨୩ ଓ ୨୪ ତାରିଖରେ ଏହି ଦୁଇଦିନିଆ ଅଂର୍ଜାତୀୟ ସମ୍ମିଳନୀ ଆୟୋଜିତ ହେବ। ଜୈବ ପ୍ରଯୁକ୍ତିବିଦ୍ୟା, ଅଣୁଜୀବ ବିଜ୍ଞାନ ଓ କୃତ୍ରିମ ବୁଦ୍ଧିମତା ମଧ୍ୟରେ ଆଂଃବିଷୟକ ସହଯୋଗକୁ ପ୍ରୋତ୍ସାହିତ



କରିବା ସହ ସ୍ଥାୟୀ ବିକାଶ ଏବଂ ସର୍କୁଲାର ଇକୋନୋମିର ବିକାଶ ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ଏହି ସମ୍ମିଳନୀରେ ଦେଶବିଦେଶର ବିଶିଷ୍ଟ ବୈଜ୍ଞାନିକ, ଶିକ୍ଷାବିତ୍, ଗବେଷକ ଓ ଶିଳ୍ପ କ୍ଷେତ୍ରର ବିଶେଷଜ୍ଞମାନେ ଏକତ୍ରିତ ହୋଇ ନିଜ ନିଜର ଗବେଷଣା ଓ ଅଭିଜ୍ଞତା ବିନିମୟ କରିବେ। ଏଥିରେ ମୁଖ୍ୟ ବକ୍ତୃତା, ଗବେଷଣାତ୍ମକ ଉପସ୍ଥାପନା ଏବଂ ଭାବ ବିନିମୟମୂଳକ ଅଧିବେଶନ ଆୟୋଜିତ ହେବ। ଏହା ନୂତନ ଗବେଷଣା, ନବସୃଜନ ଓ ସହଯୋଗମୂଳକ ପ୍ରୟାସକୁ ଉତ୍ସାହିତ କରିବା ସହ ସମାଜ ଓ ପରିବେଶ ସମ୍ମୁଖୀନ ହେଉଥିବା ଉଦୀୟମାନ ଆହ୍ୱାନଗୁଡ଼ିକର ସମାଧାନ ଦିଗରେ ସହାୟକ ହେବ। ବିବରଣିକା ଉନ୍ମୋଚନ କାର୍ଯ୍ୟକ୍ରମରେ ମିଟ୍ସ ଗ୍ରୁପର ମୁଖ୍ୟ କାର୍ଯ୍ୟନିର୍ବାହୀ ସୀତାରାମ ପଣ୍ଡା, ଉପାଧ୍ୟକ୍ଷ ବିଶ୍ୱଜିତ୍ ପଣ୍ଡା, ନିର୍ଦ୍ଦେଶକ ପ୍ରଫେସର ଜି.କେ. ପଣ୍ଡା, ସୋଆ ବିଶ୍ୱବିଦ୍ୟାଳୟର ସେଂଟର ଫର୍ ଇଣ୍ଡଷ୍ଟ୍ରିଆଲ୍ ବାୟୋଟେକ୍ନୋଲୋଜି ରିସର୍ଚ୍ଚର ନିର୍ଦ୍ଦେଶକ ତଥା ମାଇକ୍ରୋବାୟୋଲୋଜିଷ୍ଟସ୍ ସୋସାଇଟି, ଇଣ୍ଡିଆର ଜାତୀୟ ସଂଯୋଜକ ପ୍ରଫେସର ଏଚ୍.ଏନ୍. ଥାଟୋଇ ଏମ୍ଏସ୍‌ବିର ଏମେରିଟସ୍ ପ୍ରଫେସର ପି.କେ. ବେହେରା, ସମ୍ମିଳନୀର ଆବାହକ ଡକ୍ଟର ରଶ୍ମି ରନ ମିଶ୍ର ଏବଂ ସହ-ଆବାହକ ଡକ୍ଟର ତପସ୍ୱିନୀ ନାୟକ ଉପସ୍ଥିତ ଥିଲେ।

କୁହୁଡ଼ି ସମୟରେ ଟ୍ରେନ୍ ପରିଚାଳନା ପାଇଁ ଅଭିଯାନ

ଭୁବନେଶ୍ୱର, ୧୩।୧୧ (ମହାଭାରତ): କୁହୁଡ଼ି ଏବଂ ପ୍ରତିକୂଳ ପାଣିପାଗ ପରିସ୍ଥିତିରେ ନିରାପଦ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବା ପାଇଁ ପୂର୍ବ ତଟ ରେଳପଥ ପକ୍ଷରୁ ୧୦ ନଭେମ୍ବର ଠାରୁ ୯ ଫେବୃଆରୀ ପର୍ଯ୍ୟନ୍ତ ତିନି ମାସିଆ ସ୍ୱତନ୍ତ୍ର ସୁରକ୍ଷା ଅଭିଯାନ ଆରମ୍ଭ କରାଯାଇଛି । ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଏବଂ ରାୟଗଡ଼ା ମଣ୍ଡଳ ଅଧୀନରେ ସମସ୍ତ ବିଭାଗର ଅଧିକାରୀ, ପର୍ଯ୍ୟବେକ୍ଷକ ଏବଂ କର୍ମଚାରୀଙ୍କ ସହଯୋଗରେ ଏହି ଅଭିଯାନ ପରିଚାଳନା କରାଯାଉଛି। ଏହି ଅଭିଯାନରେ ଷ୍ଟେସନଗୁଡ଼ିକରେ ବ୍ୟାପକ ପ୍ରସ୍ତୁତି, ଚଳନ୍ତା ଟ୍ରେନ୍‌ଗୁଡ଼ିକର ସୁରକ୍ଷା, ସିଗନାଲର ଦୃଶ୍ୟମାନତା ଏବଂ ଆବଶ୍ୟକୀୟ ସୁରକ୍ଷା ଉପକରଣର ଉପଲବ୍ଧତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଷ୍ଟେସନ୍ ପରିଚାଳକ ମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ଡେଟୋନେଟର ଉପଲବ୍ଧତା ସୁନିଶ୍ଚିତ କରିବା ସହିତ କୁହୁଡ଼ି ସମୟରେ ସିଗନାଲ ସୂଚନା ପ୍ରଦାନ ପାଇଁ ନିୟୋଜିତ କର୍ମଚାରୀମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସିଗନାଲ ଏବଂ ନିର୍ଦ୍ଧାରିତ ଦୃଶ୍ୟମାନତା ପରୀକ୍ଷଣ ଉପକରଣଗୁଡ଼ିକର ନିୟମିତ ଭାବେ ଯାଂଚ କରାଯିବ। ସିଗନାଲର ଦୃଶ୍ୟମାନତାକୁ ପ୍ରଭାବିତ କରୁଥିବା କୁହୁଡ଼ି ପରିସ୍ଥିତି ସମ୍ପର୍କରେ ତୁରନ୍ତ ସମ୍ପୃକ୍ତ କଂଟ୍ରୋଲ୍ କାର୍ଯ୍ୟାଳୟକୁ ସୂଚିତ କରାଯିବ। କମ୍ ଦୃଶ୍ୟମାନତା ସମୟରେ ଲୋକୋ ପାଇଲଟମାନଙ୍କୁ ସିଗନାଲ ଚିହ୍ନଟ କରିବାରେ ସହାୟତା ପାଇଁ କ୍ରୁ ଲବିଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ଫଗ୍ ସେଫ୍ ଡିଭାଇସ୍ ଉପଲବ୍ଧ କରାଯିବ। ଦୃଶ୍ୟମାନତା ବୃଦ୍ଧି କରିବା ପାଇଁ ସିଗନାଲ, ଲେଭଲ୍ କ୍ରସିଂ ଗେଟ୍ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ରେଟ୍ରୋ-ରିଫ୍ଲେକ୍ଟିଭ୍ ସୂଚକ, ଉଜ୍ଜ୍ୱଳ ସଙ୍କେତ ଷ୍ଟ୍ରିପ୍ ଏବଂ ଦୃଶ୍ୟମାନତା ବୋର୍ଡଗୁଡ଼ିକର ରକ୍ଷଣାବେକ୍ଷଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଲୋକୋ ପାଇଲଟ୍ ଏବଂ ସହାୟକ ଲୋକୋ ପାଇଲଟ୍ ମାନଙ୍କୁ ସର୍ବାଧିକ ସତର୍କତା ଅବଲମ୍ବନ କରିବା ସହିତ ଦୃଶ୍ୟମାନତା ପରିସ୍ଥିତି ଅନୁଯାୟୀ ଟ୍ରେନ୍ ର ବେଗ ନିୟନ୍ତ୍ରଣ କରିବାକୁ ପରାମର୍ଶ ଦିଆଯାଇଛି। କୁହୁଡ଼ି ସମୟରେ ଟ୍ରେନ୍ ର ସର୍ବାଧିକ ବେଗ ଘଂଟାପ୍ରତି ୭୫ କିଲୋମିଟରରୁ ଅଧିକ ହେବ ନାହିଁ। ତେବେ ଏହା ଲୋକୋ ପାଇଲଟ୍ ଙ୍କ ବିଚାର ଏବଂ ନିର୍ଦ୍ଧାରିତ ସିଗନାଲ ସୂଚନା ଉପରେ ନିର୍ଭର କରିବ।

ଇସ୍ରାଏଲ୍-ଓଡ଼ିଶା ବିଜନେସ୍ ଏବଂ ଇନୋଭେସନ୍ ରାଉଣ୍ଡଟେବୁଲ୍ ଅନୁଷ୍ଠିତ

ଭୁବନେଶ୍ୱର, ୧୩।୧୧ (ମହାଭାରତ): ଓଡ଼ିଶାର ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ କୁ ଅନ୍ତର୍ଜାତୀୟ ସ୍ତରରେ ନୂଆ ପରିଚୟ ଦେବା ଏବଂ ଇସ୍ରାଏଲ୍ ସହ ବ୍ୟବସାୟିକ ଓ ବୈଷୟିକ ସହଯୋଗର ବ୍ୟାପକ ସୁଯୋଗ ସୃଷ୍ଟି ଲକ୍ଷ୍ୟରେ ଇସ୍ରାଏଲ୍-ଓଡ଼ିଶା ବିଜନେସ୍ ଏବଂ ଇନୋଭେସନ୍ ରାଉଣ୍ଡଟେବୁଲ୍ ଅନୁଷ୍ଠିତ ହୋଇଯାଇଛି । ଷ୍ଟାର୍ଟଅପ୍ ଓଡ଼ିଶା ଏବଂ ରାଜ୍ୟ ସରକାରଙ୍କ ଏମ୍ଏସ୍ଏମ୍ଇ ବିଭାଗ ପକ୍ଷରୁ ସ୍ଥାନୀୟ ଓ-ହବ୍ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇସ୍ରାଏଲ୍ ପ୍ରତିନିଧିମଣ୍ଡଳୀ ଓଡ଼ିଶାର ବିଭିନ୍ନ ଷ୍ଟାର୍ଟଅପ୍ ସହ ଆଲୋଚନା କରିବା ସହ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ନବସୃଜନଗୁଡ଼ିକୁ ସିଧାସଳଖ ଦେଖିଥିଲେ ।

ଏହି ଅବସରରେ ଜୁଇସ୍ ପିପୁଲ୍ ପଲିସି ଇନ୍‌ଷ୍ଟିଚ୍ୟୁଟ୍ (ଜେପିପିଆଇ)ର ସୋସିଆଲ୍ ଆକ୍ସିଲେରେଟରର ମ୍ୟାନେଜିଂ ପାର୍ଟନର୍ ଗିଲାଡ୍ ନ୍ୟୁମାନ୍ ଇସ୍ରାଏଲ୍ ଏବଂ ଓଡ଼ିଶାର ଷ୍ଟାର୍ଟଅପ୍ ଗୁଡ଼ିକ ମଧ୍ୟରେ ସହଯୋଗର ବିଭିନ୍ନ ସମ୍ଭାବନା ଉପରେ ଆଲୋକପାତ କରିଥିଲେ । ବିଶେଷକରି ପରିବେଶ ସୁରକ୍ଷା, ଇଏସ୍‌ଜି , ନିରୀକ୍ଷଣ ବ୍ୟବସ୍ଥା ଏବଂ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ଭଳି ବିଭିନ୍ନ କ୍ଷେତ୍ରରେ ମିଳିତ କାର୍ଯ୍ୟ କରିବାର ବ୍ୟାପକ ସୁଯୋଗ ରହିଛି ବୋଲି ସେ ଉଲ୍ଲେଖ କରିଥିଲେ । ଷ୍ଟାର୍ଟଅପ୍ ଏବଂ ଇନ୍‌କ୍ୟୁବେସନ୍ କେନ୍ଦ୍ର ଭାବେ ଓ-ହବ୍ ସହ ଭାଗୀଦାରି ସୃଷ୍ଟି ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଷ୍ଟାର୍ଟଅପ୍ ଓଡ଼ିଶାର ସିଇଓ ସ୍ମୃତି ରଞ୍ଜନ ପ୍ରଧାନ ଓଡ଼ିଶାର ଷ୍ଟାର୍ଟଅପ୍ ବିଷୟରେ ବିସ୍ତୃତ ବିବରଣୀ ରଖିଥିବା ବେଳେ ମିଶନ୍ ଆସୋସିଏଟ୍ ସୁଶ୍ରୀ ସାଲୋନୀ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏନ୍‌ଆରଡିସି ଆଉଟ୍ ?ରିଚ୍ ଅଫିସ୍ ମୁଖ୍ୟ ଡ. ବିଜୟ କୁମାର ସାହୁ ବୈଠକର ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏଚ୍‌ସିଏଲ୍‌ର ମୁଖ୍ୟ ବିସାସିସ୍ ଗନ୍ତାୟତ ବିଶେଷଜ୍ଞ ଭାବେ ଯୋଗଦେଇଥିଲେ। ପ୍ରଯୁକ୍ତିବିଦ୍ୟା ଓ ଡିଜିଟାଲ୍ ଇନୋଭେସନ୍ ସହିତ ସଷ୍ଟେନେବିଲିଟି ଓ ସାମାଜିକ ନବସୃଜନକୁ ନେଇ ଏକ ଅଧିବେଶନ ଆୟୋଜିତ ହୋଇଥିଲା । ବାସ୍ତବ ସମସ୍ୟାର ସମାଧାନ କରୁଥିବା ନବସୃଜନ ଉପରେ ଗୁରୁତ୍ୱ ଦେବାକୁ ଇସ୍ରାଏଲ୍ ପ୍ରତିନିଧିମଣ୍ଡଳୀ ପରାମର୍ଶ ଦେଇଥିଲେ । ବୈଠକରେ ଉପସ୍ଥିତ ଉଦ୍ୟୋଗ ପୁଞ୍ଜି ନିବେଶକମାନେ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା, ସ୍ୱାସ୍ଥ୍ୟସେବା ଓ ସ୍ଥାୟୀ ବିକାଶ କ୍ଷେତ୍ରରେ ନିବେଶ ଓ ସହଯୋଗ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ । ଓଡ଼ିଶାର ଷ୍ଟାର୍ଟଅପ୍ ଜଗତକୁ ଅନ୍ତର୍ଜାତୀୟ ବଜାର, ନୂତନ ପ୍ରଯୁକ୍ତି ଓ ନିବେଶ ସୁଯୋଗ ସହ ଯୋଡ଼ିବାରେ ଏହି ରାଉଣ୍ଡଟେବୁଲ୍ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ସାବ୍ୟସ୍ତ ହୋଇଛି ।

ବିଏମସି ପକ୍ଷରୁ ଫରେଷ୍ଟ ପାର୍କ ଅଞ୍ଚଳରେ ଗଣସଫେଇ

ଭୁବନେଶ୍ୱର, ୧୩।୧୧ (ମହାଭାରତ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ପକ୍ଷରୁ ୱାର୍ଡ ନଂ-୪୦ ଅନ୍ତର୍ଗତ ଫରେଷ୍ଟ ପାର୍କ ଅଞ୍ଚଳରେ ଏକ ସାମୂହିକ ସ୍ୱଚ୍ଛତା ଓ ସଚେତନତା ଅଭିଯାନ ଆୟୋଜିତ ହୋଇଯାଇଛି । ମେୟର ଶ୍ରୀମତୀ ସୁଲୋଚନା ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି ଅଭିଯାନରେ ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ଆସିଆ ବେଗମ, ୱାର୍କସ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଶ୍ରୀଧର ବେହେରା, ପରିମଳ ଉପାୟୁକ୍ତ ରାକେଶ କୁମାର ପାତ୍ର, ଜୋନାଲ ଡେପୁଟି କମିଶନର, ବିଏମ୍ସିର ଅଧିକାରୀ ଓ କର୍ମଚାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଏବଂ ସ୍ଥାନୀୟ ଅଞ୍ଚଳବାସୀ ସକ୍ରିୟ ଅଂଶଗ୍ରହଣ କରିଥିଲେ।

ଏହି ଅବସରରେ ରାସ୍ତା ପରିଷ୍କାର, ଡ୍ରେନ ସଫେଇ, ବିଦ୍ୟୁତ୍ ଆଲୋକ



ମରାମତି, ଗଛଡାଳ କଟା ଯାଇଥିବା ବେଳେ ଡ୍ରେନ ଏବଂ ମଶା ଲାର୍ଭା ଉତ୍ସରେ ମଶା ତେଲ ସିଚନ କରାଯାଇଥିଲା । ଏହି ଗଣ ସଫେଇ ଅଭିଯାନ ସମୟରେ ଏକ ଆପାର୍ଟମେଣ୍ଟ ବାହାରେ ଥିବା ଡ୍ରେନ୍ରେ ବର୍ଜ୍ୟବସ୍ତୁ ପକାଯାଇଥିବା ଦେଖି, ମେୟର ସଂପୃକ୍ତ ଆପାର୍ଟମେଣ୍ଟ ଆସୋସିଏସନ୍ର ମୁଖ୍ୟଙ୍କୁ ଏ ସମ୍ପର୍କରେ ଅବଗତ କରାଇବା ସହ ଏଣିକି ଡ୍ରେନ୍ କିମ୍ବା ରାସ୍ତାକଡ଼ରେ ଅଳିଆ ନ ପକାଇବାକୁ ତାଗିଦ୍ କରିଥିଲେ। ଏହି ଅଭିଯାନରେ ନିୟମିତ ସଫେଇ, ଡ୍ରେନେଜ୍ ବ୍ୟବସ୍ଥାର ରକ୍ଷଣାବେକ୍ଷଣ, ଷ୍ଟ୍ରିଟ୍ ଲାଇଟ୍ର ଉନ୍ନତିକରଣ ଏବଂ ପରିବେଶର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ମେୟର ଶ୍ରୀମତୀ ଦାସ କହିଥିଲେ ଯେ, ଜନସାଧାରଣଙ୍କ ସକ୍ରିୟ ସହଯୋଗ ଓ ସଚେତନତା ବିନା ସ୍ୱଚ୍ଛ, ସବୁଜ ଓ ସୁନ୍ଦର ଭୁବନେଶ୍ୱର ଗଠନ ସମ୍ଭବ ନୁହେଁ। ତେଣୁ ପ୍ରତ୍ୟେକ ନାଗରିକ ନିଜ ଘର ସହ ଆଖପାଖ ପରିବେଶକୁ ସଫା ରଖିବା ଏବଂ ବର୍ଜ୍ୟବସ୍ତୁ ଏଣେତେଣେ ନ ପକାଇ ବିଏମ୍ସିର ସଫେଇ ଗାଡ଼ିକୁ ହସ୍ତାନ୍ତର କରିବାକୁ ସେ ଅନୁରୋଧ କରିଥିଲେ।

କଳାଟଙ୍କା ସଂଗ୍ରହ

ଭାରତ ଏକ ଗରୀବ ଦେଶ ଏବଂ ଏହାର ମୁଣ୍ଡ ପିଛା ଆୟ ଅନ୍ୟ ବହୁ ଦେଶ ତୁଳନାରେ କମ ରହିଛି। ଯଦିଓ ସ୍ୱାଧୀନତାର ୭୮ ବର୍ଷ ପରେ ଭାରତର ଆର୍ଥିକ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି ଏବଂ ଏହା ଏକ ବିକଶିତ ରାଷ୍ଟ୍ରର ମାନ୍ୟତା ପାଇଛି, କିନ୍ତୁ ଜନ ବିସ୍ଫୋରଣ ଯୋଗୁ ଭାରତ ଏବେ ବି ବିଶ୍ୱର ଏକ ପ୍ରମୁଖ ଗରୀବ ରାଷ୍ଟ୍ର ଭାବେ ଗଣନା କରାଯାଉଛି। ଦେଶର ମୋଟ ଜନସଂଖ୍ୟାର ୨୨ ପ୍ରତିଶତରୁ ଅଧିକ ବ୍ୟକ୍ତି ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ବାକି ୭୮ ପ୍ରତିଶତ ଲୋକଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ନିମ୍ନ ମଧ୍ୟବି□ବର୍ଗର। ସେମାନଙ୍କୁ ସ୍ୱଚ୍ଛଳ କୁହାଯାଇପାରିବ ନାହିଁ। ସରକାରୀ ମାନଦଣ୍ଡ ଆଧାରରେ ସେମାନେ ବିପିଏଲ ତାଲିକାଭୁକ୍ତ ନୁହଁନ୍ତି। କିନ୍ତୁ ବାସ୍ତବରେ ସେମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଅତି ଶୋଚନୀୟ। ସେମାନଙ୍କ ଜୀବନ ଧାରଣର ମାନ ଅତ୍ୟନ୍ତ ତଳେ ରହିଛି। ଅନେକ ଉତମ ସ୍ୱାସ୍ଥ୍ୟ ସେବା ଏବଂ ଶିକ୍ଷା ଲାଭ ପାଇଁ ସମର୍ଥ ନୁହଁନ୍ତି। ଦେଶର ୯୪ ପ୍ରତିଶତ ବ୍ୟକ୍ତି କେବଳ ସରକାରୀ ହସ୍ପିଟାଲ ଏବଂ ମାଗଣା ଔଷଧ ଉପରେ ନିର୍ଭର କରୁଛନ୍ତି। କୋଟି କୋଟି ଲୋକ ପୁଟପାଥ ବା ଷ୍ଟେସନରେ ଶୋଇ ରାତି ବତାଉଛନ୍ତି। ଦେଶର ମୋଟ ଜନସଂଖ୍ୟାର ଏକ ବଡ଼ ଅଂଶ ଚାଷ ଉପରେ ନିର୍ଭର କରି ଚଳନ୍ତି। କିନ୍ତୁ ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ଗରୀବ। କାରଣ ସେମାନେ ହେଉଛନ୍ତି କ୍ଷୁଦ୍ର ବା ନାମମାତ୍ର ଚାଷୀ। ଏଭଳି ଏକ ଗରୀବ ଦେଶରେ କିନ୍ତୁ ନେତାଙ୍କ ଆର୍ଥିକ ସ୍ଥିତି ନିହାତି ଭଲ। ସାଂସଦ, ବିଧାୟକ, ଅନ୍ୟ ନିର୍ବାଚିତ ଜନ ପ୍ରତିନିଧି ଏପରିକି ନିର୍ବାଚିତ ହୋଇନଥିବା ନେତାଙ୍କ ଆର୍ଥିକ ସ୍ଥିତି ଅତ୍ୟନ୍ତ ସ୍ୱଚ୍ଛଳ। ଅନେକ ନେତାଙ୍କ ପାଖରେ ନିୟୁତ ନିୟୁତ ଡଲାର ପରିମାଣର କଳାଧନ ରହିଛି। ନିର୍ବାଚନରେ ବିପୁଳ ଟଙ୍କା ଖର୍ଚ୍ଚ କରି ସେମାନେ ନିର୍ବାଚିତ ହେବା ପରେ ଏହାକୁ ସମୂଳସୁଧ ଆଦାୟ କରିବାକୁ ଉଦ୍ୟମ କରନ୍ତି। ଦୁର୍ନୀତିପୂର୍ଣ୍ଣ ଉପାୟରେ ସେମାନେ ବିପୁଳ କଳାଟଙ୍କା ସଂଗ୍ରହ କରନ୍ତି। ଭାରତରେ ନେତାମାନଙ୍କ ନିକଟରେ ଯେତିକି କଳା ଟଙ୍କା ଅଛି ତାହା ଯଦି ସର୍ବସାଧାରଣଙ୍କ କଲ୍ୟାଣରେ ବିନିଯୋଗ ହୋଇପାରନ୍ତା ତେବେ ଭାରତର ସାମାଜିକ ସ୍ଥିତିରେ ବିରାଟ ପରିବ□ନ ଆସିପାରନ୍ତା। ଏହି ଟଙ୍କାରେ ଅନେକ ବଡ଼ ବଡ଼ ହସ୍ପିଟାଲ, ସ୍କୁଲ, ରାସ୍ତା, ସେତୁ ଏବଂ ଶିଳ୍ପ ପ୍ରତିଷ୍ଠାନ ହୋଇପାରନ୍ତା। ନେତାଙ୍କ ନିକଟରେ ଗଚ୍ଛିତ ଥିବା କଳାଟଙ୍କାର କିଛି ଅଂଶ ନିର୍ବାଚନ ବେଳେ ସାଧାରଣ ଲୋକଙ୍କ ନିକଟକୁ ଯାଇଥାଏ। ଭୋଟ ପାଇଁ ନେତାମାନେ ଏହି କଳା ଟଙ୍କା ବିନିଯୋଗ କରନ୍ତି। କିନ୍ତୁ ଏହାକୁ ଟଙ୍କାର ସଦୁପଯୋଗ ବୋଲି କୁହାଯାଇପାରିବ ନାହିଁ। ଏହା ଦ୍ୱାରା କିଛି ଗଠନମୂଳକ କାର୍ଯ୍ୟ ହୁଏ ନାହିଁ। ମଦ ପିଇବା, ଭୋଜିଭାତରେ ଏହାର ଏକ ବଡ଼ ଅଂଶ ଖର୍ଚ୍ଚ ହୋଇଥାଏ। ଏହା କଷ୍ଟୋପାର୍ଜିତ ଧନ ହୋଇନଥିବାରୁ ଲୋକେ ନିର୍ବାଚନ ବେଳେ ପାଇଥିବା ଟଙ୍କାକୁ ବଦଖର୍ଚ୍ଚରେ ଉଡ଼ାଇ ଦିଅନ୍ତି। ଏଭଳି ଭାବେ ନେତାମାନେ କୋଟି କୋଟି ଟଙ୍କା ବିନିଯୋଗ କରି ଭୋଟ କିଣୁଛନ୍ତି, କ୍ଷମତାକୁ ଆସିବା ପରେ ଏହାର ଦୁରୂପଯୋଗ କରି ପୁଣି ଦୁଇଗୁଣା ଟଙ୍କା ସଂଗ୍ରହ କରୁଛନ୍ତି। ନବେ ଦଶକରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ସୁଖରାମଙ୍କ ଘରୁ ଏଭଳି ପୁଳା ପୁଳା ଟଙ୍କା ଜବତ ହୋଇଥିଲା। ତେବେ ନ୍ୟାୟିକ ବ୍ୟବସ୍ଥାରେ ତ୍ରୁଟି ଯୋଗୁ ସେ ବିନା ଦଣ୍ଡରେ ଖସିଗଲେ। ସେହିଭଳି କର୍ଣ୍ଣାଟକରେ କଂଗ୍ରେସ ନେତା ଡି. ଶିବକୁମାରଙ୍କ ଘରୁ ମଧ୍ୟ ଏଭଳି ବିପୁଳ କଳା ଟଙ୍କା ଜବତ ହୋଇଥିଲା। ଏହାର ତଦନ୍ତ ଚାଲିଛି। କିନ୍ତୁ ସେ ଏବେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ। ତାଙ୍କ କଳାକାରନାମା ଏବେ ଶୀତଳ ଭଣ୍ଡାରରେ। ଭାତ ହାଣ୍ଡିରୁ ଗୋଟିଏ ଚିପିଲା ପରି ପଶ୍ଚିମବଙ୍ଗରେ ଜଣେ ମନ୍ତ୍ରୀଙ୍କ ଦୁର୍ନୀତିର ପର୍ଦ୍ଦାଫାସ ହେବା ପରେ ଦେଶରେ ନେତାଙ୍କ ଦୁର୍ନୀତି ସମ୍ପର୍କରେ ଆଉ କିଛି କହିବାର ଆବଶ୍ୟକତା ନାହିଁ।

ସ୍ୱାଧିନତା ସଂଗ୍ରାମର ପିତାମହ

॥ ଅକ୍ଷୟ କୁମାର ରାଉତ ॥

“୧୮୯୧ ରେ ‘ଆର୍ମସ୍ ଆକ୍ଟ’ ଉପରେ ପ୍ରସ୍ତାବ ରଖି ଯେଉଁ ଭାଷଣ ଦେଲେ ତାହା ତାଙ୍କୁ ସର୍ବ ଭାରତୀୟ ନେତା ରୂପେ ମାନ୍ୟତା ଦେଇଥିଲା । ୧୮୯୪ ରେ ତିଳକ ବମ୍ବେ ବିଶ୍ୱବିଦ୍ୟାଳୟରେ ସିନେଟ୍‌ର ଫେଲୋମନୋନୀତ ହେଲେ। ତା ପରବର୍ଷ ପୁନା ନଗରପାଳିକାର ପରିଷଦ ପଦପାଇଁ ନିର୍ବାଚିତ ହୋଇ କାର୍ଯ୍ୟକାରୀ ପରିଷଦର ସଦସ୍ୟ ହୋଇଥିଲେ । ୧୮୯୫ ମସିହାରେ ବିଧାନ ପରିଷଦର ସଦସ୍ୟ ପଦରେ ନିର୍ବାଚିତ ହେଲେ ।ରଷ୍ଟ୍ରୀୟ କଂଗ୍ରେସର ପ୍ରମୁଖ ନେତା ଥିଲେ ଆଲାନ୍ ଆକ୍ଟାଭିୟାନ୍ ହ୍ୟୁମ୍, ତାଙ୍କୁ ପୂର୍ଣ୍ଣ ସମର୍ଥନ ଦେଉଥିଲେ ତିଳକ।

ଇଂରେଜ ଶାସନର ରଥଚକ ତଳେ ଭାରତୀୟ ଅର୍ଥନୀତି, ରାଜନୀତି ଓ ସାଂସ୍କୃତିକ ଜୀବନ ଦୟନୀୟ ଅବସ୍ଥାରେ ଥିଲାବେଳେ, କାଳଜୟୀ,ଯଶସ୍ୱୀ, ପ୍ରଜ୍ଞା ପୁରୁଷ ,ନିର୍ଭିକ ସାମ୍ବାଦିକ,ପ୍ରବୀଣ ରାଜନୀତିଜ୍ଞ,ସତ୍ୟନିଷ୍ଠ ଦେଶ ପ୍ରେମୀ ,ପରମ ପୂଜ୍ୟ,ଦୀନ ଦୁର୍ବଳର ବନ୍ଧୁ ଭାରତୀୟ ସଂସ୍କୃତିର ପୂରୋଧା ଓ ସ୍ୱାଧୀନତାର ପଥ ପ୍ରଦର୍ଶକ କେଶବ(ବାଲ୍)ଗଙ୍ଗାଧର ତିଳକ ପୂଣ୍ୟାତ୍ମା ଗଙ୍ଗାଧର ତିଳକ (ପନ୍ଥ) ଓ ପାର୍ବତୀ ବାଇ ଙ୍କ କୋଳ ମଣ୍ଡନ କରି ୧୮୫୬ ମସିହା ଜୁଲାଇ ୨୩ତାରିଖରେ ମହାରାଷ୍ଟ୍ରର ରତ୍ନଗିରି ସହରରେ ଚିତପାବନ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପ୍ରଥମେ କେଶବ ନାମ ଥିଲା। ପରେ ବାଲ୍ ଡାକ ନାମରେ ତିଳକ ପରିଚିତ ହେଲେ। ପିତାମହ ରାମଚନ୍ଦ୍ର ଙ୍କ ଠାରୁ ବାଲ୍ ଗଙ୍ଗାଧର୧୮୫୭ ର ମହାନ୍ ବିପ୍ଳବ ଶୁଣିଥିଲେ ଏହି ଘଟଣା ତାଙ୍କ ଉପରେ ପ୍ରଭାବ ପକାଇଥିଲା। ପିତାମହ ସଂସାର ପରିତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରିବାରୁ ଗଙ୍ଗାଧରଙ୍କ ଉତରୋତର ଶିକ୍ଷା ସମ୍ଭବ ହେଲା ନାହିଁ। ତେଣୁ ସେ ମରାଠୀ ବିଦ୍ୟାଳୟରେ ଶିକ୍ଷକତା କରିବା ସମୟରେ ସଂସ୍କୃତ ଶାସ୍ତ୍ର ଅଧ୍ୟୟନ କରି ପାରଦର୍ଶିତା ଲାଭ କଲେ। ଚିପଲୁ ଙ୍କ ର ନିବନ୍ଧ ମାଳା କୁ ତିଳକପୂର୍ଣ୍ଣ ସମର୍ଥନ କରିବାରୁ ଜାତୀୟତା ମନୋଭାବ ବିକଶିତ ହେଲା। ୧୮୭୬-୭୭ରେ ଦାକ୍ଷିଣାତ୍ୟ ଅଂଚଳର ଘୋର ଦୁର୍ଭିକ୍ଷ ବାଳ ଗଙ୍ଗାଧର ଙ୍କୁ ପ୍ରଭାବିତ କରିଥିଲା ।ମାତୃଭୂମିର ସ୍ୱାଭିମାନ କେବଳ ଶିକ୍ଷା ମାଧ୍ୟମରେ ସୁରକ୍ଷିତ ହୋଇପାରିବାର ଅନୁଭବ ତିଳକ ହିଁ କରିପାରିଥିଲେ ।ତେଣୁ ସେ ସାର୍ବଜନୀନ କାକା ଶ୍ରୀ ଗଣେଶ ବାସୁଦେବ ଯୋଷୀ ଙ୍କ ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିଲେ। ଗୋପାଳ ଅଗରକର ଓ ତିଳକ ଦୁଇ ବନ୍ଧୁ ଦେଶ ବାସିଙ୍କ ହିତ ପାଇଁ ଜୀବନ ଉତ୍ସର୍ଗ କରିବାକୁ ସଂକଳ୍ପବଦ୍ଧ ଥିଲେ। ତେଣୁ ଦୁଇ ବନ୍ଧୁ ଧାର୍ମିକ ସାମାଜିକ, ଓ ରାଜନୈତିକ ସଂଗଠନ ଗୁଡିକରେ ସକ୍ରିୟ ସଂପର୍କ ରକ୍ଷା କରିଥିଲେ ।ଅଗରକର ଡେକାନ୍ କଲେଜରୁ ଏମ୍.ଏ ଓ ତିଳକ ବମ୍ବେ ବିଶ୍ୱବିଦ୍ୟାଳୟରୁ ଆଇନ୍ ଡିଗ୍ରୀ ହାସଲ କରି ଦେଶ ସେବା ପାଇଁ ନିଜକୁ ସଂପୂର୍ଣ୍ଣ ପ୍ରସ୍ତୁତ କରିପାରିଥିଲେ। ଚିପଲୁ ,ଅଗରକର ଓ ତିଳକ ଚିନ୍ତା କଲେ ଶିକ୍ଷା ବିନା ଭାରତରେ ଜନବିପ୍ଳବ ସମ୍ଭବ ନୁହେଁ ।ତେଣୁ ସେମାନେ ୧୮୮୦ ସାଲ ଜାନୁୟାରୀ ୧ ତାରିଖରେ ନିଉ ଇଂଲିଶ ସ୍କୁଲ୍ ନାମକ ଶିକ୍ଷାନୁଷ୍ଠାନ ସ୍ଥାପନ କଲେ। ବିଦ୍ୟାଳୟ ପରିଦର୍ଶନରେ ହଣଟର ସାହେବ ଯେଉଁ ମନ୍ତବ୍ୟ ଦେଲେ ତାହା ଅତ୍ୟନ୍ତ ଉତ୍ସାହ ଜନକ ଥିଲା । ତେଣୁ ପ୍ରତିଷ୍ଠାତାମାନେ ଉଚ୍ଚ ଶିକ୍ଷାର ଅଧିକ ପ୍ରସାର କରିବାକୁ ଆଗଭର ହେଲେ ।ଡେକାନ୍ ଶିକ୍ଷା ସମିତି ଆନୁକୂଲ୍ୟରେ ନିଉ ଇଂଲିଶ ସ୍କୁଲ୍ ଓ ଫର୍ଗୁସନ କଲେଜ ମହାରଷ୍ଟ୍ରର ଉଚ୍ଚ ଶିକ୍ଷା କ୍ଷେତ୍ରରେ ବିଶେଷ ମହତ୍ୱପୂର୍ଣ୍ଣ ଥିଲା। ସମିତି ସଭ୍ୟ ମାନଙ୍କ ସହିତ ବିତର୍କ ଓ ମତାନ୍ତର ଯୋଗୁଁ ତିଳକ ଇସ୍ତଫା ଦେଇଥିଲେ।

ପରାଧୀନ ଭାରତୀୟ ଜନସାଧାରଣଙ୍କର ଆଭିମୁଖ୍ୟ ଓ ମତକୁ ସରକାରଙ୍କ ପାଖରେ ଉପସ୍ଥାପନ କରିବା ପାଇଁ, ତିଳକ ୧୮୮୧ ରେ ମରାଠୀ ସମ୍ବାଦ ପତ୍ର ‘କେଶରୀ’ ଓ ଇଂରାଜୀ ସମ୍ବାଦ ପତ୍ର ‘ଦି ମରାଠା’ ଉଭୟ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ। କେଶରୀ ର ସମ୍ପାଦକ ଥିଲେ ଅଗରକର ଓ ଦି ମରାଠା ର ସମ୍ପାଦକ ଦାୟିତ୍ୱ ତିଳକ ସ୍ୱୟଂ ଗ୍ରହଣ କରିଥିଲେ। ଉଭୟ ପତ୍ରିକା ମରାଠା ମାନଙ୍କ ଭିତରେ ଜାତୀୟ ଚେତନା ଓ ରାଜନୀତିକ ଜାଗୃତି ସୃଷ୍ଟି କରିବାରେ ସଫଳ ହୋଇଥିଲା। ତିଳକ ଜାତୀୟ ଜନ ଜିବନର ସମସ୍ୟା ମାନ ଉପସ୍ଥାପନ କରି ମରାଠୀ ସାହିତ୍ୟର ଉନ୍ନତି ଓ ବିକାଶର ମଧ୍ୟ ସହାୟକ ହୋଇଥିଲେ। ଅଗରକର ସମ୍ପାଦନ ପଦରୁ ଓହରି ଯିବାରୁ ତିଳକ ଉଭୟ ପତ୍ରିକାର ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲେ।

ପାଶ୍ଚାତ୍ୟ ସଭ୍ୟତାର ଅନ୍ଧାନୁକରଣକୁ ତିଳକ ପସନ୍ଦ କରୁ ନଥିଲେ। ପ୍ରାଚୀନ ଭାରତୀୟ ସଂସ୍କୃତିକୁ ପ୍ରଚଳନ ଓ ନାରୀ ଶିକ୍ଷା ଉପରେ ତିଳକ ଗୁରୁତ୍ୱ ଦେଉଥିଲେ। ବିବାହ ପାଇଁ ବାଳିକାଙ୍କ ବୟସ ୧୬ ବର୍ଷ ଓ ବାଳକଙ୍କ ବୟସ ୨୧ ବର୍ଷ ଉଚିତ ମନେ କରିଥିଲେ । ୪୦ ବର୍ଷ ପରେ ପୁରୁଷ ଦ୍ୱିତୀୟ ବିବାହ କରିବା ଅନୁଚିତ। ଯଦି ସେ ପୁର୍ନ ବିବାହ ଚାହାନ୍ତି, ତେବେ ସେ କୌଣସି ବିଧବାକୁ ପତ୍ନୀ ରୂପେ ଗ୍ରହଣ କରିବା ଉଚିତ ହେବ। ତିଳକ ନିଜେ ଅସ୍ପୃଶ୍ୟତାର ବିରୋଧୀ ଥିଲେ। ହିନ୍ଦୁ ଧର୍ମର ମହତ୍ୱକୁ ସେ ଅତି ଗର୍ବର ସହିତ ପ୍ରଚାର କରୁଥିଲେ। ସରକାରୀ ଆଇନ ଦ୍ୱାରା ସମାଜ ସଂସ୍କାର ପବର୍ତନକୁ ତିଳକ ବିରୋଧ କରୁଥିଲେ। ସାର୍ବଜନୀନ ସଭାର ନୂତନ ସଂପାଦକ ରୂପେ ଗୋପାଳକୃଷ୍ଣ ଗୋଖଲେ ମନୋନୀତ ହେଲେ। ଏହି ନିଯୁକ୍ତିର ବୈଧତା ଉପରେ ତିଳକ ପ୍ରଶ୍ନ କରିବାରୁ ବିବାଦ ଉପୁଜିଲା । ତେଣୁ ତିଳକ ଡେକାନ ସୋସାଇଟିରୁ ଇସ୍ତଫା ଦେଲେ।

୧୮୮୫ ଡିସେମ୍ବର ୨୮ ରେ ବମ୍ବେରେ ଥିବା ତେଜପାଲ ସଂସ୍କୃତ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ କଂଗ୍ରେସର ସ୍ଥାପନା ହେଲା। ବମ୍ବେ ପ୍ରଦେଶ ଶାଖାର ବାର୍ଷିକ ଅଧିବେଶନରେ ତିଳକ ଅଂଶ ଗ୍ରହଣ କରିମରାଠୀ ଭାଷୀ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଇଂରେଜ ସରକାରଙ୍କ ‘ଡିଭାଇଡ୍ ଆଣ୍ଡରୁଲ’ ନୀତି ଯୋଗୁଁ ବମ୍ବେ ଓ ପୁନେରେ ସଂପ୍ରଦାୟିକ ଦଙ୍ଗା ଘଟି ନିରୀହ ଜନତାର ପ୍ରାଣ ହାନୀ ଘଟିଲା। ତିଳକ କଠୋର ଭାବରେ ସମାଲୋଚନା କରି ଇଂରେଜ ମାନଙ୍କର ଚକ୍ଷୁଃଶୂଳ ହେଲେ। ସାର୍ ତିରୋଲ୍ ‘ଇଣ୍ଡିଆନ୍ ଅନ୍‌ରେଷ୍ଟି’ ନାମକ ପୁସ୍ତକ ରେ ତିଳକଙ୍କୁ ସଂପ୍ରଦାୟିକତା ଦୋଷରେ ଅଭିଯୁକ୍ତ କରିଥିଲେ। ତାହା ଥିଲା ଦୁର୍ଭାଗ୍ୟଜନକ ତିଳକ ଗଣପତି ଉତ୍ସବ ଓ ଶିବାଜି ଉତ୍ସବ ମାଧ୍ୟମରେ ମହାରାଷ୍ଟ୍ରକୁ ଏକତ୍ରିତ କରିବାରେ ସଫଳ ହୋଇଥିଲେ।

୧୮୯୧ ରେ ‘ଆର୍ମସ୍ ଆକ୍ଟ’ ଉପରେ ପ୍ରସ୍ତାବ ରଖି ଯେଉଁ ଭାଷଣ ଦେଲେ ତାହା ତାଙ୍କୁ ସର୍ବ ଭାରତୀୟ ନେତା ରୂପେ ମାନ୍ୟତା ଦେଇଥିଲା । ୧୮୯୪ ରେ ତିଳକ ବମ୍ବେ ବିଶ୍ୱବିଦ୍ୟାଳୟରେ ସିନେଟ୍‌ର ଫେଲୋମନୋନୀତ ହେଲେ। ତା ପରବର୍ଷ ପୁନା ନଗରପାଳିକାର ପରିଷଦ ପଦପାଇଁ ନିର୍ବାଚିତ ହୋଇ କାର୍ଯ୍ୟକାରୀ ପରିଷଦର ସଦସ୍ୟ ହୋଇଥିଲେ । ୧୮୯୫ ମସିହାରେ ବିଧାନ ପରିଷଦର ସଦସ୍ୟ ପଦରେ ନିର୍ବାଚିତ ହେଲେ ।ରଷ୍ଟ୍ରୀୟ କଂଗ୍ରେସର ପ୍ରମୁଖ ନେତା ଥିଲେ ଆଲାନ୍ ଆକ୍ଟାଭିୟାନ୍ ହ୍ୟୁମ୍, ତାଙ୍କୁ ପୂର୍ଣ୍ଣ ସମର୍ଥନ ଦେଉଥିଲେ ତିଳକ। ହ୍ୟୁମ୍ କିନ୍ତୁ ଇଂଲଣ୍ଡରେ ବିଶ୍ୱାସ ଘାତକ ବୋଲି ଚିତ୍ରିତ ହେଲେ।

୧୮୯୬-୯୭ରେ ଏକ ଭୟଙ୍କର ଦୁର୍ଭିକ୍ଷ ମହାରଷ୍ଟ୍ରରେ ଦେଖାଦେଲା। ତିଳକ ବିଭିନ୍ନ ଗ୍ରାମ ଓ ଜିଲ୍ଲାମାନ ଗସ୍ତ କରି ରିଲିଫ୍ ଓ ଆର୍ଥିକ ସାହାଯ୍ୟ ଆରମ୍ଭ କରିଦେଲେ। ଦୁର୍ଭିକ୍ଷ ସହିତ ପ୍ଳେଗ୍ ମହାମାରୀ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଲା। ୧୮୯୭ ମାର୍ଚ୍ଚରେ ଏକ କମିଟି ଗଠନ ହେଲା। ତାହାର ଅଧକ୍ଷ ଭାବେ ରେଣ୍ଡ ନିଯୁକ୍ତ ହେଲେ । ଏହି କମିଟି ଲୋକମାନଙ୍କର କିଛି କାମରେ ଲାଗିଲା ନାହିଁ। ତିଳକ ନିଜ ପକ୍ଷରୁ ସ୍ୱେଚ୍ଛା ସେବୀ କେନ୍ଦ୍ରମାନ ସ୍ଥାପନ କରିଥିଲେ । ଏହି ସ୍ୱେଚ୍ଛାସେବୀ ମାନେ ପ୍ରତିଷେଧକ ବ୍ୟବସ୍ଥା ଅନୁ ସରଣ କରିବା ସହିତ ଲୋକମାନଙ୍କୁ ଆତଙ୍କିତ ନହେବା ପାଇଁ ପରାମର୍ଶ କାର୍ଯ୍ୟରେ ଲାଗିପଡ଼ିଲେ। ୧୮୯୭ ଜୁନ୍ ୨୨ ମଧରାତ୍ରରେ ପୁନାସ୍ଥ ଗଭର୍ଣ୍ଣହାଉସ୍‌ରୁ ଏକ ରାତ୍ରି ଭୋଜନ ସାରି ତିଳକ ସ୍ୱଗୃହକୁ ଫେରିବା ସମୟରେ ଅଜଣା ଦୁର୍ବୃମାନେ ରେଣ୍ଡସାହେବ ଓ ତାଙ୍କ ଅଙ୍ଗରକ୍ଷୀ ଲେଫଟନାଣଟ ଆୟବଟକୁ ହତ୍ୟା କରିଦେଲେ। ଏହି ଘଟଣାରେ ଦାମୋଦର ଚିପଲୁ ଫାଂସି ଦାଣ୍ଡ ପାଇଥିଲେ ତିଳକ ନିର୍ଦ୍ଦୋଷ ଥିଲେ ମଧ ପିଙ୍ଗଲ କୋଡ଼୍‌ର ୧୨୪(କ) ଧାରାରେ ଅଭିଯୁକ୍ତ ହେଲେ। ତାଙ୍କୁ ୧୮ମାସ ସଶ୍ରମ କାରାଦଣ୍ଡ ଆଦେଶ ଦିଆଗଲା। ଭାରତୀୟ ନେତା ମାନେ ଆପତି ଉଠାଇଲେ। ସଂସଦ ଉଇଲିୟମ୍ ହଣଟର ଓ ପ୍ରଫେସର୍ ମ୍ୟାକସ୍ ମୁଲ୍ଲର ଇଂରେଜ ସରକାରଙ୍କ ଉପରେ ଚାପ ପକାଇବାରୁ ୧୮୯୮ ସେପ୍ଟେମ୍ବର ୭ରେ ତିଳକ ଜେଲ୍‌ରୁ ମୁକ୍ତ ହେଲେ। ଏହା ପରେ ସେ ଲୋକମାନ୍ୟ ତିଳକ ନାମରେ ଅଭିହିତ ହୋଇ ସାରା ଭାରତର ପ୍ରିୟ ନେତା ଭାବରେ ସିକୃତି ଲାଭ କଲେ । ପୁନା ଜେଲ୍‌ରେ ବୈଦିକ ଅର୍ଯ୍ୟ ସଭ୍ୟତା ଅଧ୍ୟୟନ କରି ‘ଦି ଆର୍କଟିକ୍ ହୋମ୍ ଇନ୍ ଦି ବେଦସ୍ ପ୍ରକାଶିତ କରିଥିଲେ। ୧୯୦୬ କଲିକତା କଂଗ୍ରେସ୍ ଅଧିବେଶନରେ ପ୍ରାୟ ଦୁଇ ହଜାର ପ୍ରତିନୀଧି ଓ ୧୦ ହଜାର ଦୈନିକ ଉପସ୍ଥାନରୁ କମ୍ ନଥିଲା ।ପ୍ରଥମ ଥର ପାଇଁ ଏହି ଅଧିବେଶନରେ କଂଗ୍ରେସ୍ ସ୍ୱରାଜ ଦାବି କରିବା ଏକ ଗୁରୁତ୍ୱ ପୂର୍ଣ୍ଣ ସିଦ୍ଧାନ୍ତ ଥିଲା। ଚରମପନ୍ଥୀ ଓ ନରମପନ୍ଥୀ ଗୋଷ୍ଠି ବିବାଦ ଯୋଗୁ ତିଳକ ୧୯୦୭ ଜାନୁୟାରୀ ୨ତାରିଖରେ କାଲିକତାରେ କହିଥିଲେ। ଆଜି ଯିଏ ଚରମପନ୍ଥୀ କାଲି ହୁଏତ ନରମପନ୍ଥୀ ହୋଇପାରେ। ତୁମେ ଜଦି ସ୍ୱାଧିନ ହେବାକୁ ଚାହଁ, ସ୍ୱାଧିନ ହୋଇପାରିବ ନଚେତ ସବୁଦିନ ପାଇଁ ପରାଧିନ ରହିବ । ତୁମେ ଅସ୍ତଧାରଣ କରିବାକୁ ସମର୍ଥ ନୁହଁ। ତେବେ ଇଂରେଜ ସରକାର ବିରୁଧରେ ଅହିଂସାତ୍ମକ ଅସହଯୋଗ ଆନ୍ଦୋଳନ ତ କରିପାରିବ। ବିଦେଶୀ ପଦାର୍ଥ, ଅନୁଷ୍ଠାନ ଓ କରକୁ ବର୍ଜନ କର, ଐକ୍ୟବଧ ହୋଇ କରିପାରିବତ, କାଲି ତୁମେ ସ୍ୱାଧିନ ଦେବ। କଲିକତା ଅଧିବେଶନରେ ବଙ୍କିମ୍ ଚନ୍ଦ୍ର ଙ୍କର ‘ବନ୍ଦେ ମାତରମ୍’ ଜାତୀୟ ସଙ୍ଗୀତ ରୂପେ ମାନ୍ୟତା ଲାଭ କଲା। ବର୍ମାରୁ ଜେଲ୍ ଦଣ୍ଡ ଭୋଗକରି ତିଳକ ସୁରତ ଅଧିବେଶନରେ ଯୋଗ ଦେଇଥିଲେ। ଏହି ଅଧିବେଶନରେ ପ୍ରଥମ ଦିନରୁ ବିଶୃଖଳା ଆରମ୍ଭ ହୋଇଗଲା। ବିଶୃଖଳା ଚରମ ସିମାରେ ପହଂଚିଲା। କଂଗ୍ରେସ୍ ଇତିହାସରେ ସୁରତ ବିଭାଜନ ବୋଲି ଅଭିହି କରାଯାଏ। ତିଳକ ଓ ଲଜପତ ରାୟ ଭଳି ଉଗ୍ର ଜାତୀୟ ବାଦି କଂଗ୍ରେସ୍ ସ୍ରୋତରୁ ଭିନ୍ନ ରହିଗଲେ ।ତିଳକ ମିଳାମିଶା ପାଇଁ ପଦକ୍ଷପ ନେଇଥିଲେ। ତିଳକ ଜାତୀୟ କଂଗ୍ରେସ୍ ବଦଳରେ ଆଂଚଳିକ କଂଗ୍ରେସ୍ ସମିଳନୀ ଅକୋଲା ସହରରେ ଆୟୋଜନ କଲେ। ସେଠାରେ ସେ କହିଥିଲେ ଯେ ସ୍ୱତନ୍ତ୍ରତା ଆମର ଜନ୍ମସିଦ୍ଧ ଅଧିକାର।

ସ୍ୱପ୍ନ ଓ ସଂକଳ୍ପର ରୂପକାର : ଡକ୍ଟର କଲାମ୍

॥ ଗଙ୍ଗାଧର ସାମଲ ॥

ମାଟିରୁ ମହାକାଶ ପର୍ଯ୍ୟନ୍ତ ସ୍ୱପ୍ନକୁ ପରିବ୍ୟାପ୍ତ କରି ନିଜ ସ୍ୱପ୍ନକୁ ସତ୍ୟରେ ପରିଣତ କରି ଶ୍ରେଷ୍ଠ କୀର୍ତ୍ତି ସ୍ତମ୍ଭର ସ୍ଥପତି ତଥା ପ୍ରତିଟି ଭାରତୀୟଙ୍କ ମନରେ ଆତ୍ମବିଶ୍ୱାସ, ପ୍ରେରଣା, ସାହସ ଓ ଶକ୍ତି ସଞ୍ଚାରୁଥିବା ଭାରତୀୟ କ୍ଷେପଣାସ୍ତ୍ର ଜନକ ଦେଶର ସବୁଠାରୁ ଲୋକପ୍ରିୟ ରାଷ୍ଟ୍ରପତି ପଦବୀକୁ ଅଳଙ୍କୃତ କରିଥିବା ମହାନ କୀର୍ତ୍ତି ପୁରୁଷ ଡକ୍ଟର ଅବୁଲ ପାକିର୍ ଜୈନୁଲ୍ ଆବେଦିନ୍ ଅବଦୁଲ କାଲାମ ବା ସମସ୍ତଙ୍କ ପରିଚୟ ଏପିଜେ ଅବଦୁଲ କାଲାମଙ୍କ ଆଜି ହେଉଛି ଜନ୍ମଦିନ। ନିଜର ନିରଳସ ସରଳ ଜୀବନ ଓ ସମସ୍ତଙ୍କ ସହ ପ୍ରିୟତାର ଅମାୟିକ ସ୍ୱଭାବ ସହ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଜଣେ ଶିକ୍ଷକ ପରି ଗୁରୁଦାୟିତ୍ୱ ନିର୍ବାହ କରୁଥିବା ଏହି ମହାପୁରୁଷଙ୍କ ମହାପ୍ରୟାଣ ପ୍ରତିଟି ଭାରତୀୟଙ୍କ ପାଇଁ ଅତ୍ୟନ୍ତ ଦୁଃଖର ଘଟଣାଟି। ନିର୍ବୋଧ ଶିଶୁର କୌତୁହଳ ଠାରୁ ଜ୍ଞାନୀ ବୈଜ୍ଞାନିକଙ୍କ ଅନୁସନ୍ଧିତ୍ସୁ ପ୍ରଶ୍ନ ଯାଏ ସମସ୍ତଙ୍କର ପରିଭାଷାକୁ ବୁଝି ନିଜସ୍ୱ ସରଳ ଭାଷାରେ ଉତ୍ତର ଦେବା ହିଁ ତାଙ୍କର ଜୀବନର ଶ୍ରେଷ୍ଠ ଓ କୃତି ଏହା ହିଁ ଥିଲା ଜନପ୍ରିୟତାଙ୍କର ଅନ୍ୟତମ କାରଣ। ଭାରତକୁ ଦ୍ରୁତ ଶିଳ୍ପାୟନ ପଥ ସହ କ୍ରାନ୍ତିକାରୀ ଶିକ୍ଷାରେ ଅନ୍ୟ ମହାଶକ୍ତିଙ୍କ ସହ ସମକକ୍ଷ ହେବାପାଇଁ ତଥା ଏକ ବିକଶିତ ରାଷ୍ଟ୍ର ଭାବେ ଭାରତକୁ ପରିଣତ କରିବା ପାଇଁ କୋଟି କୋଟି କିଶୋର ଓ ଯୁବକଙ୍କ ମନରେ ସେ ଭରି ଦେଉଥିଲେ ସ୍ୱପ୍ନ ଓ ପ୍ରେରଣା। ଆତ୍ମମଗ୍ନ ରହି ନିଜ ସ୍ୱପ୍ନର ଭାରତ ଗଠନ ପାଇଁ ପ୍ରତିଟି ମୁହୂର୍ତ୍ତ ସେ ଅବିରତ ଭାବରେ ଉତ୍ସର୍ଗ କରିଦେଉଥିଲେ ଏହି ଭାରତ ମାତା ପାଇଁ। ପିଲାଟି ହୁଅନ୍ତୁ ବା ବଡ଼ ପରିଣତ ବୟସର ଲୋକ, ସମସ୍ତଙ୍କ ସ୍ୱପ୍ନର ଉତ୍ସ ଓ ପ୍ରେରଣା ପାଇଁ ସେ ମୂଲ୍ୟବାନ ପାଖାପାଖି କୋଡିଏଟି ପୁସ୍ତକ ଲେଖିଯାଇଛନ୍ତି। ତାହା ଭିତରୁ ବିପୁଳ ପାଠକୀୟ ଆଦୃତି ପାଇଛି ‘ୱିଙ୍ଗସ୍ ଅଫ୍ ଫାୟାର’, ‘ଇଣ୍ଡିଆ ୨୦୨୦ - ଏ ଭିଜନ ଫର୍ ଦ ନିଉ ମିଲେନିଅମ୍’, ‘ମାଇଁ ଜିର୍ନି’, ଏବଂ ‘ଇଗ୍ନାଇଟେଡ୍ ମାଇଣ୍ଡସ୍ ଅନ୍‌ଲିସିଂ ଦ ପାୱାର ୱିଦିନ୍ ଇଣ୍ଡିଆ’ ପ୍ରମୁଖ। ଭାରତ ପାଇଁ ଏକ ସୁବର୍ଣ୍ଣ ଯୁଗ କହିଲେ ଅତ୍ୟୁକ୍ତି ହେବନାହିଁ ତତ୍କାଳୀନ ରାଷ୍ଟ୍ରପତି ପଦ ଅଳଙ୍କୃତ କରିଥିଲେ ଡକ୍ଟର ଅବଦୁଲ୍ କାଲାମ ଓ ବିଶିଷ୍ଟ ରାଷ୍ଟ୍ରନାୟକ ରାଜନୀତିଜ୍ଞ ଅଟଳ ବିହାରୀ ବାଜପେୟୀ ଥିଲେ ପ୍ରଧାନମନ୍ତ୍ରୀ। ଜଣେ ପରମାଣୁ ବିଜ୍ଞାନୀ ଭାବେ ସମଗ୍ର ବିଶ୍ୱରେ ସେ ସମ୍ମାନିତ ଓ ସୁପରିଚିତ ଥିଲେ ବି ବରଂ ଜଣେ ଶିକ୍ଷକ ଭାବେ ଜ୍ଞାନର ବିତରଣ ପାଇଁ ସେ ଅହର୍ନିଶ ପ୍ରୟାସ ଜାରି ରଖିଥିଲେ ଓ ଜୀବନର ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ଜ୍ଞାନର ଆଲୋକ ହିଁ ପ୍ରଦାନ କରୁଥିଲେ। ଭାରତର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସେ ନିଜର ମୂଲ୍ୟବାନ ମାର୍ଗଦର୍ଶନ ଦ୍ୱାରା ଅଗଣିତ ଛାତ୍ରଛାତ୍ରୀଙ୍କ ପାଇଁ ସେମାନଙ୍କ ଭବିଷ୍ୟତ ଓ ଦେଶପାଇଁ ସମର୍ପିତ ସୁଯୋଗ୍ୟ ସେବାର ଥିଲେ ପଥ ପ୍ରଦର୍ଶକ ଓ ଆଲୋକବର୍ତ୍ତିକା।

ଡକ୍ଟର କାଲାମଙ୍କ ସହ ଓଡ଼ିଶାର ସମ୍ପର୍କ ଅତ୍ୟନ୍ତ ଆବେଗିକ। ବାଲେଶ୍ୱରର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ରରୁ ଅଗ୍ନୀ, ବ୍ରହ୍ମୋସ୍ ଓ ନାଗ ପରି କ୍ଷେପଣାସ୍ତ୍ର ତାଙ୍କରି ମାର୍ଗଦର୍ଶନରେ ହିଁ ପରୀକ୍ଷଣ ହୋଇ ସମଗ୍ର ଭାରତରେ ପ୍ରତିରକ୍ଷା ଓ ମହାକାଶ ବିଜ୍ଞାନ କ୍ଷେତ୍ରରେ ଚହଳ ଓ କୃତୀତ୍ୱ ସୃଷ୍ଟି କରିଥିଲା। ଏହା ବ୍ୟତୀତ ବିଭିନ୍ନ ଶିକ୍ଷାନୁଷ୍ଠାନର କାର୍ଯ୍ୟକ୍ରମରେ ବି ସେ ସାମିଲ ହୋଇ ଅନୁଷ୍ଠାନ ଓ ବିଦ୍ୟାର୍ଥୀଙ୍କ ଭିତରେ ପ୍ରେରଣାର ଶକ୍ତି ଯୋଗାଉଥିଲେ। କ୍ଷେପଣାସ୍ତ୍ର ନିର୍ମାଣ ଓ ଉତ୍କ୍ଷେପଣ ପ୍ରଯୁକ୍ତି ବିଦ୍ୟାର ବିକାଶରେ ଭାରତକୁ ଶୀର୍ଷ ସ୍ଥାନରେ ପହଞ୍ଚାଇବା ପାଇଁ ତାଙ୍କ ଅବଦାନ ଅତୁଳନୀୟ। ବିଶ୍ୱର ସର୍ବଶ୍ରେଷ୍ଠ ପାଞ୍ଚଟି ଦେଶ ଭିତରେ ନିଜ ମାତୃଭୂମି ଭାରତକୁ ସମକକ୍ଷ କରିବା ପାଇଁ ସେ ନିଜ ଦେଶ ପ୍ରତି ଯେଉଁପରି ଅଙ୍ଗୀକାରବଦ୍ଧତା ଓ ଉତ୍ସର୍ଗୀକୃତ ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି ସେ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ ମିଜାଇଲ୍ ମ୍ୟାନ୍ ନାମ ଭାବରେ ପରିଚିତ। ତାମିଲନାଡୁର ରାମନାଥପୁରମ୍ ଅନ୍ତର୍ଗତ ରାମେଶ୍ୱରମ୍‌ରେ ଏକ ଗରିବ ମୁସଲିମ୍ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ପିଲାଟି ବେଳୁ ପାଠ ପ୍ରତି ଥିଲା ତାଙ୍କର ଅଧ୍ୟବସାୟ। ସେ ଏପରି ଜଣେ ବିରଳ ବ୍ୟକ୍ତିତ୍ୱ ପୃଥିବୀର ଶୀର୍ଷସ୍ତରରେ ଥିବା ତିରିଶଟି ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପାଇଛନ୍ତି। ୧୯୮୧ରେ ପଦ୍ମଭୂଷଣ, ୧୯୯୦ରେ ପଦ୍ମବିଭୂଷଣ ଓ ୧୯୯୭ରେ ଭାରତ ରତ୍ନ ଉପାଧିରେ ବିଭୂଷିତ ହୋଇଥିଲେ। ତାଙ୍କ ଆଦର୍ଶ ଓ ପରମ ଜୀବନରେ ଅନୁପ୍ରାଣୀତ ହୋଇ ତାଙ୍କର ୭୯ତମ ଜନ୍ମ ଦିନକୁ ଜାତିସଂଘ ପକ୍ଷରୁ ବିଶ୍ୱ ବିଦ୍ୟାର୍ଥୀ ଦିବସ ଭାବେ ପାଳନ କରିବାକୁ ଘୋଷିତ ହୋଇଥିଲା। ଭାରତକୁ ୨୦୨୦ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ସେ ରାଷ୍ଟ୍ରପତି ଥିବା ସମୟରେ ଏକ ସ୍ୱତନ୍ତ୍ର ଯୋଜନା ଚିନ୍ତନ କରିଥିଲେ। ସେ ଏକଦା ଏକ ଅଭିଭାଷଣରେ କହିଥିଲେ - ‘ଦେଶକୁ ଦୁର୍ନୀତି ମୁକ୍ତ ଏବଂ ଉତ୍ତମ ନାଗରିକଙ୍କ ଦେଶ ଭାବେ ଗଢ଼ି ତୋଳିବା ପାଇଁ ତିନିଜଣଙ୍କ ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଁ ଅନୁଭବ କରୁଛି। ସେମାନେ ହେଲେ ବାପା, ମାଆ ଓ ଶିକ୍ଷକ।’ ଏହି ଅତୁଳନୀୟ ଅମାୟିକ ବ୍ୟକ୍ତିତ୍ୱ ଯାହାଙ୍କର ବିଶାଳ ଓ ବ୍ୟାପକ ଜୀବନଯାତ୍ରା ସ୍ୱପ୍ନ ଓ ସମ୍ଭାବନାରେ ଭରି ରହିବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇଥିଲେ। ଏହି ଅମଳୀନ ବ୍ୟକ୍ତିତ୍ୱଙ୍କ ଚିନ୍ତନକୁ ସାକାର କରିବା ପାଇଁ ଛାତ୍ରଛାତ୍ରୀ, ବିଦ୍ୟାର୍ଥୀମାନେ ନିଜ ଜୀବନକୁ କର୍ମମୟ କରିପାରିଲେ ତାହା ହିଁ ହେବ ସେପରି ଅତୁଳନୀୟ ବ୍ୟକ୍ତିତ୍ୱଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ। ଆଜି ତାଙ୍କ ସ୍ମରଣୀୟ ମହାପ୍ରୟାଣ ତିଥିରେ ତାଙ୍କ ଚିନ୍ତନକୁ ଆମେ ସମସ୍ତେ ସାକାର କରିବା ପାଇଁ ନିଜର ପ୍ରତିଟି ମୁହୂର୍ତ୍ତକୁ ଉତ୍ସର୍ଗୀକୃତ କରିପାରିଲେ ତାହା ହେବ ତାଙ୍କ ପରଲୋକ ତିଥି ପାଇଁ ଶ୍ରେଷ୍ଠ ଶ୍ରଦ୍ଧା ସୁମନ।

ମାଣିକପାଟଣା, ଆଳି, କେନ୍ଦ୍ରାପଡ଼ା, ଦୂରଭାଷ : ୯୪୩୭୨୨୬୬୪୭

ହେପାଟାଇଟିସ୍ ଓ ଲିଭର କ୍ୟାନସର

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ଲିଭର କ୍ୟାନସର ଏକ ମାରାତ୍ମକ ବ୍ୟାଧି। କିନ୍ତୁ ଏହି ମାରାତ୍ମକ ବ୍ୟାଧିକୁ ବହୁକାଂଶରେ ନିରାକରଣ କରାଯାଇପାରିବ। ପ୍ରତିବର୍ଷ ସମଗ୍ର ପୃଥିବୀରେ ଛଅ ଲକ୍ଷ ବ୍ୟକ୍ତି ଲିଭର କ୍ୟାନସର ଯୋଗୁଁ ମୃତ୍ୟୁବରଣ କରିଥାନ୍ତି। ସମଗ୍ର ପୃଥିବୀରେ ଏହି କ୍ୟାନସରର ସ୍ଥାନ ଷଷ୍ଠରେ ରହିଛି। ମହିଳା ମାନଙ୍କ ଅପେକ୍ଷା ପୁରୁଷ ମାନଙ୍କ ଭିତରେ ଏହି କ୍ୟାନସରର ପ୍ରାଦୁର୍ଭାବ ବେଶୀ। ପୁରୁଷ ମାନଙ୍କ ଭିତରେ ଏହା ପଞ୍ଚମ ସ୍ଥାନରେ ଓ ମହିଳା ମାନଙ୍କ ଭିତରେ ଏହା ଅଷ୍ଟମ ସ୍ଥାନରେ ଅଛି। ଫୁସ୍‌ଫୁସ୍ କ୍ୟାନସର ଓ ପେଟ କ୍ୟାନସର ପରେ ଲିଭର କ୍ୟାନସରରୁ ହିଁ ବେଶୀ ବ୍ୟକ୍ତି ମୃତ୍ୟୁମୁଖରେ ପଡ଼ନ୍ତି। ହେପାଟାଇଟିସ୍ ବି ଓ ସି ଏହି ରୋଗର ମୁଖ୍ୟ କାରଣ। ଏସିଆ ଓ ଆଫ୍ରିକା ମହାଦେଶରେ ହେପାଟାଇଟିସ୍ ବି ୮୦ ପ୍ରତିଶତ ଓ ଆମେରିକା ଓ ଜାପାନ ଦେଶରେ ହେପାଟାଇଟିସ୍ ସି ୭୫ ପ୍ରତିଶତ ହେଉଛି ଲିଭର କ୍ୟାନସରର ମୁଖ୍ୟ କାରଣ। ଏହି ହେପାଟାଇଟିସ୍ ବି ଓ ସି ସାଧାରଣତଃ ଦୂଷିତ ରକ୍ତ, ଦୂଷିତ ସିରିଞ୍ଜି ଓ ଛୁଞ୍ଚି ମାଧ୍ୟମରେ କିମ୍ବା ଅସୁରକ୍ଷିତ ଯୌନ ସମ୍ପର୍କ ମାଧ୍ୟମରେ ଜଣଙ୍କର ଶରୀରରୁ ଅନ୍ୟ ଜଣଙ୍କର ଶରୀରକୁ ପ୍ରବେଶ କରିଥାଏ। ଯେଉଁମାନେ ଅତ୍ୟଧିକ ମଦ୍ୟପାନ କରନ୍ତି ସେମାନେ ଲିଭର ସିରୋସିସ୍ ଓ କ୍ୟାନସର ରୋଗରେ ମଧ୍ୟ ପୀଡ଼ିତ ହୁଅନ୍ତି। ଲିଭରରେ ଅତ୍ୟଧିକ ଚର୍ବି ଜମିବା, ଧୂମ୍ରପାନ ସେବନ, ଡାଇବେଟିସ୍ ଓ ଆଫ୍ଲା ଟକ୍ସିନ୍ ସେବନ ମାଧ୍ୟମରେ ଏହି ଲିଭର କ୍ୟାନସର ହୋଇଥାଏ। ହିମୋକ୍ରୋମାଟୋସିସ୍ (ଲିଭରରେ ଅତ୍ୟଧିକ ଲୌହ କଣା ଜମିବା, ଟାଇରୋସିନୋସିସ୍, ଆଲ୍‌ଫା-୧ ଏଣ୍ଟିଟ୍ରିପ୍‌ସିନ୍ ଅଭାବ ବ୍ୟକ୍ତି ମାନଙ୍କୁ ମଧ୍ୟ ଏହି କ୍ୟାନସର ରୋଗ ହୁଏ। ଏହି କାରଣ ଗୁଡ଼ିକ ମଧ୍ୟରୁ ହେପାଟାଇଟିସ୍ ବି, ସି, ମଦ୍ୟପାନ, ଧୂମ ସେବନ, ଚର୍ବି ଜନିତ ରୋଗ ଓ ଡାଏବେଟିସ୍ ହେଉଛି ପ୍ରଧାନ ରୋଗ ଯେଉଁଥିରେ କି ପରବର୍ତ୍ତୀ ଅବସ୍ଥାରେ ରୋଗୀ ଲିଭର କ୍ୟାନସରରେ ଆକ୍ରାନ୍ତ ହୁଏ। ଭାରତରେ ହେପାଟାଇଟିସ୍ ବି ସାଧାରଣଃ ଦୁଇରୁ ସାତ ପ୍ରତିଶତ ଜନସାଧାରଣଙ୍କ ଭିତରେ ଦେଖାଯାଏ। ହେପାଟାଇଟିସ୍ ବିରେ ସଂକ୍ରମିତ ଚାରିଜଣଙ୍କ ମଧ୍ୟରୁ ଜଣଙ୍କର ଲିଭର କ୍ୟାନସରରେ ମୃତ୍ୟୁ ସମ୍ଭାବନା ରହିଛି।

ଦେଶରେ ହେପାଟାଇଟିସ୍ ବି ଭୂତାଣୁର ବାହକ ବହୁ ସଂଖ୍ୟାରେ ଅଛନ୍ତି। ଏହି ବାହକମାନେ ସାଧାରଣତଃ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି। ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମା’ଠାରୁ ଭୂତାଣୁର ଶିକାର ହୋଇଥାନ୍ତି। ଯାହାକୁ ସିଧା ପ୍ରସାରଣ କୁହାଯାଏ। ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ। ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ। ଆମ ଦେଶରେ ବର୍ତ୍ତମାନ ପାଖାପାଖି ପାଞ୍ଚକୋଟି ହେପାଟାଇଟିସ୍ ‘ବି’ ଭୂତାଣୁର ବାହକ ଅଛନ୍ତି। ଏମାନେ ସାଧାରଣତଃ ନୀରୋଗ ଓ ସୁସ୍ଥ ଦେଖାଗଲେ ମଧ ପରବର୍ତ୍ତୀ କାଳରେ (୧୦-୧୫ବର୍ଷ ପରେ) ଏମାନେ ଲିଭର ସିରୋସିସ୍ ଓ ଲିଭର କର୍କଟ ରୋଗରେ ଆକ୍ରାନ୍ତ ହୁଅନ୍ତି। ହେପାଟାଇଟିସ୍ ବି ଏଡ୍‌ସ ଠାରୁ ଶହେଗୁଣ ଅଧିକ ସଂକ୍ରାମକ। ଯକୃତ କର୍କଟ ରୋଗରେ ୯୦-୯୫% ବ୍ୟକ୍ତି ଛଅ ମାସରୁ ଏକ ବର୍ଷ ଭିତରେ ମୃତ୍ୟୁମୁଖରେ ପଡ଼ନ୍ତି। ତେଣୁ ଏହିପରି ଏକ ମାରାତ୍ମକ ବ୍ୟାଧିର ନିରାକରଣ ହେଉଛି ଆମ୍ଭମାନଙ୍କ ସମ୍ମୁଖରେ ଏକ ବଡ଼ ଆହ୍ୱାନ। ଆମ୍ଭେମାନେ ଯଦି ହେପାଟାଇଟିସ୍ ବି କୁ ଟୀକା ମାଧ୍ୟମରେ ସମ୍ପୂର୍ଣ୍ଣ ନିରାକରଣ କରିପାରିବୁ ତାହାହେଲେ ଲିଭର କ୍ୟାନସରର ସଂଖ୍ୟା ମଧ କମିଯିବ। ମଦ୍ୟପାନ ସେବନ ବନ୍ଦ କରିବା ଅନ୍ୟ ଏକ ପଦକ୍ଷେପ। ଏହାଦ୍ୱାରା ଲିଭର ସିରୋସିସ୍ ଓ ଲିଭର କ୍ୟାନସରକୁ ମଧ ନିରାକରଣ କରାଯାଇ ପାରିବ। ବ୍ଲଡବ୍ୟାଙ୍କରେ ହେପାଟାଇଟିସ୍ ବି ଓ ସି ସ୍କ୍ରିନିଂ ମାଧ୍ୟମରେ ହେପାଟାଇଟିସ୍ ବି ଓ ସିକୁ ମଧ ନିୟନ୍ତ୍ରଣ କରାଯାଇପାରିବ। ଡାଏବେଟିସ, ଅତ୍ୟଧିକ ଧୂମପାନ ଇତ୍ୟାଦି ମଧ ବହୁକାଂଶରେ ନିୟନ୍ତ୍ରଣ ସାପେକ୍ଷ। ଆଫ୍ଲାଟକ୍ସିନ୍ ମାଧ୍ୟମରେ ଯେଉଁ ଲିଭର କ୍ୟାନସର ବ୍ୟାପେ, ତାହାକୁ ମଧ ଉପଯୁକ୍ତ ଖାଦ୍ୟ ସଂରକ୍ଷଣ ମାଧ୍ୟମରେ ରୋକାଯାଇପାରିବ। ଜନସାଧାରଣ ମାନଙ୍କ ମଧ୍ୟରେ ଏହି ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଇଲେ ଲିଭର କ୍ୟାନସର ଭଳି ଏକ ମାରାତ୍ମକ ରୋଗକୁ ମଧ ନିୟନ୍ତ୍ରଣ କରାଯାଇପାରିବ।

ପ୍ରଫେସର, ହେପାଟାଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ଦୂରଭାଷ : ୯୪୩୭୦୫୧୯୫୭



ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ଶନିବାର, ୧୪ ନଭେମ୍ବର, ୨୦୨୬

ଶିଳ୍ପମନ୍ତ୍ରୀ ଙ୍କ ଦ୍ୱାରା ନୂତନ ଭତ୍ତା ବଣ୍ଟନ ଓ ୟୁପିଏମ ପୋର୍ଟାଲ ଉଦଘାଟିତ

ପାରାଦୀପ, (ମହାଭାରତ): ପାରାଦୀପ ପୌରପାଳିକା ପ୍ରଶାସନିକ ଭବନ ପରିସରରେ ଶୁକ୍ରବାର ଆୟୋଜିତ ନୂତନ ଭତ୍ତା କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଧୁବାବୁ ପେନ୍‌ସନ୍ ଯୋଜନାରେ ପାରାଦୀପ ଅଞ୍ଚଳର ୪୦୦ ଜଣ ନୂତନ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା କାର୍ଡ ବଣ୍ଟନର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିଜ ବକ୍ତବ୍ୟରେ କହିଥିଲେ ଯେ ରାଜ୍ୟରେ ଅପେକ୍ଷାର ଯୁଗ ଶେଷ ହୋଇଛି । ବୟୋଜ୍ୟେଷ୍ଠ, ଅସହାୟ ତଥା ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ଅଧିକାରକୁ ସମ୍ମାନ ଜଣାଇବାର ନୂଆ ଅଧ୍ୟାୟ



ଆରମ୍ଭ ହୋଇଛି, ଯେଉଁଥିରେ ପୂର୍ବ ସରକାରଙ୍କର ସମ୍ବେଦନହୀନ କୋଟା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ନିୟମିତ ଭତ୍ତା ପ୍ରଦାନ ସୁନିଶ୍ଚିତ କରାଯାଇଛି । ଭତ୍ତା ପ୍ରଦାନ ବ୍ୟବସ୍ଥାକୁ ସ୍ୱଚ୍ଛ, ଦୁର୍ନୀତିମୁକ୍ତ ଓ ସରଳୀକରଣ କରିବା ଉଦ୍ଦେଶ୍ୟରେ 'ୟୁନିଫାଏଡ ପେନସନ ମ୍ୟାନେଜମେଣ୍ଟ ପୋର୍ଟାଲ'(ୟୁପିଏମପି) କୁ ମଧ କାର୍ଯ୍ୟକ୍ଷମ କରାଯାଇଛି । ଯାହା ମାଧ୍ୟମରେ ଯୋଗ୍ୟ ହିତାଧିକାରୀମାନେ ସିଧାସଳଖ, ଜନସେବା କେନ୍ଦ୍ର କିମ୍ବା ବିଡିଓ କାର୍ଯ୍ୟାଳୟ ଜରିଆରେ ଅନଲାଇନ୍ ଆବେଦନ କରିପାରିବେ । ଆବେଦନ ମଞ୍ଜୁର ହେବାର ପରବର୍ତ୍ତୀ ମାସରୁ ନିୟମିତ ଭତ୍ତା ମିଳିବ ଏବଂ ୮୦ ବର୍ଷ ବୟସ ପୂର୍ଣ୍ଣ କରୁଥିବା ହିତାଧିକାରୀଙ୍କୁ ବର୍ଦ୍ଧିତ ୩,୫୦୦ ଟଙ୍କା ପାଇଁ ପୁନର୍ବାର ଆବେଦନ କରିବାକୁ ପଡ଼ିବ ନାହିଁ, ବରଂ ବ୍ୟବସ୍ଥା ଅନୁଯାୟୀ ଏହା ସ୍ୱୟଂକ୍ରିୟ ଭାବେ ଲାଗୁ ହେବ । ନୂତନ ହିତାଧିକାରୀମାନଙ୍କୁ ଅକ୍ଟୋବର ଏବଂ ନଭେମ୍ବର ମାସର ଭତ୍ତା ଏକକାଳୀନ ପ୍ରଦାନ କରାଯିବ । ଡିସେମ୍ବର ମାସ ଠାରୁ ପ୍ରତି ମାସର ୧୫ ତାରିଖରେ ହିତାଧିକାରୀଙ୍କୁ ନିୟମିତ ଭାବେ ଭତ୍ତା ରାଶି ପ୍ରଦାନ କରାଯିବ । ଏହା ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହ ସାଧାରଣ ଜନତାଙ୍କ ପ୍ରତି ସରକାରଙ୍କ ସମ୍ବେଦନଶୀଳତା ଓ ପ୍ରତିବଦ୍ଧତାର ପ୍ରତିଫଳନ । ଏଥିପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଥିଲେ । ତୃଣମୂଳ ସ୍ତରର ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା ତଥା ଅନ୍ତ୍ୟୋଦୟର ସଂକଳ୍ପକୁ ସାକାର କରିବା ଦିଗରେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମସ୍ତଙ୍କୁ ଭତ୍ତା କାର୍ଡ ବଣ୍ଟନ କରିଥିଲେ । ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା,ପୌର ଯନ୍ତ୍ରୀ ଦିଲ୍ଲୀପ କୁମାର ସେଠୀ, ମନ୍ତ୍ରୀ ଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ, ପାରିଷଦ ସୁବ୍ରତ ପ୍ରଧାନ ଏବଂ ପୌର ଉପାଧକ୍ଷା ଙ୍କ ସମେତ ଅନ୍ୟାନ୍ୟ ପାରିଷଦ ମାନେ ଉପସ୍ଥିତ ଥିଲେ ।

ପରିଶ୍ରମ ଆଣିଲା ସଫଳତା, ଓପିଏସସିରେ ହୃଷୀକେଶଙ୍କ କୃତିତ୍ୱ

ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ରାଇଘର ବ୍ଲକ ଅନ୍ତର୍ଗତ ଚିତ୍ରକୋଟ ଗାଁର ଯୁବକ ହୃଷୀକେଶ ପୂଜାରୀ ଓପିଏସ୍‌ସି ମାଧ୍ୟମରେ ସମାଜଶାସ୍ତ୍ର ବିଷୟରେ ସହକାରୀ ପ୍ରାଧ୍ୟାପକ ଭାବେ ନିଯୁକ୍ତି ପାଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସେ ଶ୍ରୀ ଦୀନବନ୍ଧୁ ପୂଜାରୀଙ୍କ ସୁପୁତ୍ର। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଏଭଳି ସଫଳତା ହାସଲ କରିବା ନିଶ୍ଚିତ ଭାବେ ଗର୍ବର ବିଷୟ ହୃଷୀକେଶଙ୍କ ଏହି ସଫଳତା ପଛରେ ରହିଛି ଦୀର୍ଘଦିନର ଅଧ୍ୟବସାୟ, ନିଷ୍ଠା ଓ ନିରନ୍ତର ପରିଶ୍ରମ। ତାଙ୍କର ଏହି କୃତିତ୍ୱ କେବଳ ପରିବାର ପାଇଁ ନୁହେଁ, ବରଂ ଚିତ୍ରକୋଟ ଗାଁ ସମେତ ସମଗ୍ର ରାଇଘର ଅଞ୍ଚଳ ପାଇଁ ଏକ ଗୌରବମୟ ।ବିଶେଷକରି ଆଦିବାସୀ ଅଞ୍ଚଳର ଯୁବପିଢ଼ିଙ୍କ ପାଇଁ ହୃଷୀକେଶଙ୍କ ସଫଳତା ଏକ ପ୍ରେରଣାଦାୟକ ଉଦାହରଣ ହୋଇ ରହିବ। ଦୃଢ଼ ଇଚ୍ଛାଶକ୍ତି ଓ ନିଷ୍ଠାପର ଉଦ୍ୟମ ଥିଲେ ସୀମିତ ସୁଯୋଗ ମଧ୍ୟରେ ମଧ୍ୟ ସଫଳତାର ଶିଖର ଛୁଇଁହୁଏ ବୋଲି ସେ ପ୍ରମାଣ କରିଛନ୍ତି। ତାଙ୍କର ଏହି ସଫଳତାରେ ଚିତ୍ରକୋଟ ଗାଁ ସମେତ ରାଇଘର ଅଞ୍ଚଳରେ ଆନନ୍ଦର ମାହୋଲ ଦେଖାଦେଇଛି। ବିଭିନ୍ନ ମହଲରୁ ହୃଷୀକେଶ ପୂଜାରୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି।



୧୬୩ଟି ଗଞ୍ଜେଇ ଗଛ ନଷ୍ଟ, ଦୁଇ ଅଟକ

ରାଇଘର, (ମହାଭାରତ) : ନିଶାଦ୍ରବ୍ୟ ଚାଷ ଓ କାରବାର ରୋକିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଚଢ଼ାଉ ଅଭିଯାନ କରାଯାଇଛି। ଗତ ୧୨.୧୧.୨୦୨୬ ତାରିଖରେ ରାଇଘର ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମରେ ଏହି ଚଢ଼ାଉ କରାଯାଇଥିଲା ।ଚଢ଼ାଉ ସମୟରେ ସେଠାରୁ ୧୬୩ଟି ଗଞ୍ଜେଇ ଗଛ ଚିହ୍ନଟ କରାଯାଇ ଉପାଡ଼ିବା ପରେ ପୋଡ଼ି ନଷ୍ଟ କରାଯାଇଥିଲା। ଏହି ଘଟଣାରେ ଦୁଇ ଜଣଙ୍କୁ ଧରାଯାଇ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ମାନ୍ୟବର ଅଦାଲତକୁ ପଠାଯାଇଥିବା ସୂଚନା ମିଳିଛି ।ଏହି ଚଢ଼ାଉରେ ରାଇଘର ଅବକାରୀ ଥାନା ଅଧିକାରୀ ଶ୍ରୀ ସମୀର କୌଶଲ୍ୟା, ଅବକାରୀ ନିରୀକ୍ଷକ ଶ୍ରୀମତୀ ରଞ୍ଜୁଲତା ବାରିକ, ଉମରକୋଟ ଅବକାରୀ ଥାନା ଅଧିକାରୀ ଶ୍ରୀ ଆକାଶ କୁମାର ସାହୁଙ୍କ ସମେତ ଉଭୟ ଅବକାରୀ ଥାନାର କର୍ମଚାରୀ ଏବଂ ଅତିରିକ୍ତ ତହସିଲଦାର ଶ୍ରୀମତୀ ଶିବାନୀ ନାୟକ ସାମିଲ ହୋଇଥିଲେ ।ଅଞ୍ଚଳରେ ନିଶାଦ୍ରବ୍ୟ ଚାଷ ଓ କାରବାର ରୋକିବା ପାଇଁ ଏଭଳି ଚଢ଼ାଉ ଜାରି ରହିବ ବୋଲି ଆଶା କରାଯାଉଛି।

ଅବସରପ୍ରାପ୍ତ ଅଧ୍ୟାପକ ଗଙ୍ଗାଧର ଦାଶ ଦ୍ୱାଦଶାହ କାର୍ଯ୍ୟ ସମ୍ପନ୍ନ

କୃଷ୍ଣପ୍ରସାଦ, (ମହାଭାରତ)ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ତିତିପ ପଞ୍ଚାୟତ ଗଉଡ଼ନୂଆଁଗାଁ ଗ୍ରାମର ମୁରବୀ, ପ୍ରାକ୍ତନ ଅଧ୍ୟାପକ ତଥା ମମତାମୟୀ ଓ ପରୋପକାରୀ ବ୍ୟକ୍ତିତ୍ୱ ସ୍ୱର୍ଗତ ଗଙ୍ଗାଧର ଦାଶଙ୍କ ଦ୍ୱାଦଶାହ କାର୍ଯ୍ୟ ତାଙ୍କ ନିଜ ବାସଭବନରେ ଏକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଓ ଶୋକାକୁଳ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। (ଆବିର୍ଭାବ ୨୫.୦୮.୧୯୬୧, ତିରୋଧାନ ୦୨.୧୧.୨୦୨୬) ଏହି ଅବସରରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷାବିତ୍, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଏବଂ ଶୁଭେଚ୍ଛୁମାନେ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଆଦର୍ଶ ଶିକ୍ଷକ ଓ ପରୋପକାରୀ ବ୍ୟକ୍ତିତ୍ୱ କର୍ମମୟ ଜୀବନରେ ଜଣେ କର୍ତ୍ତବ୍ୟନିଷ୍ଠ ଓ ଆଦର୍ଶ ଅଧ୍ୟାପକ ଭାବେ ସ୍ୱର୍ଗତ ଦାଶ କେବଳ ପାଠ୍ୟକ୍ରମ ଶିକ୍ଷାଦାନରେ ସୀମିତ ନ ରହି ଛାତ୍ରଛାତ୍ରୀମାନଙ୍କୁ ନୀତିଶିକ୍ଷା, ସଂସ୍କାର ଏବଂ ମାନବିକ ମୂଲ୍ୟବୋଧର ପ୍ରକୃତ ପାଠ ପଢ଼ାଇଥିଲେ। ତାଙ୍କର ମିଷ୍ଟଭାଷୀ, ସରଳ, ନିରାଡ଼ମ୍ବର ଏବଂ ପରୋପକାରୀ ସ୍ୱଭାବ ତାଙ୍କୁ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ଓ ବହୁ ଆଦର ଦେଇଥିଲା। ତାଙ୍କର ଏପରି ଅକାଳ ବିୟୋଗ କେବଳ ପରିବାର ବର୍ଗଙ୍କ ପାଇଁ ନୁହେଁ, ବରଂ ସମଗ୍ର ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି ସୃଷ୍ଟି କରିଛି ।ବିଧିବଦ୍ଧ ଭାବେ ଦ୍ୱାଦଶାହ ନୀତିକାନ୍ତି ଓ ସମସ୍ତ ଧାର୍ମିକ ରୀତିନୀତି ଅନୁଯାୟୀ କାର୍ଯ୍ୟଟି ସମ୍ପନ୍ନ ହୋଇଥିଲା। ଏହି ଅବସରରେ ସ୍ୱର୍ଗତ ଦାଶଙ୍କ ପ୍ରିୟଜନ ଓ ଶୁଭେଚ୍ଛୁମାନେ ଉପସ୍ଥିତ ରହି ତାଙ୍କ ଅମର ଆତ୍ମାର ସଦ୍ ?ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ମୌନ ପ୍ରାର୍ଥନା କରିଥିଲେ ।ଏହି ଶ୍ରାଦ୍ଧକାର୍ଯ୍ୟ ଓ ସ୍ମୃତିସଭାରେ ସ୍ୱର୍ଗତ ଦାଶଙ୍କ ପୁଅ, ପୁତୁରା ଓ ଜ୍ୱାଇଁ ଯଥା ସିକୁ, ଆଦି, ଆକାଶ, ଆୟୁଷ, ନିନୁ ଏବଂ ଝିଅ ପାପୁ ଓ ଚୂନୀଙ୍କ ସମେତ ସମଗ୍ର ପରିବାରବର୍ଗ ଉପସ୍ଥିତ ରହି ସମସ୍ତ ଦାୟିତ୍ୱ ନିଷ୍ଠାର ସହ ତୁଲାଇଥିଲେ। ପରିବାରର ଏହି ଦୁଃଖଦ ଓ ଶୋକସନ୍ତପ୍ତ ସମୟରେ ଉପସ୍ଥିତ ସମସ୍ତ ଅତିଥି, ଗ୍ରାମବାସୀ ଓ ବନ୍ଧୁମାନେ ଗଭୀର ସମବେଦନା ଜଣାଇ ପରିବାରବର୍ଗଙ୍କୁ ଧୈର୍ଯ୍ୟ ଓ ସାନ୍ତ୍ୱନା ପ୍ରଦାନ କରିଥିଲେ।

ବୈରାଟପୁର ପ୍ରିମିଓର ଲିଗ ସିଜିନ ୨ ଦ୍ୱିତୀୟ ଦିନ - ରାଜବି ଫାଇଟର ମାଡରେ ଧରାଶାୟୀ ତ୍ରିଶକ୍ତି ଫାଇଟର

ଉଦଳା,(ମହାଭାରତ) : ଉଦଳା ବ୍ଲକ ବୈରାଟପୁର ପ୍ରିମିଓର ଲିଗ ସିଜିନ ୨ ର ଆଜି ଦ୍ୱିତୀୟ ଦିନର ପ୍ରଥମ ମ୍ୟାଚ ଏଲିଟି ଇଲେଭେନ ବନାମ ଏଜେ ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଏଲିଟି ଇଲେଭେନ ବ୍ୟାଟିଂ କରି ୧୫ ଅଭର ରେ ୧୬୭ ରନ ସଂଗ୍ରହ କରିଥିବା ବେଳେ ୧୨ ଓଭର ୧ଗୋଟି ବୋଲ ରେ ଏଜେ ଫାଇଟର ମ୍ୟାଚ ଟିକୁ ଜିତିନେଇଥିଲା । ଏଜେ ଫାଇଟର ପକ୍ଷରୁ ଯୁବରାଜ ସିଂ ଙ୍କୁ ମ୍ୟାନ ଅଫ ଦା ମ୍ୟାଚ ଏବଂ ବିକାଶ ସିଂ ଙ୍କୁ ଗୁରୁପ୍ରିତ ମିଶ୍ର ସୁପର ସିକ୍ସ ପୁରସ୍କାର ରେ ବିବେଚନା କରାଯାଇଥିଲା । ଇନିଂସ ର ଦ୍ୱିତୀୟ ମ୍ୟାଚ ରେ ରାଜବି ଫାଇଟର ବନାମ ତ୍ରିଶକ୍ତି ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ତ୍ରିଶକ୍ତି ଫାଇଟର ବ୍ୟାଟିଂ କରି ୧୫ ଅଭର ରେ ୧୮୧ ରନ ସଂଗ୍ରହ କରିଥିବା ବେଳେ ରାଜବି ଫାଇଟର ଟିମ ର ଜୟରାମ ଟୁଡୁ ସତକ ହାସଲ କରିବା ସହ ୧୪ ଅଭର ରେ ୧୮୨ ରନ କୁ ହାସଲ କରି ମ୍ୟାଚ ଟିକୁ



ଜିତିଯାଇଥିଲା । ରାଜବି ଟିମ ପକ୍ଷରୁ ସର୍ବାଧିକ ଚକା ମାରିବା ସହ ଜୟରାମ ଟୁଡୁ ଙ୍କୁ ମ୍ୟାନ ଅଫ ଦା ମ୍ୟାଚ ସହ ସୁପର ସିକ୍ସ ପୁରସ୍କାର ରେ ବିବେଚନା ହୋଇଥିଲେ । ଆଜିର ଦ୍ୱିତୀୟ ଦିନ ଖେଳ ରେ ମୁଖ୍ୟ ଅତିଥିଭାବେ ପ୍ରଥମ ମ୍ୟାଚ ରେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ଏବଂ ଦ୍ୱିତୀୟ ମ୍ୟାଚ ରେ କଂଗ୍ରେସ ଜିଲ୍ଲା ଆଦିବାସୀ କଂଗ୍ରେସ ମୟୁରଭଞ୍ଜ ଜିଲ୍ଲା ସଭାପତି ଦୁଃଖିଶ୍ୟାମ ମୁର୍ମୁ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ମ୍ୟାଚ ପରିଚାଳନା ପାଇଁ ଓସିଏ ପେନାଲ ଏମ୍ପେୟାର ଏଲଡ଼ିସିଂ ଏବଂ ହେମନ୍ତ ମାଝୀ ଖେଳ ପପରିଚାଳନା କରିଥିବା ବେଳେ ପଙ୍କଜ ମହାକୁଡ଼ ଧରାବିବରଣୀ ପ୍ରଦାନ କରିଥିଲେ । ପ୍ରିମିଓର ଲିଗ ର ଉପଦେଷ୍ଟା ଦୀପକ ମିଶ୍ର, ସରୂପ ମହାପାତ୍ର, ସଭାପତି ହେମନ୍ତ ବେହେରା, ସମ୍ପାଦକ ଦୀପକ ବେହେରା, ରବିନାରାୟଣ ମହାପାତ୍ର, ଚିନ୍ମୟ ଶତପଥି, ଭବେଶ ବେହେରା, ସିକୁ ବେହେରା, ଅମିତ ବେହେରା, ରିତେଶ ସେଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସହଯୋଗ କରିଥିଲେ।

କିରିକିଚିପାଳରେ ତୃତୀୟ ବାର୍ଷିକ ଧୁଙ୍ଗୁଆନ ମହୋତ୍ସବ ଅନୁଷ୍ଠିତ

କରଞ୍ଜିଆ, (ମହାଭାରତ)ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚମ୍ପାଝର ଗ୍ରାମ ପଞ୍ଚାୟତର କିରିକିଚିପାଳ ଠାରେ ତୃତୀୟ ବାର୍ଷିକ ଧୁଙ୍ଗୁଆନ ମହୋତ୍ସବ ଗତ ଗୁରୁବାର ଦିନ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। କୁଡୁମି ସମାଜର ପାରମ୍ପରିକ କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ସହ ଆଗାମୀ ପିଢ଼ି ମଧ୍ୟରେ ଏହାର ପ୍ରଚାର ଓ ପ୍ରସାର କରିବା ଉଦ୍ଦେଶ୍ୟରେ ଏହି ମହୋତ୍ସବର ଆୟୋଜନ କରାଯାଇଥିଲା। ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଠାକୁରମୁଣ୍ଡା ବନପାଳ ବିଦ୍ୟାଧର ମହାନ୍ତ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ ଯୋଗଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଠାକୁରମୁଣ୍ଡା କୁଡୁମି ସଂଗଠନର ସମ୍ପାଦକ ରାଧାଶ୍ୟାମ ମହାନ୍ତ ଯୋଗଦେଇ କୁଡୁମି ସମାଜର ଧୁଙ୍ଗୁଆନ ପରମ୍ପରାର ମହତ୍ତ୍ୱ ଓ ଏହାର ସାଂସ୍କୃତିକ ଗୁରୁତ୍ୱ ଉପରେ ନିଜର ମତବ୍ୟକ୍ତ କରିଥିଲେ। ଏହାସହିତ ଚମ୍ପାଝର ବନପାଳ ବିଶ୍ୱଜିତ ମହାନ୍ତ, ଗଦାଧର ମହାନ୍ତ, ଉପେନ୍ଦ୍ର ମହାନ୍ତ, ହୃଷୀକେଶ ମହାନ୍ତ ଓ ଭରତ ଚନ୍ଦ୍ର ମହାନ୍ତ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ଉପସ୍ଥିତ ଅତିଥିମାନେ ନିଜ ନିଜ ଅଭିଭାଷଣରେ କୁଡୁମି ସମାଜର ଗୌରବମୟ ପରମ୍ପରା, ସାମାଜିକ ଏକତା ଏବଂ ପାରମ୍ପରିକ ଧୁଙ୍ଗୁଆନର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ ।ମହୋତ୍ସବର ଅନ୍ୟତମ ଆକର୍ଷଣ ଥିଲା ଧୁଙ୍ଗୁଆନ ପ୍ରତିଯୋଗିତା। ଏଥିରେ ଠାକୁରମୁଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରୁ ଚୟନିତ ଦଳମାନେ ଉତ୍ସାହର ସହ ଅଂଶଗ୍ରହଣ କରି ନିଜ ନିଜର ପାରମ୍ପରିକ କଳା ଓ ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତା ଶେଷରେ ଦିରିବ ଦଳ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସୁଦର୍ଶନପୁର ଦଳ ଦ୍ୱିତୀୟ ଏବଂ ଖପରାଖାଇ ଦଳ ତୃତୀୟ ସ୍ଥାନ ହାସଲ କରିଥିଲେ। ବିଜୟୀ ଦଳଗୁଡ଼ିକୁ ଆୟୋଜକଙ୍କ ପକ୍ଷରୁ ପୁରସ୍କୃତ କରାଯାଇଥିଲା।

ବାରବାଙ୍କ ଉଚ୍ଚ ବିଦ୍ୟାଳୟକୁ ଦୁଇଟି ରାଜ୍ୟସ୍ତରୀୟ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର'

ରେଢ଼ାଖୋଲ (ମହାଭାରତ) ଶିକ୍ଷା କ୍ଷେତ୍ରରେ ଆଉ ଏକ ଗୌରବମୟ ସଫଳତା ହାସଲ କରିଛି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ଅନ୍ତର୍ଗତ ବାରବାଙ୍କ ଉଚ୍ଚ ବିଦ୍ୟାଳୟ। ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ମାଧ୍ୟମିକ ବିଦ୍ୟାଳୟ ଓ ବିଦ୍ୟାଳୟ ପରିଚାଳନା କମିଟି (ଏସ୍ ?ଏମ୍ ?ସି) ବର୍ଗରେ ବିଦ୍ୟାଳୟକୁ ଦୁଇଟି ସମ୍ମାନଜନକ ରାଜ୍ୟସ୍ତରୀୟ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁସ୍ମିତା ପ୍ରଧାନ ଏବଂ ପରିଚାଳନା କମିଟିର ସଭାପତି ସୁଶାନ୍ତ ବେହେରାଙ୍କୁ ମାନପତ୍ର, ଟ୍ରଫି ଓ ପୁରସ୍କାର ରାଶିର ଚେକ୍ ପ୍ରଦାନ କରି ସମ୍ବର୍ଦ୍ଧିତ



କରିଥିଲେ। ଏହି ସଫଳତାରେ ଆଉ ଏକ ଗୌରବ ଯୋଡ଼ିଛନ୍ତି ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଆଶିଷ କୁମାର ସାହୁ। ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ସେ ସମ୍ବଲପୁର ଜିଲ୍ଲାସ୍ତରରେ 'ଶ୍ରେଷ୍ଠ ବିଜ୍ଞାନ ଶିକ୍ଷକ' ଭାବେ ମନୋନୀତ ହୋଇଛନ୍ତି। ଏହା ବିଦ୍ୟାଳୟ ପରିବାର ପାଇଁ ଆଉ ଏକ ଗର୍ବ ଓ ଗୌରବର ବିଷୟ ପାଲଟିଛି। ସୂଚନାଯୋଗ୍ୟ, ଏହି ବିଦ୍ୟାଳୟ ପୂର୍ବରୁ ୨୦୨୩ ଶିକ୍ଷାବର୍ଷରେ ମଧ ବ୍ଲକ୍ ?ସ୍ତରୀୟ ଶ୍ରେଷ୍ଠ ମାଧ୍ୟମିକ ବିଦ୍ୟାଳୟ ବର୍ଗରେ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ହାସଲ କରିଥିଲା। ବିଦ୍ୟାଳୟର ଉନ୍ନତ ଶୈକ୍ଷିକ ପରିବେଶ, ଗୁଣାତ୍ମକ ଶିକ୍ଷାଦାନ, ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ନିଷ୍ଠାପର ଉଦ୍ୟମ ଏବଂ ପରିଚାଳନା କମିଟିର ସକ୍ରିୟ ସହଯୋଗ ଏହି ସଫଳତାର ମୁଖ୍ୟ ଆଧାର ବୋଲି ବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ଏହା ସହିତ ଅଭିଭାବକ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗକୁ ମଧ ବିଦ୍ୟାଳୟ ପକ୍ଷରୁ ପ୍ରଶଂସା କରାଯାଇଛି। ଏହି ଉଲ୍ଲେଖନୀୟ ସଫଳତା ପାଇଁ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ, ରେଢ଼ାଖୋଲ ବ୍ଲକ୍ ?ର ଶିକ୍ଷକ-ଶିକ୍ଷୟିତ୍ରୀ, ପରିଚାଳନା କମିଟିର ସଦସ୍ୟସଦସ୍ୟା ଓ ଗ୍ରାମବାସୀ ବିଦ୍ୟାଳୟ ପରିବାରକୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ଦୁଇଟି ରାଜ୍ୟସ୍ତରୀୟ ପୁରସ୍କାର ଓ ଜିଲ୍ଲାସ୍ତରୀୟ ସମ୍ମାନ ବାରବାଙ୍କ ଉଚ୍ଚ ବିଦ୍ୟାଳୟର ଶିକ୍ଷା କ୍ଷେତ୍ରରେ ଉନ୍ନତିର ଏକ ଉଦାହରଣ ସୃଷ୍ଟି କରିଥିବାବେଳେ ଆଗାମୀ ଦିନରେ ଏହା ବିଦ୍ୟାଳୟକୁ ଆହୁରି ଉଚ୍ଚତାକୁ ନେବାରେ ପ୍ରେରଣା ଯୋଗାଇବ ବୋଲି ଆଶା ପ୍ରକାଶ ପାଇଛି।

ଯୋଗ୍ୟ ହିତାଧିକାରୀଙ୍କୁ ମିଳିଲା ମଧୁବାବୁ ପେନସନ୍ ଯୋଜନାରେ ଭତ୍ତା



ନୟାଗଡ଼, (ମହାଭାରତ) : ଅପେକ୍ଷାର ହେଲା ଅନ୍ତ। ଯୋଗ୍ୟ ହିତାଧିକାରୀଙ୍କୁ ମିଳିଲା ମଧୁବାବୁ ପେନସନ୍ ଯୋଜନାରେ ଭତ୍ତା। ଏଥିପାଇଁ ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ନୂଆ ମଧୁବାବୁ ପେନସନ୍ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ବଣ୍ଟନ କରାଯାଇଛି। ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ଡାଇମୋନ୍ ଯୁବୁଲି ହଲ୍ ପରିସରରେ ଆୟୋଜିତ ହୋଇଥିଲା ଜିଲ୍ଲା ସ୍ତରୀୟ ମଧୁ ବାବୁ ପେନସନ୍ ଯୋଜନା କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ, କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ମୋଟ୍ ୮୦୦ ଜଣ ନୂଆ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ, ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନିରୂପମା ଖଟେଇ, ନୟାଗଡ଼ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସର୍ବେଶ୍ୱର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ୟୁପିଏମପି ୟୁନିଫାଇଡ୍ ମ୍ୟାନେଜମେଣ୍ଟ ପୋର୍ଟାଲ୍ ଦ୍ୱାରା ଏବେ ଆଉ ଟାର୍ଗେଟ୍ ପାଇଁ ଅପେକ୍ଷା କରିବାକୁ ପଡ଼ିବନି। ପ୍ରତି ମାସରେ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ମଞ୍ଜୁର କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ନୂଆ ହିତାଧିକାରୀ ମାନେ ମଧୁବାବୁ ପେନସନ୍ ଯୋଜନାରେ ସାମିଲ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏହି ଟଙ୍କାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି। ଏଥିରେ ନୟାଗଡ଼ ଜିଲ୍ଲାର ୯ ହଜାର ୮ ଶହ ୪୩ ଜଣ ହିତାଧିକାରୀ ନୂଆ ଭାବେ ମଧୁବାବୁ ପେନସନ ଯୋଜନାରେ ଯୋଡ଼ି ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା

ବାଣୀଗୋଛା ମଣ୍ଡଳ ବିଜେପିର ସାଙ୍ଗଠନିକ ବୈଠକ



ଦଶପଲ୍ଲା, (ମହାଭାରତ): ଭାରତୀୟ ଜନତା ପାର୍ଟିର ଦଶପଲ୍ଲା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଣୀଗୋଛା ମଣ୍ଡଳର ଏକ ସାଙ୍ଗଠନିକ ବୈଠକ ଶୁକ୍ରବାର ଦିନ ଚଢ଼େୟାପଲ୍ଲୀସ୍ଥିତ ପୁରାତନ ମେଡିକାଲ ନିକଟରେ ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ହୋଇଥିଲା ।ବୈଠକରେ ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଦଳୀୟ କର୍ମକର୍ତ୍ତାଙ୍କୁ ଅବଗତ କରାଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ଡବଲ ଇଞ୍ଜିନ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମକୁ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼ କରିବାକୁ ସେ ଆହ୍ୱାନ ଦେଇଥିଲେ ।ବୈଠକରେ ରାଜ୍ୟ ସଂଗଠନର ନିର୍ଦ୍ଦେଶ ଅନୁଯାୟୀ ବୁଥ୍‌ସ୍ତରରେ ସାଙ୍ଗଠନିକ ବୈଠକ ଆୟୋଜନ, ସକ୍ଷମ ମଣ୍ଡଳ, ସକ୍ରିୟ ଶକ୍ତିକେନ୍ଦ୍ର ଓ ସଶକ୍ତ ବୁଥ୍ ଗଠନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତଥା ଦଶପଲ୍ଲା ନଗର ପ୍ରଭାରୀ କିଶୋର ଚନ୍ଦ୍ର ଦଳବେହେରା, ମଣ୍ଡଳ ପ୍ରଭାରୀ ଚନ୍ଦ୍ରଶେଖର ଦାସ, ଅନୁସୂଚିତ ଜନଜାତି ଜିଲ୍ଲା ସଭାପତି ପଦ୍ମଲୋଚନ ଜାନୀ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବସନ୍ତ କୁମାର ସାହୁ, ପୂର୍ବତନ ସମିତି ସଭ୍ୟ ତଥା ସଂଗଠକ ନରେଶ କୁମାର ପ୍ରଧାନ, ପୂର୍ବତନ ସରପଞ୍ଚ ବବିତା ନାଏକ, ପୂର୍ବତନ ସମିତି ସଭ୍ୟ ନରେନ୍ଦ୍ର ନାଏକ ଓ ଗିରିଧାରୀ ମଳିକ ଯୋଗଦେଇଥିଲେ ।ବୈଠକରେ ମଣ୍ଡଳ କମିଟିର ସଦସ୍ୟ, ବିଭିନ୍ନ ମୋର୍ଚ୍ଚାର ସଭାପତି ଓ ଶକ୍ତିକେନ୍ଦ୍ର ପ୍ରମୁଖମାନେ ଉପସ୍ଥିତ ଥିଲେ । ମଣ୍ଡଳ ସାଧାରଣ ସମ୍ପାଦକ ବସନ୍ତ କୁମାର ମୁଦୁଲି ସଭା ପରିଚାଳନା କରିଥିବାବେଳେ ଗୋକୁଳ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ମଣ୍ଡଳ ସଭାପତି ସଭା ସାଙ୍ଗ କରିଥିଲେ ।

ଏଥର ମିଳିବ ଯୋଗ୍ୟ ହିତାଧିକାରୀ ଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ



ନୟାଗଡ଼, (ମହାଭାରତ) : ଅପେକ୍ଷାର ହେବ ଅନ୍ତ । ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର । ଏଥିପାଇଁ ସରକାର ଆସନ୍ତା କାଲି କେନ୍ଦ୍ର ସରକାରଙ୍କ ସହାୟତା ରେ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଙ୍କୁ ଗୃହ ବଣ୍ଟନ କରିବେ । ପଞ୍ଚାୟତ ସ୍ତରରେ ଚୟନ ହୋଇ ଥିବା ଯୋଗ୍ୟ ହିତାଧିକାରୀ ଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ ପାଇଁ ୱାର୍କ ଅର୍ଡର ମିଳିବ । ଏଥିପାଇଁ ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ପଞ୍ଚାୟତ ସ୍ତରରେ ଚୟନ ହୋଇ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ଚୟନ କରାଯାଇଛି । ଜିଲ୍ଲାର ୩୭ ହଜାର ରୁ ଉର୍ଦ୍ଧ ଯୋଗ୍ୟ ହିତାଧିକାରୀଙ୍କୁ ଚୟନ କରାଯାଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ଦୁଇ ବର୍ଷ ରୁ ଉର୍ଦ୍ଧ ସମୟ ଧରି ଲୋକ ମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇନଥିବା ବେଳେ ସରକାର ନୟାଗଡ଼ ଜିଲ୍ଲାକୁ ସରକାରୀ ସ୍ତରରେ କେତେ ଘର ଦେଉଛନ୍ତି ତାହା ଜଣା ପଡି ନାହିଁ । ପ୍ରଧାନମନ୍ତ୍ରୀ ଆବାସ ଲକ୍ଷ୍ଟି ଆସିବା ପରେ ଚୟନ ହୋଇଥିବା ଯୋଗ୍ୟ ହିତାଧିକାରୀ ଙ୍କୁ ଗୃହ ଯୋଗାଇ ଦିଆଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ଏଥିପାଇଁ ଆବାସ ପୋଟାଲରେ ହିତାଧିକାରୀଙ୍କ ନାମ ଅପଲୋଟ କରାଯାଇଛି । ତାଲିକାର ପ୍ରଥମ ନମ୍ବରରୁ ଯୋଗ୍ୟ ହିତାଧିକାରୀ ଙ୍କୁ ଘର ଯୋଗାଇ ଦିଆଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ଏଥିରେ କୌଣସି ଅନ୍ୟମିତା ହେବ ନାହିଁ । ସେପଟେ ନବଘନପୁର ପଞ୍ଚାୟତର ସରପଞ୍ଚ କହିଛନ୍ତି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବା ପାଇଁ ବହୁତ ଯୋଗ୍ୟ ହିତାଧିକାରୀ ଅପେକ୍ଷାରେ ଅଛନ୍ତି । କିନ୍ତୁ ପ୍ରଧାନମନ୍ତ୍ରୀ ଆବାସ ମିଳିବ କମ । ଆବଶ୍ୟକତା ଠାରୁ କମ ମିଳିବ ଆବାସ ଘର । ଏହା ଦ୍ୱାରା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ବାଣ୍ଟିବାରେ ସମସ୍ୟା ହେବ । ଘର ନପାଇବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେବ ।

ଜିଲ୍ଲାସ୍ତରୀୟ ଯୁବୋତ୍ସବ ଉଦଯାପିତ

ଗଜପତି(ମହାଭାରତ): ଜିଲ୍ଲା କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ 'ବିକଶିତ ଭାରତ ଯୁବ ନେତୃତ୍ୱ ସଂକଳ୍ପ-୨୦୨୭' ଅନ୍ତର୍ଗତ ଜିଲ୍ଲାସ୍ତରୀୟ ଯୁବୋତ୍ସବ ଉଦଯାପିତ ହୋଇଯାଇଛି । ଏହି ଉଦଯାପନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପ ଜିଲ୍ଲାପାଳ ଭବବତ ସାମଲ କଲ୍ୟାଣ ରାଓ,ଡି ଆର ଡି ଏ ଏ ପି ଡି ପୃଥ୍ୱୀରାଜ ମଣ୍ଡଳ,ଜିଲ୍ଲା କ୍ରୀଡ଼ା ଅଧିକାରୀ ତ୍ରିନାଥ ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ ତ୍ରିପାଠୀ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।ଯୁବପିଢ଼ିଙ୍କ ମଧ୍ୟରେ ଥିବା ପ୍ରତିଭା ଓ ସୃଜନଶୀଳତାର ବିକାଶ ପାଇଁ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।ଏହି ଯୁବୋତ୍ସବରେ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ସହରାଞ୍ଚଳର ମହାବିଦ୍ୟାଳୟ ଗୁଡ଼ିକରୁ ଆସିଥିବା ଛାତ୍ରଛାତ୍ରୀମାନେ ଲୋକ ଗୀତ ଓ ଲୋକ ନୃତ୍ୟ ପରିବେଷଣ



କରିଥିଲେ ।ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜନସେବା, ଜନଭାଗିଦାରୀ ଓ ସାମାଜିକ ଦାୟିତ୍ୱବୋଧର ଭାବନାକୁ ଜନସାଧାରଣଙ୍କ ମଧ୍ୟରେ ପହଞ୍ଚାଇବା ସହ- ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ସମସ୍ତଙ୍କୁ ଏକ ସାମୂହିକ ସଂକଳ୍ପ ନେବାକୁ ପ୍ରେରିତ କରିବା ।ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନେ ଆଗାମୀ ଦିନରେ ରାଜ୍ୟସ୍ତରୀୟ ଯୁବୋତ୍ସବରେ ଗଜପତି ଜିଲ୍ଲାର ପ୍ରତିନିଧିତ୍ୱ କରିବେ । ଏହି ଯୁବୋତ୍ସବ ଯୁବପିଢ଼ିଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ ସହ ନେତୃତ୍ୱ ଦକ୍ଷତା, ସୃଜନଶୀଳତା ଓ ସାଂସ୍କୃତିକ ଚେତନାକୁ ପ୍ରୋତ୍ସାହିତ କରିବାରେ ସହାୟକ ହୋଇପାରିବ ।

ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା ସମିତି (ଦିସା) ବୈଠକ

ଭବାନୀପାଟଣାତା. (ମହାଭାରତ):: ଜିଲ୍ଲାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଫ୍ଲାଗସିପ୍ ଯୋଜନା ଏବଂ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମର ଅଗ୍ରଗତିର ସମୀକ୍ଷା ଏବଂ ଯୋଜନାଗୁଡ଼ିକର ସଫଳ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଦିଶା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର କଳାହାଣ୍ଡି ଲୋକସଭା ସାଂସଦ ଶ୍ରୀମତି ମାଳବିକା ଦେବୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ର ପ୍ରାୟୋଜିତ ବିଭିନ୍ନ ଯୋଜନା, ଜିଲ୍ଲାର ବିକାଶମୂଳକ ପ୍ରକଳ୍ପ, ଚାଲୁଥିବା ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ, ଲୋକକଲ୍ୟାଣମୂଳକ ଯୋଜନାର କାର୍ଯ୍ୟାନ୍ୱୟନ ସ୍ଥିତି ଓ ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକର ଅଗ୍ରଗତି ଉପରେ ବିଭାଗଭିତ୍ତିକ ସମୀକ୍ଷା କରାଯାଇଥିଲା ।ବୈଠକରେ ମାନ୍ୟବର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୁଧୀର ରଞ୍ଜନ ପାଟଯୋଶୀ, ପୂର୍ବତନ ସାଂସଦ ଶ୍ରୀଯୁକ୍ତ ଅର୍କ କେଶରୀ ଦେଓ,ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ସୌମ୍ୟ ରଞ୍ଜନ ପ୍ରଧାନ,ଡି ଏଫ୍ ଓ ଦକ୍ଷିଣ ଆର୍ କଲାଇଭାନନ୍,ଉପ ଜିଲ୍ଲାପାଳ ଭବାନୀପାଟଣା ଆଶିନି ଏ ଏଲ ଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଉପସ୍ଥିତ ଅତିଥି, ବ୍ଲକ ଅଧ୍ୟକ୍ଷ ଏବଂ ବିଭାଗୀୟ ଅଧିକାରୀମାନଙ୍କୁ ସ୍ୱାଗତ ଜଣାଇ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ପରେ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଜନାଭିତ୍ତିକ କାର୍ଯ୍ୟ ଅଗ୍ରଗତି, ଲକ୍ଷ୍ୟ ହାସଲ, ଚ୍ୟାଲେଞ୍ଜ ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ସମୀକ୍ଷା ସମୟରେ ଜିଲ୍ଲାର କୃଷି, ସ୍ୱାସ୍ଥ୍ୟ , ଶିକ୍ଷା,ପ୍ରାଣୀ ସମ୍ପଦ,ସମାଜ କଲ୍ୟାଣ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ,ଅବକାରୀ, ଭିବି ଜି ରାମଜି,ଜୀବିକା ମିଶନ,ଖଣି,ଗ୍ରାମ୍ୟ ରାସ୍ତା, ପୂର୍ତ୍ତ ଏବଂ ଅନ୍ୟାନ୍ୟ କେନ୍ଦ୍ର ପ୍ରାୟୋଜିତ ଯୋଜନାର ଅଗ୍ରଗତି ଉପରେ ସବିଶେଷ ଆଲୋଚନା କରାଯାଇଥିଲା । ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ ଥିବା ସମସ୍ୟାର ତ୍ୱରିତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ଆବଶ୍ୟକ ପରାମର୍ଶ ମଧ୍ୟ ଦିଆଯାଇଥିଲା ।ନିଜ ଅଭିଭାଷଣରେ ମାନ୍ୟବର ସାଂସଦ ମାଳବିକା ଦେବୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ନିକଟରେ ସମୟୋପଯୋଗୀ ଭାବେ ପହଞ୍ଚିବା ସୁନିଶ୍ଚିତ କରିବା ସମସ୍ତ ବିଭାଗର ପ୍ରାଥମିକ ଦାୟିତ୍ୱ । ଏଥିପାଇଁ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ବୃଦ୍ଧି ସହ ମିଶନ ମୋଡ୍‌ରେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ । ଯୋଜନାର କାର୍ଯ୍ୟାନ୍ୱୟନରେ ସ୍ୱଚ୍ଛତା, ଦାୟିତ୍ୱବୋଧ ଓ ଗୁଣାତ୍ମକ ମାନ ବଜାୟ ରଖିବା ସହ ନିୟମିତ କ୍ଷେତ୍ର ପରିଦର୍ଶନ କରିବାକୁ ମଧ ସେ ପରାମର୍ଶ ଦେଇଥିଲେ ।ସାଂସଦ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ନୂଆ ଆତ୍ମା ଗଠନ ପ୍ରକ୍ରିୟା ଉପରେ ବିଶେଷ କାର୍ଯ୍ୟ ହେଉ ନାହିଁ ଏବଂ ଯୋଜନାର ବିଶେଷ ଅଗ୍ରଗତି ନାହିଁ ବୋଲି ଅସନ୍ତୋଷ ପ୍ରକାଶ କରିଥିଲେ ।

ପାଟଣା ବ୍ଲକ ପକ୍ଷରୁ ଭତ୍ତା ପାଇଁ ଅପେକ୍ଷା ଯୁଗ ସରିଲା କାର୍ଯ୍ୟକ୍ରମ ଅନୁଷ୍ଠିତ



ପାଟଣା:-(ମହାଭାରତ) ରାଜ୍ୟ ସରକାର ଙ୍କ ଯୋଗାନ୍ତ କାରୀ ପଦେକ୍ଷପ ରେ ମାସ, ମାସ,ବର୍ଷ ବର୍ଷ ଧରି ବିଭିନ୍ନ ଭତ୍ତା ନିମନ୍ତେ ଆବେଦନ କରି ହିତାଧିକାରୀ ବଞ୍ଚିତ ରହୁଥିବା ବେଳେ ରାଜ୍ୟ ସରକାର ମୋହନ ଚରଣ ମାଝୀ ଏକ ଚୂଡ଼ାନ୍ତ ନିଷ୍ପତ୍ତି ନେଇଛନ୍ତି । ସରକାରୀ ସ୍ଥରେ ଭତ୍ତା ହିତଧିକାରୀ ଙ୍କ ଭତ୍ତା ଜିଲ୍ଲା ସ୍ଥରରେ ମଞ୍ଜୁରୀ ମିଳୁ ନ ଥିବା ବେଳେ ରାଜ୍ୟ ସରକାର ଏହାକୁ ବ୍ଲକ ସ୍ଥରେ ମଞ୍ଜୁରୀ କରିବାକୁ ନିର୍ଦ୍ଦେଶ ଦେଇ ଥିବା ବେଳେ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ପକ୍ଷ ରୁ ବିଭିନ୍ନ ଭତ୍ତା ଧାରି ଙ୍କ ପାଇଁ ମୋଟ ୧୮୩୮ ଜଣ ଙ୍କ ଭତ୍ତା ମଞ୍ଜୁରୀ ହୋଇ ଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପାଟଣା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ କୁମାର ଦଣ୍ଡପାଟ ଙ୍କ ଅଧ୍ୟକ୍ଷତା ରେ ବିଏସଏସଓ ଅଭୟ କୁମାର ଦେହୁରୀ ନେତୃତ୍ୱ ରେ ଭତ୍ତା ପାଇଁ ଅପେକ୍ଷା ଯୁଗ ସରିଲା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଛି । ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦାନ କରି ଉଦ୍ଘାଟନ କରିଛନ୍ତି । ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାୟକ, ସ୍ଥାନୀୟ ସରପଞ୍ଚ ବିନତୀ ବାନରା ,ଟାଙ୍ଗରପଡା ସରପଞ୍ଚ ଅନିରୁଦ୍ଧ ନାଏକ,ପାଟଣା ତହସିଲଦାର ଅଶ୍ୱନୀ କୁମାର ନାଏକ, ସାଂସଦ ପ୍ରତିନିଧି ପ୍ରହ୍ଲାଦ ପଲେଇ, ବିଧାୟକ ପ୍ରତିନିଧି କମଳାକାନ୍ତ ଦାଶ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ରେ ଦୁଇ ଟି ପଞ୍ଚାୟତ ବଡ଼ପାଟଣା ୧୭୪ଜଣ ଓ ଟାଙ୍ଗରପଡ଼ା ୧୫୦ଜଣ ଭତ୍ତା ହିତାଧିକରୀ ଙ୍କୁ ଅତିଥି ମାନଙ୍କ ଦ୍ୱାରା ଭତ୍ତା କାର୍ଡ ସହ ଅର୍ଥରାଶି ପ୍ରଦାନ କରାଯାଇ ଛି । ଏହି କାର୍ଯ୍ୟକ୍ରମ କୁ ପାଟଣା ବ୍ଲକ ଡବ୍ଲୁଇଓ ସିପ୍ରାରାଣୀ ମହାନ୍ତ, ସିପି ବେଦବ୍ୟାସ ମହାନ୍ତ,ଯୋଗାଣ ନିରୀକ୍ଷକ ଦିବ୍ୟରାଜ ଭୋଇ,ଏପିଓ ମଧୁସୂଦନ ପ୍ରଧାନ,ବଡ଼ ପାଟଣା ପଂଚାୟତ ଅଧିକାରୀ ଅଶୋକ ମହାନ୍ତ, ଏଡ଼ିଓ ନିହାର ରଞ୍ଜନ ପରିଡ଼ା,ଟାଙ୍ଗରପଡ଼ା ପଞ୍ଚାୟତ ଅଧିକାରୀ ଅଭିଳାଷ ରଞ୍ଜନ ରାଜ୍ ,ଏଡିଓ ଯୋଶଦା ନାଏକ ସଂପୂର୍ଣ୍ଣ ସହଯୋଗ କରିଛନ୍ତି । କାର୍ଯ୍ୟକ୍ରମ ମଞ୍ଚ ପରିଚାଳନା ପାର୍ଥ ସାରଥୀ ବେଜ କରିଥିବା ବେଳେ ଦୁଇ ଟି ପଞ୍ଚାୟତ ର ସଂଖ୍ୟାଧିକ ହିତାଧିକାରୀ ମାନେ ଉପସ୍ଥିତ ଥିଲେ ।

କଳାକାରଙ୍କୁ ବିଶ୍ୱସ୍ତରୀୟ ମାନ୍ୟତା ଦେବାକୁ ସରକାରଙ୍କ ନିକଟରେ ଦାବି



ଦଶପଲ୍ଲା,(ମହାଭାରତ): ଆଜି ଅପରାହ୍ନ ୧ ଘଟିକା ସମୟରେ ଘୁଗୁଡ଼ିପଡ଼ା ପଞ୍ଚାୟତ ଅନ୍ତର୍ଗତ ପାଣିଟାଙ୍ଗି ନିକଟସ୍ଥ ଖେଳପଡ଼ିଆଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ଓ ସାଂସ୍କୃତିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ଯୁଗଳ କିଶୋର ଦଳବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଉପସଭାପତି ସୁରେଶ୍ୱର ପ୍ରଧାନ, ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ ଏବଂ ସଂଯୋଜକ ବିଜୟ କେତନ ଶତପଥୀ ପ୍ରମୁଖ ନେତୃତ୍ୱ ନେଇଥିଲେ । ଏହି ବୈଠକରେ ପଞ୍ଚାୟତର ୨୨ଟି ଗ୍ରାମରୁ ଦୁଇଜଣ ଲେଖାଏଁ ମୁଖ୍ୟ କର୍ମୀ ଯୋଗଦେଇ ସଂଗଠନକୁ ଅଧିକ ସୁଦୃଢ଼ ଓ ଶକ୍ତିଶାଳୀ କରିବା ନେଇ ଆଲୋଚନା କରିଥିଲେ । ବିଶେଷ କରି ଗ୍ରାମାଞ୍ଚଳର ପାରମ୍ପରିକ ଲୋକକଳା ଯଥା— ପଥପ୍ରାନ୍ତ ନାଟକ, ସଂକୀର୍ତ୍ତନ, ପାଲା, ଧୁଡୁକି ଏବଂ କେନ୍ଦରା ଇତ୍ୟାଦି କଳା ଓ ସଂସ୍କୃତିର ସଂରକ୍ଷଣ ତଥା ପ୍ରଚାରପ୍ରସାର ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଏଥିସହିତ ସ୍ଥାନୀୟ କଳାକାରମାନଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ଯୋଗାଇ ଦେଇ ସେମାନଙ୍କ ପ୍ରତିଭାକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ରାଜ୍ୟର ଡବଲ ଇଞ୍ଜିନ ସରକାରଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରାଯାଇଛି ।

୩୧୬୩ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ



ଧାମନଗର (ମହାଭାରତ) ଧାମନଗର ବ୍ଲକ, ଧୂଷୁରୀ ଓ ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ୩୧୬୩ ଜଣ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପ୍ରଦାନର ଶୁଭାରମ୍ଭ ହୋଇଛି । ଏଥିସହ ଏକୀକୃତ ପେନସନ ପରିଚାଳନା ପୋର୍ଟାଲ (ୟୁପିଏମ୍‌ପି), 'ବନ୍ଧୁ' ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ଧାମନଗର ଏନ୍‌ଏସି କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭତ୍ତା ବଣ୍ଟନର ଶୁଭାରମ୍ଭ କରିଥିଲେ । ନୂତନ ଭାବେ ଯୋଜନାରେ ସାମିଲ ହୋଇଥିବା ୩୧୬୩ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯିବା ସହ ଯୋଗ୍ୟ ଆବାସ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା । ସାମାଜିକ ସୁରକ୍ଷା ଯୋଜନାରେ ନୂତନ ହିତାଧିକାରୀଙ୍କୁ ସାମିଲ କରାଯିବା ଫଳରେ ବୟସ୍କ, ବିଧବା ଓ ଅନ୍ୟ ଯୋଗ୍ୟ ବର୍ଗର ଲୋକେ ଆର୍ଥିକ ସହାୟତା ପାଇବାର ସୁଯୋଗ ପାଇଛନ୍ତି । ଦୀର୍ଘଦିନ ଧରି ଭତ୍ତା ଅପେକ୍ଷାରେ ଥିବା ହିତାଧିକାରୀଙ୍କ ମଧ୍ୟରେ ଏହି ଘୋଷଣାକୁ ନେଇ ଖୁସି ପ୍ରକାଶ ପାଇଛି ।

ସ୍ୱର୍ଗତ ଜଗନ୍ନାଥ ରାଉତଙ୍କ ଜନ୍ମଜୟନ୍ତୀରେ ରକ୍ତଦାନ ଶିବିର, ୨୫ ୟୁନିଟ୍ ରକ୍ତ ସଂଗ୍ରହ

ଧାମନଗର, (ମହାଭାରତ): ଧାମନଗରର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଜଗନ୍ନାଥ ରାଉତଙ୍କ ଜନ୍ମଜୟନ୍ତୀ ଉପଲକ୍ଷେ ଧାମନଗର ବ୍ଲକ କଟସାହି ପଞ୍ଚାୟତ ଅନ୍ତର୍ଗତ ସହିଦନଗରସ୍ଥିତ ସହିଦ ସ୍ମୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆଜି ୧୦ ଟା ସମୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥ ରାଉତ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ୨୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଭଦ୍ରକ ରକ୍ତଭଣ୍ଡାରର ଡାକ୍ତରୀ ଦଳ ଶିବିରରେ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ । ଏହି ଅବସରରେ ଜିଲ୍ଲା ଓ ବ୍ଲକସ୍ତରୀୟ ବହୁ ନେତା ଓ କର୍ମୀ ଯୋଗଦେଇଥିଲେ । ଅଭିଷେକ ରାଉତଙ୍କ ଅଧ୍ୟକ୍ଷତାରେ ପୂର୍ବତନ ସାଂସଦ ମୁରଲୀଧର ଜେନା, ବ୍ଲକ ସଭାପତି ଅରବିନ୍ଦ ନାୟକ, ଜିଲ୍ଲା ଉପସଭାପତି ଦେବରୂପ ମହାନ୍ତି, ଦେବେନ୍ଦ୍ର ମହାନ୍ତି, ବଳରାମ ରାଉତ, ବିଜୟ ବାରିକ, ରାଜେନ୍ଦ୍ର ଜେନା, ହୃଦାନନ୍ଦ ସେଠୀ, ନାରାୟଣ ଚନ୍ଦ୍ର ପାଢ଼ୀ, ନରେନ୍ଦ୍ର ମଲ୍ଲିକ, ସୁଧାଂଶୁ ଶେଖର ଦାସ, ଜାନକୀ ମଲ୍ଲିକ, ପ୍ରସନ୍ନ ଧଳ, ନାରାୟଣ ଚନ୍ଦ୍ର ନାୟକ, ନିରାକାର ଧଳ, ପ୍ରଦୀପ୍ତ କିଶୋର ଦାଶ, ସୁରେଶ ମହାନ୍ତି, ସନ୍ତୋଷ ଜେନା, କଲ୍ୟାଣୀ ଜେନା, ଭାସ୍କର ଜେନା, ଭାସ୍କର ପାଗଳ, ଦେବେନ୍ଦ୍ର ମୁଦୁଲୀ, ଚକ୍ରଧର ମିଶ୍ର, ସରୋଜ ପଣ୍ଡା, ସଂଗ୍ରାମ ନାୟକ ଓ ଶ୍ରୀଧର ନାଥଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ । ରକ୍ତଦାନ ଭଳି ମହତ୍ କାର୍ଯ୍ୟ ମାଧ୍ୟମରେ ସ୍ୱର୍ଗତ ଜଗନ୍ନାଥ ରାଉତଙ୍କ ଜନ୍ମଜୟନ୍ତୀ ପାଳନ କରାଯାଇଥିବାରୁ ଏହି ଉଦ୍ୟମକୁ ଉପସ୍ଥିତ ବ୍ୟକ୍ତିମାନେ ସ୍ୱାଗତ କରିଥିଲେ ।



ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା– ୨୦୨୬ ଅନୁଷ୍ଠିତ



ରାଜଗାଙ୍ଗପୁର,(ମହାଭାରତ):ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ଆନୁକୂଲ୍ୟରେ ଆଜି ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର ବ୍ଲକ୍ ଟାଉନ୍ ହଲ୍ ପରିସରଠାରେ ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା–୨୦୨୬ ଅତ୍ୟନ୍ତ ଆଡ଼ମ୍ବର ଓ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଚାଷୀମାନଙ୍କ ଆର୍ଥିକ ଉନ୍ନତି ତଥା ମତ୍ସ୍ୟ ଓ ପ୍ରାଣୀସମ୍ପଦ କ୍ଷେତ୍ରର ଅଭିବୃଦ୍ଧି ନିମନ୍ତେ ଏହି ମେଳା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ପରିଗଣିତ ହୋଇଛି । ଏହି କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ବ୍ଲକ୍‌ର ୨୦ଟି ପଞ୍ଚାୟତରୁ ୪୦୦ରୁ ଉର୍ଦ୍ଧ୍ୱ ମତ୍ସ୍ୟଚାଷୀ ଓ ପଶୁପାଳକ ଯୋଗଦାନ କରିଥିଲେ ।ଏହି ସଫଳ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକଙ୍କ ଡ଼ା. ଶ୍ରୀ. ଏସ୍. ରାଜନ୍ ଏକ୍କା ଯୋଗଦେଇ ମେଳା ଓ ପ୍ରଦର୍ଶନୀକୁ ଫିତା କାଟି ଉଦ୍‌ଘାଟନ କରିଥିଲେ । ସମ୍ମାନିୟ ଅତିଥି ଭାବେ ସାଂସଦ ପ୍ରତିନିଧି ଶ୍ରୀ ରାଜନ୍ ସୋନି ମେଳା ର ଶୋଭା ବଢାଇ ଚାଷୀ ମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଚାଷୀମାନଙ୍କୁ ମତ୍ସ୍ୟଚାଷ ଓ ପଶୁପାଳନ କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳ ଅବଲମ୍ବନ କରିବା ସହ ସରକାରୀ ଯୋଜନାର ସୁଯୋଗ ନେବାକୁ ଉତ୍ସାହିତ କରିଥିଲେ ।ମୁଖ୍ୟ ବକ୍ତା ଭାବେ ସହକାରୀ ମତ୍ସ୍ୟ ଅଧିକାରୀ, ସୁନ୍ଦରଗଡ଼ ଶ୍ରୀ ଶକ୍ତିମାନ୍ ଦାସ ଯୋଗଦେଇ ମତ୍ସ୍ୟଚାଷର ଆଧୁନିକ ପଦ୍ଧତି, ବିଭିନ୍ନ ସରକାରୀ ଯୋଜନା ଓ ଚାଷୀଙ୍କ ଆୟ ବୃଦ୍ଧି ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ ।ସମ୍ମାନିତ ଅତିଥି ଭାବରେ ଡା. ଅକ୍ଷୟ କୁମାର ବାଗ୍, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରାଜଗାଙ୍ଗପୁର; ଶ୍ରୀ ଜିତେନ୍ଦ୍ର ଦନ୍‌ସେନା, କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜଗାଙ୍ଗପୁର ପୌରପାଳିକା; ଶ୍ରୀ ଜ୍ୟୋତି ରଂଜନ୍ ପ୍ରଧାନ୍ ତହସିଲ୍‌ଦାର, ରାଜଗାଙ୍ଗପୁର; ଡା. ସନ୍ତୋଷ କୁମାର ପାଣିଗ୍ରାହୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ; ଏବଂ ଶ୍ରୀ ଶକ୍ତିମାନ୍ ଦାସ, ସହକାରୀ ମତ୍ସ୍ୟ ଅଧିକାରୀ, ସୁନ୍ଦରଗଡ଼ ପ୍ରମୁଖ ଯୋଗଦେଇଥିଲେ ।ମେଳାରେ ବିଭିନ୍ନ ବିଭାଗ ଓ ଅନୁଷ୍ଠାନ ପକ୍ଷରୁ ମୋଟ ୧୨ଟି ପ୍ରଦର୍ଶନୀ ଷ୍ଟଲ୍ ଖୋଲାଯାଇଥିଲା । ସେଥିମଧ୍ୟରେ ପ୍ରାଣୀସମ୍ପଦ ବିକାଶ ବିଭାଗ, ମତ୍ସ୍ୟ ବିଭାଗ, ମିଶନ ଶକ୍ତି, କୃଷି ବିଭାଗ, ଉଦ୍ୟାନ କୃଷୀ ବିଭାଗ, କୃଷୀ ଉତ୍ପାଦକ ଗୋଷ୍ଠୀ ବିଭାଗ, ମୃତିକା ସଂରକ୍ଷଣ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଷ୍ଟଲ୍ ରହିଥିଲା । ଏହି ଷ୍ଟଲଗୁଡ଼ିକ ମାଧ୍ୟମରେ ଚାଷୀମାନଙ୍କୁ ବିଭିନ୍ନ ସରକାରୀ ଯୋଜନା, ନୂତନ ଜ୍ଞାନକୌଶଳ ଓ ବୈଷୟିକ ସୂଚନା ପ୍ରଦାନ କରାଯାଇଥିଲା ।ଏହି ଅବସରରେ ରାଜଗାଙ୍ଗପୁର ବ୍ଲକ୍ ?ର ଦୁଇଜଣ ଅଗ୍ରଣୀ ମତ୍ସ୍ୟଚାଷୀ ଓ ଦୁଇଜଣ ପ୍ରଗତିଶୀଳ ପଶୁପାଳକଙ୍କୁ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କୃତ କରାଯାଇଥିଲା । ଜଣେ ପଶୁପାଳକ ଓ ଜଣେ ମତ୍ସ୍ୟଚାଷୀଙ୍କୁ ସବସିଡି ସହାୟତା ରାଶି ପ୍ରଦାନ କରାଯାଇଥିଲା ଏବଂ ଜଣେ ପଶୁପାଳକ ଓ ଜଣେ ମତ୍ସ୍ୟଚାଷୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା ।ଏହି ମେଳା ଡା. ସୁନିଲ୍ ଦିକ୍ଷିତ୍ , ବ୍ଲକ୍ ପ୍ରାଣୀ ଚିକିତ୍ସାଧିକାରୀ, ରାଜଗାଙ୍ଗପୁରଙ୍କ ନେତୃତ୍ୱ ଏବଂ ପ୍ରତ୍ୟୁଷ୍ ସିଙ୍ଗ ପାଇଛନ୍ଥା, ସହକାରୀ ମତ୍ସ୍ୟ ଅଧିକାରୀ, ରାଜଗାଙ୍ଗପୁର ଙ୍କ ଅପାର ସହଯୋଗ ରେ ଆୟୋଜନ କରାଯାଇଥିଲା । ଏହି ମେଳା ମାଧ୍ୟମରେ ମତ୍ସ୍ୟଚାଷୀ ଓ ପଶୁପାଳକମାନଙ୍କ ମଧ୍ୟରେ ନୂତନ ଜ୍ଞାନକୌଶଳ, ସରକାରୀ ଯୋଜନା ଓ ଆଧୁନିକ ଚାଷ ପଦ୍ଧତି ସମ୍ପର୍କରେ ସଚେତନତା ବୃଦ୍ଧି ପାଇବା ସହିତ ସେମାନଙ୍କ ଆର୍ଥିକ ସ୍ୱାବଲମ୍ବନ ଦିଗରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହୋଇଛି ।

ମାଡ୍ରାସ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ କର୍ଣ୍ଣନଙ୍କ ପରଲୋକ



ଚେନ୍ନାଇ: ମାଡ୍ରାସ ଓ କଲିକାତା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ସି.ଏସ୍. କର୍ଣ୍ଣନଙ୍କର ଶୁକ୍ରବାର ସକାଳେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୧ ବର୍ଷ ହୋଇଥିଲା। ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ସେ ଚେନ୍ନାଇର ଆପୋଲୋ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଆସନ୍ତାକାଲି ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ। ୧୯୫୫ ମସିହା ଜୁନ୍ ୧୨ରେ ତାମିଲନାଡୁର କୁଡ୍ଡାଲୋର ଜିଲ୍ଲା ଅନ୍ତର୍ଗତ କର୍ଣ୍ଣାଥମ୍ ଗ୍ରାମରେ ଜଷ୍ଟିସ୍ କର୍ଣ୍ଣନଙ୍କ ଜନ୍ମ ହୋଇଥିଲା। ତାଙ୍କର ପ୍ରଥମ ନାମ କରୁଣାନିଧି ଥିଲା। ୧୯୮୩ରେ ମାଡ୍ରାସ ଲ' କଲେଜରୁ ଆଇନ ଶିକ୍ଷା ଶେଷ କରିବା ପରେ ସେ ଓକିଲାତି ଆରମ୍ଭ କରିଥିଲେ। ପରେ ପତ୍ନୀ ସରସ୍ୱତୀଙ୍କ ଇଚ୍ଛା ଅନୁଯାୟୀ ୧୯୯୧ରେ ନିଜ ନାମ ପରିବର୍ତ୍ତନ କରି କର୍ଣ୍ଣନ ରଖିଥିଲେ। ଦୀର୍ଘ ବର୍ଷ ଓକିଲାତି କରିବା ପରେ ୨୦୦୯ ମାର୍ଚ୍ଚରେ ସେ ମାଡ୍ରାସ ହାଇକୋର୍ଟର ଅତିରିକ୍ତ ବିଚାରପତି ନିଯୁକ୍ତ ହୋଇଥିଲେ। ୨୦୧୧ ମାର୍ଚ୍ଚରେ ସ୍ଥାୟୀ ବିଚାରପତି ହୋଇଥିଲେ। ୨୦୧୬ ମାର୍ଚ୍ଚରେ ତାଙ୍କୁ କଲିକାତା ହାଇକୋର୍ଟକୁ ବଦଳି କରାଯାଇଥିଲା। ୨୦୧୭ ଜୁନ୍ ୧୨ରେ ସେ ଅବସର ଗ୍ରହଣ କରିଥିଲେ। ତେବେ ବିଚାରପତି ଥିବା ସମୟରେ ସୁପ୍ରିମ୍‌କୋର୍ଟ ସହ ତାଙ୍କର ବିବାଦ ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିଲା। ସେ ସୁପ୍ରିମ୍‌କୋର୍ଟ ଓ ବିଭିନ୍ନ ହାଇକୋର୍ଟର ବିଚାରପତିଙ୍କ ବିରୋଧରେ ଦୁର୍ନୀତି ଓ ଜାତିଗତ ପାତରଅନ୍ତର ଅଭିଯୋଗ ଆଣିଥିଲେ। ୨୦୧୭ରେ ତତ୍କାଳୀନ ପ୍ରଧାନ ବିଚାରପତି ଜଷ୍ଟିସ୍ ଜେ.ଏସ୍. ଖେହରଙ୍କ ନେତୃତ୍ୱରେ ସୁପ୍ରିମ୍‌କୋର୍ଟର ସାତଜଣିଆ ଖଣ୍ଡପୀଠ ତାଙ୍କ ବିରୋଧରେ କୋର୍ଟ ଅବମାନନା ମାମଲାର ବିଚାର କରିଥିଲେ। ଏହି ଖଣ୍ଡପୀଠ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଛଅ ମାସ ଜେଲ୍ ଦଣ୍ଡାଦେଶ ଦେଇଥିଲେ। ଭାରତରେ କାର୍ଯ୍ୟରତ ଅବସ୍ଥାରେ ଜେଲ୍ ଦଣ୍ଡ ପାଇଥିବା ପ୍ରଥମ ହାଇକୋର୍ଟ ବିଚାରପତି ଭାବେ ସେ ଇତିହାସରେ ସ୍ଥାନ ପାଇଥିଲେ। ସୁପ୍ରିମ୍‌କୋର୍ଟର ନିର୍ଦ୍ଦେଶ ପରେ ତାଙ୍କୁ ଗିରଫ କରିବା ପାଇଁ ପୁଲିସ ଖୋଜିଥିଲା। ଏକ ମାସରୁ ଅଧିକ ସମୟ ଧରି ସେ ଗିରଫଦାରି ଏଡ଼ାଇବା ପରେ ୨୦୧୭ ଜୁନ୍‌ରେ କୋଏମ୍ବାଟୁରରୁ ଗିରଫ ହୋଇଥିଲେ। ଛଅ ମାସର ଦଣ୍ଡ ଭୋଗିବା ପରେ ସେହି ବର୍ଷ ଡିସେମ୍ବରରେ ମୁକ୍ତ ହୋଇଥିଲେ। ୨୦୨୦ରେ ବିଚାରପତି ଓ ସେମାନଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ଓ ଧମକ ଦେବା ସମ୍ପର୍କିତ ଭିଡିଓ ପ୍ରସାରିତ ହେବା ପରେ ତାଙ୍କ ବିରୋଧରେ ଆଉ ଏକ ମାମଲା ରୁଜୁ ହୋଇଥିଲା। ତାଙ୍କ ମୃତ୍ୟୁ ସହ ଭାରତୀୟ ନ୍ୟାୟିକ ଇତିହାସର ଏକ ବିବାଦୀୟ ଅଧ୍ୟାୟର ଅବସାନ ଘଟିଛି।

ସେନାଗାଡ଼ି ଦୁର୍ଘଟଣାଗ୍ରସ୍ତ, ୭ ଯବାନ ଆହତ



ତେଲେଙ୍ଗାନା: ତେଲେଙ୍ଗାନାର ଚେଭେଲ୍ଲାଠାରେ ଏକ ବଡ଼ ଦୁର୍ଘଟଣା ଘଟିଛି । ରଙ୍ଗାରେଡ୍ଡୀ ଜିଲ୍ଲାର ଚେଭେଲ୍ଲାରେ ଭାରତୀୟ ସେନାର ଏକ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡିଛି । ଏହି ଦୁର୍ଘଟଣାରେ ୭ ଜଣ ଯବାନ ଆହତ ହୋଇଛନ୍ତି । ଆହତ ଯବାନମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ୍ ?ରେ ଭର୍ତ୍ତି କରାଯାଇଛି । ସୂଚନା ଅନୁସାରେ, ଯବାନମାନେ ଟ୍ରେନିଂ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆର୍ମି କ୍ୟାମ୍ପରୁ ଶାବାଦ ମଣ୍ଡଳ ଅଭିମୁଖେ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ରଙ୍ଗାରେଡ୍ଡୀ ଜିଲ୍ଲାର ଚେଭେଲ୍ଲା ମଣ୍ଡଳ ଅନ୍ତର୍ଗତ ଆଲ୍ଲାୱାଡ଼ା ଗେଟ୍ ନିକଟରେ ସେନାର ଗାଡ଼ିଟି ଓଲଟି ପଡ଼ିଥିଲା । ପ୍ରାଥମିକ ସୂଚନା ଅନୁସାରେ, ଏହି ଦୁର୍ଘଟଣାରେ ମୋଟ ୯ ଜଣ ଯବାନ ଆହତ ହୋଇଥିବା କୁହାଯାଉଛି । ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ଯବାନମାନେ ଏକ ପ୍ରଶିକ୍ଷଣ ଅଭ୍ୟାସ ପାଇଁ ଗୋଲକୋଣ୍ଡା ଆର୍ମି କ୍ୟାମ୍ପରୁ ଶାବାଦ ମଣ୍ଡଳ ଅଭିମୁଖେ ଯାଉଥିଲେ । ଏହି ସମୟରେ ଗାଡ଼ିଟି ନିୟନ୍ତ୍ରଣ ହରାଇ ଏକାଧିକ ଥର ଓଲଟି ପଡ଼ିବା ସହ ଆଗକୁ ଯାଇ ଏକ ଗଛରେ ପିଟି ହୋଇଥିଲା । ଦୁର୍ଘଟଣା ପରେ ଆହତ ଯବାନମାନଙ୍କୁ ତୁରନ୍ତ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ଯବାନମାନଙ୍କର ଗୋଲକୋଣ୍ଡାସ୍ଥିତ ଆର୍ମି ହସ୍ପିଟାଲ୍‌ରେ ଚିକିତ୍ସା ଚାଲିଛି। ତେବେ ଦୁର୍ଘଟଣାର ପ୍ରକୃତ କାରଣ ଏଯାଏଁ ସ୍ପଷ୍ଟ ହୋଇନାହିଁ । ଚେଭେଲ୍ଲା ଥାନା ଅଧିକାରୀ ନରେନ୍ଦ୍ର ରେଡ୍ଡୀଙ୍କ କହିବା ଅନୁସାରେ, ଯବାନମାନଙ୍କ ସମ୍ପର୍କରେ ସେନା ପକ୍ଷରୁ ଏଯାଏଁ କୌଣସି ଆଧିକାରିକ ସୂଚନା ମିଳିନାହିଁ। ଏହା ଏକ ଦୁର୍ଘଟଣା ଥିଲା ଏବଂ ସେମାନେ ନିଜେ ଆହତ ଯବାନମାନଙ୍କୁ ହସ୍ପିଟାଲ୍‌ରେ ପହଞ୍ଚାଇଥିଲେ ବୋଲି ସେ କହିଛନ୍ତି । ପୋଲିସର ସୂଚନା ଅନୁସାରେ, ଏହି ଦୁର୍ଘଟଣାରେ ୭ ଜଣ ଯବାନ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ତେବେ ଦୁର୍ଘଟଣାର ପ୍ରକୃତ କାରଣ ଏବଂ ଅନ୍ୟ ୫ ଜଣ ଯବାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଏଯାଏଁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ ।

ଭୟଙ୍କର ଦୁର୍ଘଟଣାରେ ୨୩ ଜଣଙ୍କର ଜୀବନ ଗଲା, ଟ୍ରକ୍ ଓ ମିନିବସ୍ ମଧ୍ୟରେ ଧକ୍କା

ଆସାମ: କଣ୍ଟେନର ଟ୍ରକ୍ ଏବଂ ମିନିବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଅତି କମରେ ୨୩ ଜଣଙ୍କର ପ୍ରାଣହାନି ଘଟିଛି । ମିନିବସ୍‌ରେ ଅଧିକାଂଶ ସ୍କୁଲ ଛାତ୍ରଛାତ୍ରୀ ଥିବା ଜଣାପଡ଼ିଛି । ଆସାମର କାଜିରଙ୍ଗାରେ ଏହି ଦୁର୍ଘଟଣା ଘଟିଛି । ସୂଚନା ଅନୁସାରେ ମିନିବସ୍‌ଟି ବୋକାଖାଟରୁ ନଗାଓଁ ଅଭିମୁଖେ ଯାଉଥିବା ବେଳେ ଟ୍ରକ୍ ସହ ମୁହାଁମୁହିଁ ଦୁର୍ଘଟଣା ଘଟିଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ଗାଡ଼ିଟି ସମ୍ପୂର୍ଣ୍ଣ ଭାଙ୍ଗି ଚୁରମାର ହୋଇଛି । ଗାଡ଼ିଟି ଚାପି ହୋଇ ଯାଇଥିବା ବେଳେ ଅନେକ ଯାତ୍ରୀ ଏହା ଭିତରେ ଫସି ରହିଛନ୍ତି । ସ୍ଥାନୀୟ ବାସିନ୍ଦା ଏବଂ ପୋଲିସ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି । ଆହତମାନଙ୍କୁ ଚିକିତ୍ସା ପାଇଁ ତୁରନ୍ତ କୋହୋରା ମଡେଲ ହସ୍ପିଟାଲରେ ଭର୍ତ୍ତି କରାଯାଇ ଥିଲା। ଅଧିକ ଗୁରୁତର ଆହତଙ୍କୁ ପରେ ଜୋରହାଟ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏବେବି ଉଦ୍ଧାର କାର୍ଯ୍ୟ ଜାରି ରହିଛି । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ ଉଭୟ ଗାଡ଼ଇ ଦ୍ରୁତ ଗତିରେ ଆସୁଥିବାରୁ ଭୀଷଣ ଜୋରରେ ଧକ୍କା ହୋଇଥିଲା । କୋହରା ରେଞ୍ଜର ହାତୀକୁଲିଆ ଚା ବାଗାନ୍ ନିକଟ ୭୧୫ ଜାତୀୟ ରାଜପଥରେ ଏହି ଦୁର୍ଘଟଣା ଘଟିଛି ।

ଡିସେମ୍ବର ୧୨ରେ ପ୍ରଥମଥର ରାମ ମନ୍ଦିର ଯିବେ ଅଖିଳେଶ; ଅଯୋଧ୍ୟାର ୪୦୦ ସାଧୁସନ୍ଥଙ୍କ ବିରୋଧ

ଲକ୍ଷ୍ନୌ : ଉତ୍ତରପ୍ରଦେଶର ରାଜନୀତିରେ ଏବେ ଚର୍ଚ୍ଚାର କେନ୍ଦ୍ର ପାଲଟିଛି ସମାଜବାଦୀ ପାର୍ଟି (ଏସ୍ ?ପି) ମୁଖ୍ୟ ଅଖିଳେଶ ଯାଦବଙ୍କ ଅଯୋଧ୍ୟା ଗସ୍ତ । ଆସନ୍ତା ଡିସେମ୍ବର ୧୨ରେ ସେ ରାମ ମନ୍ଦିର ଯିବା ପ୍ରାୟ ନିଶ୍ଚିତ ହୋଇଥିବା ସଙ୍କେତ ଦେଇଛନ୍ତି । ଶୁକ୍ରବାର ଲକ୍ଷ୍ନୌସ୍ଥିତ ଦଳୀୟ କାର୍ଯ୍ୟାଳୟରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ଅଖିଳେଶ କହିଛନ୍ତି ଯେ ଗସ୍ତର ତାରିଖ ନିର୍ଦ୍ଧାରଣ ପାଇଁ ବ୍ରାହ୍ମଣ ସମ୍ପ୍ରଦାୟର ଅନେକ ସଦସ୍ୟଙ୍କ ସହ ପରାମର୍ଶ କରାଯାଇଛି । ଗ୍ରହ-ନକ୍ଷତ୍ରର ସ୍ଥିତି ମଧ୍ୟ ଯାଞ୍ଚ କରାଯାଇଛି ।

ଅଖିଳେଶ କହିଥିଲେ, ତାଙ୍କ ଦଳର ନେତା ପବନ ପାଣ୍ଡେ ଅନେକ ବ୍ରାହ୍ମଣଙ୍କ ସହ ଆଲୋଚନା କରିବା ସହ ଜ୍ୟୋତିଷ ଓ ଖଗୋଳ ବିଜ୍ଞାନ ଆଧାରରେ ତାରିଖ ଓ ସମୟ ନିର୍ଦ୍ଧାରଣ କରିଛନ୍ତି । ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ସ୍ଥିତିକୁ ମଧ୍ୟ ବିଚାରକୁ ନିଆଯାଇଛି । ନଭେମ୍ବର ୭ରେ ଅଯୋଧ୍ୟାର ପୂର୍ବତନ ବିଧାୟକ ତଥା ଏସ୍ ?ପି ନେତା ପବନ ପାଣ୍ଡେ ଘୋଷଣା କରିଥିଲେ ଯେ ଡିସେମ୍ବର ୧୨ରେ ଅଖିଳେଶ ଅଯୋଧ୍ୟା ଯିବେ । ତାଙ୍କ ସହ ପତ୍ନୀ ତଥା ସାଂସଦ ଡିମ୍ପଲ ଯାଦବ ମଧ୍ୟ ଗସ୍ତ କରିବେ । ଉଭୟ ପ୍ରଥମେ ହନୁମାନଗଡ଼ୀ ମନ୍ଦିର ଓ ପରେ ରାମ ଜନ୍ମଭୂମି ମନ୍ଦିରରେ ପୂଜାର୍ଚ୍ଚନା କରିବେ ।

ତେବେ ଏହା ଅଖିଳେଶଙ୍କ ପ୍ରଥମ ରାମ ମନ୍ଦିର ଦର୍ଶନ ହେବ । ୨୦୨୪ ଜାନୁଆରିରେ ମନ୍ଦିରର ଉଦ୍‌ଘାଟନ ପରଠାରୁ ସେ ଏଠାକୁ ଯାଇନାହାନ୍ତି । ୨୦୨୬ ଅକ୍ଟୋବରରେ ଅଯୋଧ୍ୟା ଯାଇଥିଲେ ମଧ୍ୟ ମନ୍ଦିର ଦର୍ଶନ କରି ନଥିଲେ । ଏହି ଗସ୍ତକୁ ନେଇ ବିଜେପି ଓ ସମାଜବାଦୀ ପାର୍ଟି ମଧ୍ୟରେ ରାଜନୈତିକ ବାଗ୍ ?ଯୁଦ୍ଧ ତୀବ୍ର ହୋଇଛି । ରାମ ମନ୍ଦିର ନ ଯିବା ବିଜେପି ଅଖିଳେଶଙ୍କ ଭୋଟ୍ ?ବ୍ୟାଙ୍କ ଓ ତୁଷ୍ଟୀକରଣ ରାଜନୀତି ବୋଲି ବିଜେପି ଅଭିଯୋଗ କରିଆସୁଛି । ଅନ୍ୟପକ୍ଷରେ ଅଖିଳେଶ ମନ୍ଦିରର ଦାନ ଅର୍ଥ ହଡ଼ପ ହୋଇଥିବା ଅଭିଯୋଗ କରି ବିଜେପି ଓ ସଂଘ ସଂଗଠନଗୁଡ଼ିକୁ ଟାର୍ଗେଟ୍ କରିଛନ୍ତି । ଏହା ମଧ୍ୟରେ ଅଯୋଧ୍ୟାର ପ୍ରାୟ ୪୦୦ ସାଧୁସନ୍ଥ ଅଖିଳେଶଙ୍କ ପ୍ରସ୍ତାବିତ ଗସ୍ତକୁ ବିରୋଧ କରିଛନ୍ତି । ୧୯୯୦ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ମୁଲାୟମ ସିଂହ ଯାଦବଙ୍କ ସରକାର ସମୟରେ କରସେବକଙ୍କ ଉପରେ ହୋଇଥିବା ପୁଲିସ ଗୁଳିମାଡ଼ ପାଇଁ ଅଖିଳେଶ କ୍ଷମା ମାଗନ୍ତୁ ବୋଲି ସେମାନେ ଦାବି କରିଛନ୍ତି । କ୍ଷମା ନ ମାଗିଲେ ତାଙ୍କୁ ଅଯୋଧ୍ୟାର ପଞ୍ଚକୋଶୀ ସୀମାରେ ପ୍ରବେଶ କରିବାକୁ ଦିଆଯିବ ନାହିଁ ବୋଲି କେତେକ ସନ୍ଥ ଚେତାବନୀ ଦେଇଛନ୍ତି । ଉତ୍ତରପ୍ରଦେଶରେ ୨୦୨୭ରେ ବିଧାନସଭା ନିର୍ବାଚନ ଥିବାରୁ ଅଖିଳେଶଙ୍କ ଏହି ଗସ୍ତକୁ ବିଜେପିର ହିନ୍ଦୁତ୍ୱ ରାଜନୀତିର ମୁକାବିଲା ପାଇଁ ସମାଜବାଦୀ ପାର୍ଟିର ରଣନୀତି ବୋଲି ମଧ୍ୟ ଆଲୋଚନା ହେଉଛି ।

ବିଜେପି ବିଧାୟିକା ମୈଥିଳୀ ଠାକୁରଙ୍କ ବାପାଙ୍କ ବିରୋଧରେ ଜମି ଜବରଦଖଲ ଅଭିଯୋଗ

ପାଟନା: ବିହାରର ଦରଭଙ୍ଗା ଜିଲ୍ଲାରେ ବିଜେପି ବିଧାୟିକା ତଥା ଲୋକପ୍ରିୟ ଗାୟିକା ମୈଥିଳୀ ଠାକୁରଙ୍କ ବାପା ରମେଶ ଠାକୁରଙ୍କ ବିରୋଧରେ ସରକାରୀ ରାସ୍ତା ଓ ଘରୋଇ ଜମି ଜବରଦଖଲ ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ନିକଟରେ କିଣାଯାଇଥିବା ଏକ ଜମିରେ ପାଚେରି ନିର୍ମାଣ ସମୟରେ ସରକାରୀ ରାସ୍ତା ସହ ୮୦୦ ବର୍ଗଫୁଟରୁ ଅଧିକ ଘରୋଇ ଜମି ମଧ୍ୟ ଜବରଦଖଲ କରାଯାଇଛି। ଏହାକୁ ବିରୋଧ କରିବାରୁ ଗ୍ରାମବାସୀଙ୍କୁ ମିଥ୍ୟା ଆପରାଧିକ ମାମଲାରେ ଫସାଇବାକୁ ଧମକ ଦିଆଯାଇଥିବା ମଧ୍ୟ ଅଭିଯୋଗ ହୋଇଛି।

ପୋଖରଭିଣ୍ଡା ପଞ୍ଚାୟତର ବାସିନ୍ଦା ଗଗନ କୁମାର ମିଶ୍ରଙ୍କ ଲିଖିତ ଅଭିଯୋଗ ପରେ ଶୁକ୍ରବାର ତାରଡିହ ସର୍କଲ୍ ? କାର୍ଯ୍ୟାଳୟର ଅଧିକାରୀମାନେ ବିବାଦୀୟ ଜମିର ମାପଚୁପ କରିଥିଲେ। ଏହି ସମୟରେ ଦରଭଙ୍ଗାର ଡେପୁଟି ଲାଣ୍ଡ୍ ? ରିଫର୍ମସ ଅଫିସର୍ ? (ଡିସିଏଲ୍ ?ଆର୍ ?) ଅଜୟ କୁମାର ମଧ୍ୟ ଉପସ୍ଥିତ ଥିଲେ। ମାପଚୁପ ପରେ ସରକାରୀ ରାସ୍ତାର କିଛି ଅଂଶ ଜବରଦଖଲ ହୋଇଥିବା ଜଣାପଡ଼ିଥିଲା। ଏହାକୁ ହଟାଇବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ତେବେ ଘରୋଇ ଜମି ସମ୍ପର୍କିତ ବିବାଦର ସମାଧାନ ହୋଇପାରି ନାହିଁ। ଏଥିପାଇଁ ଅଭିଯୋଗକାରୀଙ୍କୁ ଡିସିଏଲ୍ ?ଆର୍ ? କାର୍ଯ୍ୟାଳୟ କିମ୍ବା ସିଭିଲ୍ କୋର୍ଟରେ ଆଇନଗତ ପ୍ରକ୍ରିୟା ଅନୁସରଣ କରିବାକୁ କୁହାଯାଇଛି। ଗଗନ କୁମାର ମିଶ୍ରଙ୍କ କହିବା ଅନୁଯାୟୀ, ତାଙ୍କର ୮୦୦ ବର୍ଗଫୁଟରୁ ଅଧିକ ଜମି ଜବରଦଖଲ ହୋଇଛି। ଏ ନେଇ ସେ ପ୍ରଶାସନ ଓ ସିଭିଲ କୋର୍ଟର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ଗ୍ରାମର ଅନ୍ୟ ବାସିନ୍ଦାମାନେ ମଧ୍ୟ ରାସ୍ତା ଜବରଦଖଲକୁ ବିରୋଧ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଏହି ରାସ୍ତା ଗ୍ରାମବାସୀଙ୍କ ଯାତାୟାତ ପାଇଁ ଅତ୍ୟନ୍ତ ଜରୁରୀ। ଏହା ଦେଇ ଲୋକମାନେ ମନ୍ଦିର, ଶ୍ମଶାନ ଓ ଚାଷଜମିକୁ ଯା'ଆସ କରନ୍ତି। ଏଥିସହ ଟ୍ରାକ୍ଟର ଓ ଅନ୍ୟ ଯାନବାହନରେ କୃଷିଜାତ ଦ୍ରବ୍ୟ

ଭାରତୀୟ ରେଳବାଇ ବନ୍ଦ କରିପାରେ ଜଇଉ ଟିକେଟ୍ ବ୍ୟବସ୍ଥା: ଗୋଟିଏ ବର୍ଥରେ ଆଉ ବସିବେନି ଦୁଇ ଯାତ୍ରୀ!



ନୂଆଦିଲ୍ଲୀ: ଟ୍ରେନରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ଏକ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି। ଭାରତୀୟ ରେଳବାଇ ଏବେ ଦଶନ୍ଧି ପୁରୁଣା 'ଆରଏସି' (ଜଇଉ - ଜରଃ୍ୱରକ୍ସଙ୍ଗବଃ୍ସକ୍ଟଭ ଇଶବସଭଃ୍ୱଃ୍ୱ ଉବଭମରକ୍ଷକ୍ଷବ-ଃ୍ୱସକ୍ଟଭ) ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ନେଇ ବିଚାରବିମର୍ଶ କରୁଛି। ଯଦି ଏହି ନିୟମ ଲାଗୁ ହୁଏ, ତେବେ ଭବିଷ୍ୟତରେ ଯାତ୍ରୀମାନଙ୍କୁ ଆଉ ଗୋଟିଏ ବର୍ଥ ବା ସିଟ୍ ?କୁ ଅନ୍ୟ ଜଣଙ୍କ ସହ ଭାଗ କରି ଯାତ୍ରା କରିବାକୁ ପଡ଼ିବ ନାହିଁ।

ରେଳବାଇର ଜଣେ ବରିଷ୍ଠ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଯେତେବେଳେ ଜଣେ ଯାତ୍ରୀଙ୍କୁ ଶୋଇବା କିମ୍ବା ବସିବା ପାଇଁ ପୂର୍ଣ୍ଣାଙ୍ଗ ସ୍ଥାନ (ବର୍ଥ) ମିଳୁନାହିଁ, ସେତେବେଳେ ତାଙ୍କଠାରୁ ସମ୍ପୂର୍ଣ୍ଣ ଟିକେଟ୍ ଭଡ଼ା ଆଦାୟ କରିବା କେତେଦୂର ଯୁକ୍ତିଯୁକ୍ତ, ସେନେଇ ବର୍ତ୍ତମାନ ପ୍ରଶ୍ନ ଉଠିଛି । ଏହି କାରଣରୁ ଜଇଉ ବ୍ୟବସ୍ଥାରେ ପରିବର୍ତ୍ତନ କିମ୍ବା ଏହାକୁ ପ୍ରତ୍ୟାହାର କରିବା ନେଇ ସମ୍ଭାବନା ଖୋଜାଯାଉଛି।

ଆରଏସି (ଜଇଉ) ଯାତ୍ରୀମାନଙ୍କଠାରୁ ପୂରା ଭଡ଼ା ଆଦାୟ କରାଯିବା ପ୍ରସଙ୍ଗ ପୂର୍ବରୁ ମଧ୍ୟ ବିଭିନ୍ନ ମହଲରେ ଚର୍ଚ୍ଚାକୁ ଆସିଛି। ସଂସଦର ଏକ ସମିତି ଏହି ବ୍ୟବସ୍ଥାକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ଏଥିରେ ପରିବର୍ତ୍ତନ ଆଣିବାକୁ ରେଳବାଇକୁ ପରାମର୍ଶ ଦେଇଥିଲା। ସମିତିର ମତ ଥିଲା ଯେ, ଯେଉଁ ଯାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ବର୍ଥ ମିଳୁନାହିଁ, ସେମାନଙ୍କଠାରୁ ସମ୍ପୂର୍ଣ୍ଣ ଭଡ଼ା କାଟିବା ଅନ୍ୟାୟ।

ଜଇଉ ବ୍ୟବସ୍ଥାରେ ଗୋଟିଏ ବର୍ଥରେ ଜଣେ ପୁରୁଷ ଓ ଜଣେ ମହିଳା ଯାତ୍ରୀଙ୍କୁ ସ୍ଥାନ ମିଳିବା କାରଣରୁ ଅନେକ ସମୟରେ ଅସହଜ ପରିସ୍ଥିତି ସୃଷ୍ଟି ହୋଇଥାଏ। ଏପରି ପରିସ୍ଥିତିରେ ଟ୍ରେନରେ ଥିବା ଟିକେଟ୍ ପରୀକ୍ଷକ (ଞଞର) ମାନଙ୍କ ପାଇଁ ମଧ୍ୟ ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା କରିବା ଅତ୍ୟନ୍ତ ଚାଲେଞ୍ଜିଂ ହୋଇପଡ଼େ। ତେବେ ରେଳବାଇ ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏନେଇ କୌଣସି ଚୂଡ଼ାନ୍ତ କିମ୍ବା ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ। ଏହି ପ୍ରସ୍ତାବଟି ବର୍ତ୍ତମାନ କେବଳ ବିଚାରାଧୀନ ଅବସ୍ଥାରେ ରହିଛି, ଏବଂ ଯାତ୍ରୀମାନଙ୍କୁ ଆନୁଷ୍ଠାନିକ ବିଜ୍ଞପ୍ତି ପାଇଁ ଅପେକ୍ଷା କରିବାକୁ ପଡ଼ିବ।

ବିଜେପି ବିଧାୟିକା ମୈଥିଳୀ ଠାକୁରଙ୍କ ବାପାଙ୍କ ବିରୋଧରେ ଜମି ଜବରଦଖଲ ଅଭିଯୋଗ



ପାଟନା: ବିହାରର ଦରଭଙ୍ଗା ଜିଲ୍ଲାରେ ବିଜେପି ବିଧାୟିକା ତଥା ଲୋକପ୍ରିୟ ଗାୟିକା ମୈଥିଳୀ ଠାକୁରଙ୍କ ବାପା ରମେଶ ଠାକୁରଙ୍କ ବିରୋଧରେ ସରକାରୀ ରାସ୍ତା ଓ ଘରୋଇ ଜମି ଜବରଦଖଲ ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ନିକଟରେ କିଣାଯାଇଥିବା ଏକ ଜମିରେ ପାଚେରି ନିର୍ମାଣ ସମୟରେ ସରକାରୀ ରାସ୍ତା ସହ ୮୦୦ ବର୍ଗଫୁଟରୁ ଅଧିକ ଘରୋଇ ଜମି ମଧ୍ୟ ଜବରଦଖଲ କରାଯାଇଛି। ଏହାକୁ ବିରୋଧ କରିବାରୁ ଗ୍ରାମବାସୀଙ୍କୁ ମିଥ୍ୟା ଆପରାଧିକ ମାମଲାରେ ଫସାଇବାକୁ ଧମକ ଦିଆଯାଇଥିବା ମଧ୍ୟ ଅଭିଯୋଗ ହୋଇଛି।

ପୋଖରଭିଣ୍ଡା ପଞ୍ଚାୟତର ବାସିନ୍ଦା ଗଗନ କୁମାର ମିଶ୍ରଙ୍କ ଲିଖିତ ଅଭିଯୋଗ ପରେ ଶୁକ୍ରବାର ତାରଡିହ ସର୍କଲ୍ କାର୍ଯ୍ୟାଳୟର ଅଧିକାରୀମାନେ ବିବାଦୀୟ ଜମିର ମାପଚୁପ କରିଥିଲେ। ଏହି ସମୟରେ ଦରଭଙ୍ଗାର ଡେପୁଟି ଲାଣ୍ଡ୍ ରିଫର୍ମସ ଅଫିସର୍ (ଡିସିଏଲ୍ଆର୍) ଅଜୟ କୁମାର ମଧ୍ୟ ଉପସ୍ଥିତ ଥିଲେ। ମାପଚୁପ ପରେ ସରକାରୀ ରାସ୍ତାର କିଛି ଅଂଶ ଜବରଦଖଲ ହୋଇଥିବା ଜଣାପଡ଼ିଥିଲା। ଏହାକୁ ହଟାଇବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ତେବେ ଘରୋଇ ଜମି ସମ୍ପର୍କିତ ବିବାଦର ସମାଧାନ ହୋଇପାରି ନାହିଁ। ଏଥିପାଇଁ ଅଭିଯୋଗକାରୀଙ୍କୁ ଡିସିଏଲ୍ଆର୍ କାର୍ଯ୍ୟାଳୟ କିମ୍ବା ସିଭିଲ୍ କୋର୍ଟରେ ଆଇନଗତ ପ୍ରକ୍ରିୟା ଅନୁସରଣ କରିବାକୁ କୁହାଯାଇଛି। ଗଗନ କୁମାର ମିଶ୍ରଙ୍କ କହିବା ଅନୁଯାୟୀ, ତାଙ୍କର ୮୦୦ ବର୍ଗଫୁଟରୁ ଅଧିକ ଜମି ଜବରଦଖଲ ହୋଇଛି। ଏ ନେଇ ସେ ପ୍ରଶାସନ ଓ ସିଭିଲ କୋର୍ଟର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ଗ୍ରାମର ଅନ୍ୟ ବାସିନ୍ଦାମାନେ ମଧ୍ୟ ରାସ୍ତା ଜବରଦଖଲକୁ ବିରୋଧ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଏହି ରାସ୍ତା ଗ୍ରାମବାସୀଙ୍କ ଯାତାୟାତ ପାଇଁ ଅତ୍ୟନ୍ତ ଜରୁରୀ। ଏହା ଦେଇ ଲୋକମାନେ ମନ୍ଦିର, ଶ୍ମଶାନ ଓ ଚାଷଜମିକୁ ଯା'ଆସ କରନ୍ତି। ଏଥିସହ ଟ୍ରାକ୍ଟର ଓ ଅନ୍ୟ ଯାନବାହନରେ କୃଷିଜାତ ଦ୍ରବ୍ୟ ପରିବହନ ମଧ୍ୟ କରନ୍ତି।

ସିଆର୍‌ପିଏଫ୍ ପୋଷ୍ଟ ଉପରେ ଆକ୍ରମଣ ମାମଲା : ଅନେକ ସନ୍ଦିଗ୍ଧଙ୍କୁ ଅଟକ ରଖି ଜେରା

ଶ୍ରୀନଗର: ଜମ୍ମୁ-କାଶ୍ମୀରର କୁଲଗାମ ଜିଲ୍ଲାରେ ଥିବା ଏକ ସିଆର୍‌ପିଏଫ୍ ପୋଷ୍ଟ ଉପରେ ଆତଙ୍କବାଦୀ ଆକ୍ରମଣ ଘଟଣାରେ ପୁଲିସ ଅନେକ ସନ୍ଦିଗ୍ଧଙ୍କୁ ଅଟକ ରଖି ଜେରା କରୁଛି। ନଭେମ୍ବର ୧୧ ତାରିଖ ବୁଧବାର କୁଲଗାମର ମୀର ବଜାର ନିକଟସ୍ଥ ଅଖରାନ୍ ଅଞ୍ଚଳରେ ଥିବା ସିଆର୍‌ପିଏଫ୍ ପୋଷ୍ଟ ଉପରେ ଆତଙ୍କବାଦୀମାନେ ଗୁଳିଚାଳନା କରିଥିଲେ। ଏଥିରେ ତିନିଜଣ ଯବାନ ଆହତ ହୋଇଥିଲେ। ଆକ୍ରମଣ ପରେ ସୁରକ୍ଷା ବାହିନୀ ପକ୍ଷରୁ ବ୍ୟାପକ ଘେରାବନ୍ଦୀ ଓ ତଲାସି ଅଭିଯାନ ଆରମ୍ଭ ହୋଇଥିଲା। ଶୁକ୍ରବାର ସୁଦ୍ଧା ଏହି ଅଭିଯାନ ଲଗାତାର ତୃତୀୟ ଦିନରେ ପହଞ୍ଚିଛି । ଅଞ୍ଚଳରେ ସଶସ୍ତ୍ର ଯାନ ମୁତୟନ କରାଯାଇଛି।

ଆକ୍ରମଣକାରୀଙ୍କ ପରିଚୟ ଓ ଗତିବିଧି ସମ୍ପର୍କରେ ସୂଚନା ପାଇବାକୁ ସୁରକ୍ଷା ଏଜେନ୍ସିଗୁଡ଼ିକ ମାନବୀୟ ଓ ବୈଷୟିକ ଗୁଇନ୍ଦା ସୂଚନାର ସହାୟତା ନେଉଛନ୍ତି। ଶ୍ରୀନଗର ସମେତ କାଶ୍ମୀରର ବିଭିନ୍ନ ଜିଲ୍ଲାରେ ଯାନବାହନ ଯାଞ୍ଚ ଓ ତଲାସି ଅଭିଯାନକୁ ମଧ୍ୟ ଜୋରଦାର କରାଯାଇଛି। ତଦନ୍ତକାରୀମାନେ ଏହି ଆକ୍ରମଣରେ ଲସ୍କର-ଏ-ତୋଇବା ଆତଙ୍କବାଦୀ ମହମ୍ମଦ ଲତିଫ ଭଟ୍ଟଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରୁଛନ୍ତି। ଏହି ମାମଲାରେ ପ୍ରାୟ ୨୦୦ ଜଣ ସନ୍ଦିଗ୍ଧ ଓଭରଗ୍ରାଉଣ୍ଡ କର୍ମୀଙ୍କୁ ଜେରା କରାଯାଇଛି। ତେବେ ଆକ୍ରମଣରେ ସେମାନଙ୍କ ସମ୍ପୃକ୍ତି ନେଇ ଆନୁଷ୍ଠାନିକ ଭାବେ କୌଣସି ନିଶ୍ଚିତ ସୂଚନା ଦିଆଯାଇନାହିଁ।

ଚତୁର୍ଥ ଦିନିକିଆରେ ଭାରତର ଲଜ୍ଜାଜନକ ପରାଜୟ

ନ୍ୟୁଜିଲାଣ୍ଡ ୩୩୩, ଭାରତ ୮୯ରେ ଅଲ୍ଆଉଟ୍

ମାଉଣ୍ଟ ମୌଙ୍ଗାନୁଇ,୧୩।୧୧: ସିରିଜ ଜିତିବାକୁ ଟାର୍ଗେଟ ମିଳିଥିଲା ୩୩୪ । ହେଲେ ନ୍ୟୁଜିଲ୍ୟାଣ୍ଡର ଦ୍ରୁତ ବୋଲର ମ୍ୟାଟ ହେନରୀଙ୍କ ଆଗରେ ଆତ୍ମସର୍ପଣ କରି ଦେଲା ଟିମ ଇଣ୍ଡିଆ । ୩୩୪ କ'ଣ, ପୂରା ଦଳ ୧୦୦ ରନ କରାବାକୁ ମଧ୍ୟ ସକ୍ଷମ ହୋଇନି । ହେନରୀ ଟପ୍ ଅର୍ଡର ସହ ମୋଟ ୬ ୱିକେଟ ଦଖଲ କରି ଭାରତକୁ ଏକତରଫା ଭାବେ ଏକାକୀ ୪ର୍ଥ ଦିନିକିଆରେ ହରାଇ ଦେଇଛନ୍ତି । ଏହି ପରାଜୟ ସହ ଏବେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ସିରିଜ୍ ୧-୨ ସ୍ଥିତିକୁ ଚାଲି ଆସିଛି ।



ଭାରତ ପ୍ରଥମ ଦୁଇଟି ମ୍ୟାଚ୍ ଜିତିଥିବା ବେଳେ ତୃତୀୟ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା । ଏବେ ୪ର୍ଥ ଦିନିକିଆକୁ ନ୍ୟୁଜିଲ୍ୟାଣ୍ଡ ବିଶାଳ ୨୪୪ ରନରେ ଜିତି ଘରୋଇ ମାଟିରେ ଜବରଦସ୍ତ କମବ୍ୟାକ କରିଛି । ଏହା ଦିନିକିଆରେ ଭାରତର ମଧ୍ୟ ଦ୍ୱିତୀୟ ସର୍ବବୃହତ୍ତ ପରାଜୟ । ଏହାପୂର୍ବରୁ ୨୦୦୦ ମସିହାରେ ଦଳ ଶ୍ରୀଲଙ୍କା ଠାରୁ ସାରଜା ଦିନିକିଆରେ ୨୪୫ ରନରେ ହାରିଥିଲା ।ଏବେ ନ୍ୟୁଜିଲ୍ୟାଣ୍ଡ ଠାରୁ ଦଳ ୨୪୪ ରନରେ ହାରିଛି । ସିରିଜ ୨-୧ ସ୍ଥିତିରେ ଥିବା ବେଳେ ରବିବାର ଭାରତ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଖେଳାଯିବ ଶେଷ ମ୍ୟାଚ୍ । ଏହି ମ୍ୟାଚ୍ ଉଭୟ ଦଳ ପାଇଁ କ'ର ବା ମର ପରିସ୍ଥିତି । ଟେଷ୍ଟ ପ୍ରସ୍ତୁତି ପାଇଁ ଭାରତୀୟ ଟିମର ନିୟମିତ ଅଧିନାୟକ ଶୁବମନ ଗିଲ୍ ଆଜିର ମ୍ୟାଚ୍‌ରେ ନଥିବାରୁ ଶ୍ରେୟସ ଆୟର ଦଳର କମାଣ ସମ୍ଭାଳିଥିଲେ । ଟସ୍ ଜିତି ସେ ବୋଲିଂ ନିଷ୍ପତ୍ତି ନେଇଥିଲେ ହେଁ ଭାରତୀୟ ବୋଲମାନେ ଆରମ୍ଭରୁ ସମସ୍ତଙ୍କୁ ନିରାଶ କରିଥିଲେ ।ୱିଲ ୟଙ୍ଗ ଓ ଟିମ ସେଇଫର୍ଟ ଦମଦାର ବ୍ୟାଟିଂ କରି ପ୍ରଥମ ୱିକେଟ ପାଇଁ ଯୋଡ଼ିଥିଲେ ୮୫ ରନ । ସେଇଫର୍ଟ ୫୮ ରନ କରି ଗୁରନୁର ବ୍ରାରଙ୍କ ବଲରେ ଆଉଟ ହେବା ପରେ ନ୍ୟୁଜିଲ୍ୟାଣ୍ଡ ମିନି କୋଲାପ୍ସର ସମ୍ମୁଖୀନ ହୋଇଥିଲା ।

କିନ୍ତୁ ୱିଲ ୟଙ୍ଗ ଦମଦାର ଶତକ ହାସଲ କରିଥିଲେ । ତାଙ୍କୁ ମଧ୍ୟକ୍ରମରେ ଫିନ ଆଲେନ(୪୧) ଦମଦାର ସାଥ ଦେଇଥିଲେ । ୟଙ୍ଗ ୧୦୮ ବଲରେ ୧୦୫ ରନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ମିଚେଲ ସାଣ୍ଟନର ୨୪ ଓ କ୍ରିଷ୍ଟିଆନ କ୍ଲାର୍କ ୨୯ ରନର ଇନିଂସ ଖେଳିଥିଲେ । ଶେଷରେ ନ୍ୟୁଜିଲ୍ୟାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ସମସ୍ତ ୱିକେଟ ହରାଇ ୩୩୩ ରନ କରିଥିଲା ।

ଭାରତ ପାଇଁ ଅଙ୍କିବ ନବି, ବ୍ରାର ଓ ଅକ୍ଷର ପଟେଲ ୨ଟି ଲେଖାଏ ୱିକେଟ ନେଇଥିବା ବେଳେ ନମନ ଧୀର ଓ ଅର୍ଶଦୀପଙ୍କୁ ଗୋଟିଏ ଲେଖାଏ ସଫଳତା ମିଳିଥିଲା । ନ୍ୟୁଜିଲ୍ୟାଣ୍ଡ ଦେଇଥିବା ୩୩୪ ରନର ଟାର୍ଗେଟକୁ ଚେଜ କରିବାକୁ ଆସିଥିବା ଭାରତ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ।ଇନିଂସର ପ୍ରଥମ ବଲରେ ଆଉଟ ହୋଇଥିଲେ ରୋହିତ ଶର୍ମା । ଏହାପରେ ବିରାଟ କୋହଲି ଓ କାମଚଳା ଅଧିନାୟକ ଶ୍ରେୟସ ଆୟର ମଧ୍ୟ ଖାତା ଖୋଲିବା ପୂର୍ବରୁ ହେନରୀଙ୍କ ଶିକାର ବନିଥିଲେ । ଭାରତ ପ୍ରଥମ ଓଭରରେ ହିଁ ବିନା କୌଣସି ରନ୍‌ରେ ୩ ୱିକେଟ ହରାଇ ବିପର୍ଯ୍ୟୟ ମଧ୍ୟକୁ ଠେଲି ହୋଇଯାଇଥିଲା ।

ଗିଲଙ୍କ ବଦଳରେ ସୁଯୋଗ ପାଇଥିବା ଋତୁରାଜ ଗାଏକ୍ୱାଡ କେବଳ ୫ ରନ କରିବାକୁ ସକ୍ଷମ ହୋଇଥିଲେ । ତାଙ୍କୁ ଆଉଟ କରିଥିଲେ କାୟଲ ଜାମିସନ । ଏହାପରେ ଈଶାନ କିଶନ ଓ ଅକ୍ଷର ପଟେଲ ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ । ରନ ଅପେକ୍ଷା ଉଭୟ କ୍ରିଜ୍‌ରେ ସମୟ ବିତାଇବାକୁ ଚାହିଁଥିଲେ ।କିନ୍ତୁ ଦଳୀୟ ସ୍କୋର ୫୩ ଥିବା ବେଳେ ୨୧ ରନ କରି ମାଥ୍ୟୁ ଫିଶରଙ୍କ ବଲରେ ଆଉଟ ହୋଇଥିଲେ ଅକ୍ଷର । ପରବର୍ତ୍ତୀ ଓଭରରେ ହେନରୀ ୨୭ ରନ କରିଥିବା ଈଶାନ କିଶନଙ୍କୁ ବୋଲ୍ଡ କରି ଦେଇଥିଲେ । ନମନ ଧୀର ଦୁଇଟି ଛକା ମାରି ୨୧ ରନ କରିବା ପରେ ଫିଶରଙ୍କ ଶିକାର ବନିଥିଲେ ।ଏହାପୂର୍ବରୁ ସେ ନବି(୫)ଙ୍କ ୱିକେଟ ନେଇଥିଲେ । ଶେଷରେ ହେନରୀ କୁଳଦୀପ ଯାଦବ(୧) ଓ ବ୍ରାର(୨)ଙ୍କୁ ବୋଲ୍ଡ କରି ଭାରତୀୟ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ । ହେନରୀ ଏକାକୀ ୬ ୱିକେଟ ନେବାରୁ ଭାରତ ୨୬.୪ ଓଭରରେ କେବଳ ୮୯ ରନ କରିବାକୁ ସକ୍ଷମ ହୋଇଥିଲା ।ହେନରୀ ୯.୪ ଓଭରରେ ମାତ୍ର ୨୭ ରନ ଦେଇ ହାସଲ କରିଛନ୍ତି ୬ଟି ୱିକେଟ ।

ସଚିନଙ୍କ ଲଜ୍ଜାଜନକ ରେକର୍ଡର ସମକକ୍ଷ ହେଲେ କୋହଲି

ନୂଆଦିଲ୍ଲୀ,୧୩।୧୧: ଲଜ୍ଜାଜନକ ରେକର୍ଡର ଅଧିକାରୀ ହୋଇଛନ୍ତି ବିରାଟ କୋହଲି । ସବୁବେଳେ ନିଜ ଇନିଂସ ବଳରେ ନୂଆ କୀର୍ତ୍ତିମାନ ହାସଲ କରୁଥିବା ବିରାଟ ଆଜି ବିପରୀତ ସ୍ଥିତିର ସମ୍ମୁଖୀନ ହୋଇଛନ୍ତି ।ସେ ନିଜ କ୍ୟାରିୟରରେ କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକର ସୃଷ୍ଟି କରିଥିବା ଅନେକ ଐତିହାସିକ ରେକର୍ଡକୁ ଚେଜ୍ କରି ଚାଲିଛନ୍ତି । ହେଲେ ଶୁକ୍ରବାର ସେ ସଚିନଙ୍କ ଗୋଟିଏ ଲଜ୍ଜାଜନକ ରେକର୍ଡର ସମକକ୍ଷ ହୋଇଛନ୍ତି ।



ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ୪ର୍ଥ ଦିନିକିଆରେ ବିରାଟ ୪ଟି ବଲ୍ ସାମ୍ନା କରିଥିବା ବେଳେ ମ୍ୟାଟ ହେନରୀଙ୍କ ବଲ୍‌ରେ କ୍ଲିନବୋଲ୍ଡ ହୋଇଯାଇଛନ୍ତି । ଭାରତ ମଧ୍ୟ ୨୪୪ ରନରେ ୪ର୍ଥ ଦିନିକିଆ ଘରୋଇ ଟିମ ଠାରୁ ହାରି ଯାଇଛି ।ଏହା ଦିନିକିଆରେ ୨୬ ବର୍ଷ ମଧ୍ୟରେ ଭାରତର ସବୁଠାରୁ ବଡ଼ ପରାଜୟ । ଏହାପୂର୍ବରୁ ଦଳ ୨୦୦୦ ମସିହାରେ ଶ୍ରୀଲଙ୍କା ଠାରୁ ସାରଜା ଦିନିକିଆରେ ୨୪୫ ରନରେ ହାରିଥିଲା । ଭାରତ ଲଜ୍ଜାଜନକ ରେକର୍ଡ ମୁଣ୍ଡାଇ ଥିବା ବେଳେ ବିରାଟ ମଧ୍ୟ ଏଥିରୁ ବର୍ତ୍ତି ନାହାନ୍ତି । ଅନ୍ତର୍ଜାତୀୟ କ୍ରିକେଟରେ ବିରାଟ ଶୁକ୍ରବାରକୁ ମିଶାଇ ୨୦ଥର ପାଇଁ ଡକ୍ ବା ଶୂନରେ ଆଉଟ ହୋଇଛନ୍ତି । ସଚିନ ତେନ୍ଦୁଲକର ମଧ୍ୟ ନିଜ ଲମ୍ବା କ୍ୟାରିୟରରେ ୨୦ ଥର ଶୂନରେ ଆଉଟ ହୋଇଥିଲେ । ବିରାଟ ଆଜି ତାଙ୍କ ସମକକ୍ଷ ହୋଇଥିବା ବେଳେ ଆଉ କୌଣସି ଭାରତୀୟ ବ୍ୟାଟର ଏତେଥର ଅନ୍ତର୍ଜାତୀୟ କ୍ରିକେଟରେ ଶୂନରେ ଆଉଟ ହୋଇନାହାନ୍ତି । ସର୍ବାଧିକ ଥର ଶୂନରେ ଆଉଟ ହୋଇଥିବା ତାଲିକାର ୧ ନମ୍ବର ସ୍ଥାନରେ ବିରାଟଙ୍କ ନାଁ ରହିଛି । କାରଣ ସେ ଏଯାଏ ୩୨୧ଟି ମ୍ୟାଚ୍ ଖେଳି ୨୦ ଥର ଶୂନରେ ଆଉଟ ହୋଇଛନ୍ତି । ସଚିନ ତାଙ୍କ କ୍ୟାରିୟରରେ ୪୬୩ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୨୦ ଥର ଶୂନରେ ଆଉଟ ହୋଇଥିଲେ ।ତେଣୁ ବିରାଟ ୧ ନମ୍ବର ଓ ଦ୍ୱିତୀୟ ସଚିନ ରହିଛନ୍ତି । ୧୯ଥର ଶୂନରେ ଆଉଟ ହୋଇ ଦ୍ରୁତ ବୋଲର ଜବାଗଲ ଶ୍ରୀନାଥ ତୃତୀୟ ଓ ଅନୀଲ କୁମ୍ବଲେ ଏବଂ ରୋହିତ ଶର୍ମା ଭାରତ ପାଇଁ ୧୮ଥର ଲେଖାଏ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଛନ୍ତି । କୌତହଳର ବିଷୟ ହେଉଛି ଯେ ଆଜି ବିରାଟଙ୍କ ଭଳି ରୋହିତ ମଧ୍ୟ ମ୍ୟାଟ ହେନରୀଙ୍କ ବଲରେ ଶୂନରେ ଆଉଟ ହୋଇଛନ୍ତି । ସେ ଇନିଂସର ପ୍ରଥମ ବଲରେ ଆଉଟ ହୋଇଥିଲେ । ରୋହିତ ପ୍ରଥମ ବଲରେ ଆଉଟ ହେବା ପରେ ହେନରୀଙ୍କୁ ସାମ୍ନା କରିବାକୁ ଆସିଥିଲେ ବିରାଟ । ପ୍ରଥମ ୩ଟି ବଲକୁ ସେ ସୁଇଂ କରି ବିରାଟଙ୍କୁ ଘାଇଲା କରିଥିଲେ । ଏହାପରେ ସେ ଦିଗ ବଦଳାଇ ଇନ ସୁଇଂ ମାରିବାରୁ ବିରାଟଙ୍କ ମଝି ଷ୍ଟମ୍ପ ଭାଙ୍ଗି ଯାଇଥିଲା ।ପରବର୍ତ୍ତୀ ବଲରେ ସେ ଶ୍ରେୟସ ଆୟରଙ୍କୁ ମଧ୍ୟ ଏଲବିଡବ୍ଲ୍ୟୁ କରିଥିଲେ ।

ସରକାରଙ୍କ ପାରା କ୍ରୀଡ଼ା ନୀତିକୁ ପ୍ରମୋଦଙ୍କ ନାପସନ୍ଦ

ଭୁବନେଶ୍ୱର୧୩/୧୧: ନିକଟରେ ପାରା ଏସୀୟ କ୍ରୀଡ଼ାରେ ରୌପ୍ୟ ଓ କାଂସ୍ୟ ପଦକ ଜିତିଥିବା ପ୍ରମୋଦ ଭଗତ ଗୁରୁବାର ଓଡ଼ିଶା ଫେରିବା ପରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ନୀତିକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ଆଇଚି-ନାଗୋୟାରେ ପଦକ ଜିତି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଥିବା ଏହି ଟୋକିଓ ଅଲିମ୍ପିକ୍ସ ବିଜେତା ୧୫ ଦିନ ହେଲା ଦେଶରେ ପହଞ୍ଚିଥିଲେ ମଧ୍ୟ ଓଡ଼ିଶା ସରକାର ତାଙ୍କୁ ସମ୍ବର୍ଦ୍ଧିତ କରି ନଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି । ଗୁରୁବାର ସେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ କ୍ରୀଡ଼ା ବିଭାଗ ପକ୍ଷରୁ କିଛି ବରିଷ୍ଠ ଅଧିକାରୀ ଅବଶ୍ୟ ତାଙ୍କୁ ସ୍ୱାଗତ କରିଥିଲେ ।



ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରମୋଦ କହିଛନ୍ତି ଯେ ମୋତେ ଲାଗୁଛି ଓଡ଼ିଶା ସରକାର ପାରା କ୍ରୀଡ଼ାବିତ୍‌ଙ୍କ ପ୍ରତି ଅବହେଳା ଓ ପକ୍ଷପାତିତା କରୁଛନ୍ତି । ସରକାର ପ୍ରତିଯୋଗିତା ଆୟୋଜନ ପାଇଁ ରାଜ୍ୟ ପାରା କ୍ରୀଡ଼ା ସଂଘକୁ ସହଯୋଗ କରୁଛନ୍ତି । କିନ୍ତୁ ସାଧାରଣ କ୍ରୀଡ଼ାବିତ୍‌ଙ୍କ ଭଳି ପାରା କ୍ରୀଡ଼ାବିତ୍‌ଙ୍କ ପାଇଁ ସେଭଳି କିଛି ନୀତି ଥିବା ମୋତେ ଲାଗୁନି । ପାରା କ୍ରୀଡ଼ାରେ ତୃଣମୂଳ ସ୍ତରରୁ ପ୍ରତିଭା ଅନ୍‌ବେଷଣ କରି ଆଗକୁ ବଢ଼ିବାରେ ସହଯୋଗ ଓଡ଼ିଶା ସରକାର କରୁନାହାନ୍ତି । ପ୍ରମୋଦ ପୁଣି କହିଛନ୍ତି ଯେ ମୁଁ ରାଜ୍ୟର ଏକମାତ୍ର ଖେଳରନ୍ ପୁରସ୍କାର ବିଜେତା । ହେଲେ ଦୁଇ ବର୍ଷ ହେବ ମୋତେ କୌଣସି ପ୍ରୋତ୍ସାହନ ରାଶି ମିଳିନି । ଆଇଚି-ନାଗୋୟା ପାରା ଏସୀୟ କ୍ରୀଡ଼ାର ଆମ ସମସ୍ତ ପଦକ ବିଜେତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ବର୍ଦ୍ଧିତ କରିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ କିନ୍ତୁ ସମ୍ମାନ ଟିକିଏ ମିଳିଲାନି । ପୂର୍ବରୁ ପଦକ ଜିତିକି ଆସୁ ଆସୁ ବିମାନବନ୍ଦରରେ ଆମକୁ ସ୍ୱାଗତ କରି ଷ୍ଟାଡିୟମ୍‌କୁ ଅଣାଯାଇ ସମ୍ବର୍ଦ୍ଧିତ କରାଯାଉଥିଲା । ହେଲେ ଏବେ ଏସବୁ ନାହିଁ । ଓଡ଼ିଶାର ଆମେ ୩ ଜଣ ଆଇଚି-ନାଗୋୟାରେ ପଦକ ଜିତିଥିଲୁ । କେବଳ ପାୟଲ ନାଗକୁ ପ୍ରୋତ୍ସାହନ ରାଶି ସହ ସମ୍ବର୍ଦ୍ଧିତ କରାଯାଇଛି ।

ସରକାର ଜଣେ କ୍ରୀଡ଼ାବିତ୍‌ଙ୍କୁ ଜୀବନକାଳ ଭିତରେ ଅତିବେଶୀରେ ୯ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ନେବାର ନିୟମ ଥିବାରୁ ମୋତେ ଆଉ କିଛି ମିଳୁନି । ଏପରିକି ଗତ ଥର ପଦକଠୁ ଏଥର ପଦକରେ ଉନ୍ନତି ନହେଲେ ପ୍ରୋତ୍ସାହନ ରାଶି ମିଳିବନି । ଏହି ନିୟମକୁ ମୁଁ ନାପସନ୍ଦ କରୁଛି । ଏହି ନୀତିର ପୁନର୍ବିଚାର ପାଇଁ ମୁଖ୍ୟମନ୍ତ୍ରୀ ଓ କ୍ରୀଡ଼ାମନ୍ତ୍ରୀଙ୍କୁ ଅନେକ ଥର ଚିଠି ଲେଖିଛି । କିନ୍ତୁ ଏହାର କିଛି ସୁଫଳ ମିଳିନି । କେବଳ କ୍ରୀଡ଼ାମନ୍ତ୍ରୀ ଯାହା ଆଲୋଚନା ଆଶ୍ୱାସନା ଦେଇଛନ୍ତି । ମୁଁ ସରକାରଙ୍କୁ ଅନୁରୋଧ କରୁଛି କିଛି ସ୍ୱତନ୍ତ୍ର ନୀତି ପ୍ରଣୟନ କରି ପାରା କ୍ରୀଡ଼ାର ଉନ୍ନତି କରନ୍ତୁ । ଆଗକୁ କୌଣସି ରାଜ୍ୟର ପ୍ରତିନିଧିତ୍ୱ କରିବାର ଏବେ ଯୋଜନା ନାହିଁ । ଆଗକୁ ମୋର ଲକ୍ଷ୍ୟ ଲସ୍ଏଞ୍ଜେଲ୍ସ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିବା ଏବଂ ରାଜ୍ୟ ପାରା କ୍ରୀଡ଼ାବିତ୍‌ଙ୍କ ଉନ୍ନତିରେ କାମ କରିବା ।

ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଲେ ପିଟି ଉଷା

ନୂଆଦିଲ୍ଲୀ,୧୩।୧୧: ଭାରତୀୟ ଅଲିମ୍ପିକ୍ସ ସଂଘ (ଆଇଓଏ)ର ସଭାପତି କିମ୍ବଦନ୍ତୀ ପିଟି ଉଷା ସ୍ପର୍ଟ୍ସପର୍ସନ ଅଫ୍ ମେରିଟ (ଏସ୍ଓଏମ) ତାଲିକା ନିର୍ବାଚନରେ ପରାଜୟକୁ ସହଜରେ ଗ୍ରହଣ କରି ପାରୁ ନାହାନ୍ତି । ନିର୍ବାଚନରେ ଜାଲିଆତି ହୋଇଥିବା ଦର୍ଶାଇ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି (ଆଇଓସି) ର ହସ୍ତକ୍ଷେପ ପାଇଁ ନିବେଦନ କରିଛନ୍ତି ।ଆଇଓଏର ୨୦୨୬ କାର୍ଯ୍ୟକାରିଣୀ ପରିଷଦର ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଏହାପୂର୍ବରୁ ଏସ୍ଓଏମ ନିର୍ବାଚନର ଫଳାଫଳ ଗତକାଲି ପ୍ରକାଶ ପାଇଥିଲା । ପୁରୁଷ ବର୍ଗରେ ୪ ଜଣ ଗଗନ ନାରଙ୍ଗ, କମଲେଶ ମେହେଟା, ଯୋଗେଶ୍ୱର ଦତ୍ତ ଓ ବିଜେନ୍ଦର ସିଂ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ମହିଳା ବର୍ଗରେ ୪ଟି ପଦ ପାଇଁ ୬ ଜଣ ମହିଳା ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ପିଟି ଉଷା ୪୦ଟି ଭୋଟ ପାଇ ପଞ୍ଚମ ସ୍ଥାନରେ ରହିଥିଲେ ।ଆଇଓଏର ଉପ ସଭାପତି ଅଞ୍ଜୁ ବବି ଜର୍ଜ ସର୍ବାଧିକ ୫୩ଟି ଭୋଟ ପାଇ ପ୍ରଥମ, ରାଣୀ ରାମପାଲ (୫୦ ଭୋଟ) ଦ୍ୱିତୀୟ, ଦୋଲା ବାନାର୍ଜୀ (୪୫) ତୃତୀୟ ଏବଂ ସାଇନା ନେହ୍ୱାଲ (୪୩) ଚତୁର୍ଥ ସ୍ଥାନରେ ରହିଥିଲେ । ନିର୍ବାଚନରେ ହାରିବା ପରେ ପିଟି ଉଷା ପୁଣି ଥରେ ସଭାପତି ଭାବେ ନିର୍ବାଚିତ ହେବାର ଆଶା ମଉଳି ଯାଇଛି ।

୩ ବର୍ଷ ପରେ ଓଡ଼ିଶାକୁ ନେହରୁ କପ୍: ମନୀଷ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି

ଭୁବନେଶ୍ୱର,୧୩।୧୧: ୩ ବର୍ଷ ପରେ ପୁଣି ଥରେ ନେହରୁ କପ୍‌ରେ ବିଜେତା ହୋଇଛି ଓଡ଼ିଶା ଟାଟା ନାଭାଲ୍ ହକି ଏଚ୍‌ପିସି । ନୂଆଦିଲ୍ଲୀର ଶିବାଜୀ ଷ୍ଟାଡିୟମଠାରେ ଅନୁଷ୍ଠିତ ୫୪ତମ ନେହରୁ କନିଷ୍ଠ ହକି ପ୍ରତିଯୋଗିତାରେ ଏଚ୍‌ପିସିର ୧୭ ବର୍ଷରୁ କମ୍ ଦଳ ବିଜେତା ହୋଇଛି । ସଂଘର୍ଷପୂର୍ଣ୍ଣ ଫାଇନାଲ୍‌ରେ ଓଡ଼ିଶା ଏଚ୍‌ପିସି ଦଳ ଲକ୍ଷ୍ନୌ ଏନ୍‌ସିସିକୁ ୪-୩ ଗୋଲରେ ପରାସ୍ତ କରିଛି । ଗ୍ରୁପ୍ ପର୍ଯ୍ୟାୟରେ ଚଣ୍ଡିଗଡ଼ର ଗଭର୍ଣ୍ଣମେଣ୍ଟ ମଡେଲ୍ ସିନିୟର ସେକେଣ୍ଡାରୀ ସ୍କୁଲ (ସେକ୍ଟର ୩୭-ଡି) କୁ ୪-୨ ଗୋଲରେ, ସୋନିପତକୁ ମଧ୍ୟ ସମାନ ୪-୨ରେ ହରାଇବା ପରେ ସେମିଫାଇନାଲ୍‌ରେ ଜାମସେଦପୁର ନାଭାଲ ଟାଟା ହକି ଏକାଡେମୀ ସହ କଡ଼ା ଟକ୍କର ହୋଇଥିଲା । ଏଥର ମଧ୍ୟ ଓଡ଼ିଶା ଦଳ ୪-୨ରେ ବିଜୟୀ ହୋଇଥିଲା । ଚମତ୍କାର ପ୍ରଦର୍ଶନ କରିଥିବା ଓଡ଼ିଶାର ମନୀଷ ନାଏକଙ୍କୁ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ସମ୍ମାନ ମିଳିଛି । ଏହି ସଫଳତାରେ ଖୁସି ବ୍ୟକ୍ତ କରି ହକି ଏସ୍ ଫାଉଣ୍ଡେସନର ସିଇଓ କ୍ୟାପଟେନ ଅମିତାଭ କହିଛନ୍ତି "ଓଏନଟିଏଚ୍‌ଏଚ୍‌ପିସି ପରିବାର ପାଇଁ ଏହା ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ । ତିନି ବର୍ଷ ପରେ ନେହରୁ କନିଷ୍ଠ ହକି କପ୍ ଜିତିବା ଆମର ଯୁବ ଖେଳାଳି, ପ୍ରଶିକ୍ଷକ ଏବଂ ସପୋର୍ଟ ଷ୍ଟାଫଙ୍କ ନିଷ୍ଠା, ଶୃଙ୍ଖଳା ଓ କଠିନ ପରିଶ୍ରମର ପ୍ରତିଫଳନ । ପୂରା ଦଳକୁ ଅଭିନନ୍ଦନ ଜଣାଉଛି ଏବଂ ଆଶା କରୁଛି ଏହି ସଫଳତା ସେମାନଙ୍କୁ ଭବିଷ୍ୟତରେ ଆହୁରି ବଡ଼ ଶିଖର ଛୁଇଁବାକୁ ପ୍ରେରଣା ଯୋଗାଇବ ।"



ବିରେନ୍ଦ୍ର ସେହ୍ୱାଗଙ୍କ ପୁଅଙ୍କ ଜଲୱା


ମୁମ୍ବାଇ,୧୩।୧୧: ଅଣ୍ଡର- ୧୯ ଯୁଥ ଏସିଆ କପ୍ ୨୦୨୬ର ସେମିଫାଇନାଲରେ ବିରେନ୍ଦ୍ର ସେହ୍ୱାଗଙ୍କ ପୁଅ ଆର୍ଯ୍ୟବୀର ସେହ୍ୱାଗ ଶାନଦାର୍ ଅର୍ଦ୍ଧଶତକ ଯୋଡ଼ିଛନ୍ତି । ସେ ୫୭ବଲରେ ୪ ଛକ୍କା ଏବଂ ୪ ଚୌକା ସାହାଯ୍ୟରେ ୫୧ରନ୍ କରିଥିଲେ । ୧୯ବର୍ଷୀୟ ଆର୍ଯ୍ୟବୀର ଏହା ପୂର୍ବ ମ୍ୟାଚରେ ୟୁଏଇ ବିପକ୍ଷରେ ୧୬୦ରନର ଐତିହାସିକ ପାଳି ଖେଳିଥିଲେ । ଫଳର ଭାରତ ବିଜୟ ଲାଭ କରି ସେମିଫାଇନାଲରେ ସ୍ଥାନ ପକ୍କା କରିଥିଲା । ଆଇପିଏଲ୍ ୨୦୨୭ ଲାଗି ହେବାକୁ ଥିବା ଅକ୍ସନର ଠିକ୍ ପୂର୍ବରୁ ଏଭଳି ଫର୍ମ ରହିବା କୌଣସି ବି ଖେଳାଳୀ ଲାଗି ଶାନଦାର୍ ଅଟେ ।ଆର୍ଯ୍ୟବୀର ସେହ୍ୱାଗ ଭାରତର ପୂର୍ବତନ କ୍ରିକେଟର ବିରେନ୍ଦ୍ର ସେହ୍ୱାଗଙ୍କ ପୁଅ ଅଟନ୍ତି । ଯିଏ ନିଜ ବାପାଙ୍କ ଭଳି ଏକ ଓପନିଂ ବ୍ୟାଟର ଅଟନ୍ତି । ସେ କ୍ରିକେଟ ଜଗତରେ ନିଜ ନାମ କରି ନେଇଛନ୍ତି, ଏବେ ଭାରତର ଜାତୀୟ ଟିମରେ ଆସିବା ପୂର୍ବରୁ ତାଙ୍କର ଟାର୍ଗେଟ ଆଇପିଏଲରେ ଏଣ୍ଟ୍ରି କରିବା ଅଟେ । ଆଗାମୀ ବର୍ଷ ଆଇପିଏଲର ୨୦ତମ ସଂସ୍କରଣ ହେବ । ଯେଉଁଥିପାଇଁ ଅକ୍ସନ ପ୍ରକ୍ରିୟା ୧୬ ଡିସେମ୍ବରରେ ଗୋଆରେ ହେବ । ଏହା ମିନି ଅକ୍ସନ ହେବ । ଏଥିଲାଗି ଫ୍ରାଞ୍ଚାଇଜ ନିଜ ଇଛା ଅନୁସାରେ ଯେତେବି ଖେଳାଳୀଙ୍କୁ ରିଟର୍ନ କରିପାରନ୍ତି । ଏସିସି ଅଣ୍ଡର-୧୯ଯୁଥ ଏସିଆ କପ ୨୦୨୬ରେ ଏହା ଆର୍ଯ୍ୟବୀର ସେହ୍ୱାଗଙ୍କ ଦ୍ୱିତୀୟ ଅର୍ଦ୍ଧଶତକ ଅଟେ, ଏହା ବ୍ୟତୀତ ସେ ଏକ ଶତକ ବି ଯୋଡ଼ିଛନ୍ତି । ସେ ନେପାଳ ବିପକ୍ଷରେ ନଟଆଉଟ୍ ୭୦ରନ୍ କରିଥିଲେ । ୟୁଏଇ ବିପକ୍ଷରେ ୧୬୦ ଏବଂ ଆଜି ଆଫଗାନିସ୍ତାନ ବିପକ୍ଷରେ ୫୧ରନ୍ କରିଥିଲେ ।

ମୁସ୍ତାଫିଜୁରଙ୍କ ସମେତ ୭ ଜଣ ବାଂଲାଦେଶୀ ଖେଳାଳିଙ୍କ ପଞ୍ଜୀକରଣ

ନୂଆଦିଲ୍ଲୀ,୧୩।୧୧: ଆଗାମୀ ଆଇପିଏଲ୍ (ଓଟଖ ୨୦୨୭) ମିନି ଅକ୍ସନ୍ ପାଇଁ ବାଂଲାଦେଶରୁ ବଡ଼ ଖବର ସାମ୍ନାକୁ ଆସିଛି । ବାଂଲାଦେଶର ଷ୍ଟାର୍ ପେସର୍ ମୁସ୍ତାଫିଜୁର ରହମାନଙ୍କ ସମେତ ମୋଟ ୭ ଜଣ ବାଂଲାଦେଶୀ କ୍ରିକେଟର୍ ଏହି ଅକ୍ସନରେ ଅଂଶଗ୍ରହଣ କରିବା ପାଇଁ ନିଜର ନାଁ ପଞ୍ଜୀକରଣ କରିଛନ୍ତି । ବାଂଲାଦେଶ କ୍ରିକେଟ୍ ବୋର୍ଡ (ଈଉଈ) ଏହାର ସ୍ପଷ୍ଟୀକରଣ ଦେଇ କହିଛି ଯେ ଏହା ଏକ ସାଧାରଣ ପ୍ରକ୍ରିୟା ଏବଂ ବିସିସିଆଇର ନିର୍ଦ୍ଦେଶ କ୍ରମେ ଆଗ୍ରହୀ ଖେଳାଳିମାନେ ଏଥିପାଇଁ ପଞ୍ଜୀକରଣ କରିଛନ୍ତି । ମୁସ୍ତାଫିଜୁର ରହମାନଙ୍କ ବ୍ୟତୀତ ଯେଉଁ ଅନ୍ୟ ବାଂଲାଦେଶୀ ଖେଳାଳିମାନେ ଅକ୍ସନ୍ ତାଲିକାରେ ସାମିଲ ଅଛନ୍ତି ସେମାନେ ହେଲେ ନାହିଦ ରାଣା, ରିଶାଦ ହୋସେନ୍, ହସନ ମହମୁଦ, ତୌହିଦ ହୃଦୋୟ, ତସ୍କିନ୍ ଅହମଦ, ଶୋରିଫୁଲ ଇସ୍ଲାମ । ଗତ ଆଇପିଏଲ୍ ସିଜିନରେ କୋଲକତା ନାଇଟ୍ ରାଇଡର୍ସ (କକଜ) ତାଙ୍କୁ ୯.୨୦ କୋଟି ଟଙ୍କାର ଏକ ବଡ଼ ମୂଲ୍ୟରେ କିଣିଥିଲା । କିନ୍ତୁ ବିଭିନ୍ନ କାରଣ ଓ ବିସିସିଆଇର ନିର୍ଦ୍ଦେଶକ୍ରମେ ତାଙ୍କୁ ଦଳରୁ ମୁକ୍ତ କରାଯାଇଥିଲା । ଏହି ବିବାଦ ପରେ ବାଂଲାଦେଶ କ୍ରିକେଟ୍ ଏବଂ ଆଇପିଏଲ୍ ମଧ୍ୟରେ କିଛି ଦୂରତା ଦେଖାଦେଇଥିଲା । ଏସବୁ ସତ୍ତ୍ୱେ, ବର୍ତ୍ତମାନ ମୁସ୍ତାଫିଜୁର ପୁଣିଥରେ ଆଇପିଏଲ୍ ଖେଳିବା ପାଇଁ ଆଶାୟୀ ଅଛନ୍ତି ଏବଂ ଅକ୍ସନରେ ଭାଗ ନେବାକୁ ପ୍ରସ୍ତୁତ ହୋଇଛନ୍ତି । ଆଗାମୀ ଡିସେମ୍ବର ୧୬ ତାରିଖରେ ଗୋଆଠାରେ ଆଇପିଏଲ୍ ୨୦୨୭ ମିନି ଅକ୍ସନ୍ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି, ଯେଉଁଥିରେ ଏହି ବାଂଲାଦେଶୀ ଖେଳାଳିମାନଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ ।

କଶ୍ମୀରରେ ଗଲ୍ଫ ଖେଳୁଛନ୍ତି ବିଦେଶୀ

ସ୍ଥାନୀୟ ଯୁବକଙ୍କ ମଧ୍ୟରେ ହ୍ରାସ ପାଉଛି ଆଗ୍ରହ



ଶ୍ରୀନଗର୧୩/୧୧;: ବିଶ୍ୱର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ ଗଲ୍ଫ ଖେଳିବା ପାଇଁ କଶ୍ମୀରର ସୁନ୍ଦର ଉପତ୍ୟକାକୁ ଆସିଥାନ୍ତି । କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବରେ ଏହି ଖେଳ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିଶେଷକରି ଯୁବପିଢ଼ିଙ୍କ ମଧ୍ୟରେ ଆକର୍ଷଣ ସୃଷ୍ଟି କରିବାରେ ବିଫଳ ହୋଇଛି । ଏହାର ସମାଧାନ ପାଇଁ ପର୍ଯ୍ୟଟନ ବିଭାଗ ସାଧାରଣ ଜନତାଙ୍କ ମଧ୍ୟରେ ଗଲ୍ଫକୁ ପ୍ରୋତ୍ସାହିତ କରିବା ଏବଂ ନୂତନ ପିଢ଼ିକୁ ଜଡିତ କରିବା ପାଇଁ ଏକ ପଦକ୍ଷେପ ଆରମ୍ଭ କରିଛି ।

ଗୁଲମାର୍ଗ ଗଲ୍ଫ କୋର୍ସରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କଶ୍ମୀର ପର୍ଯ୍ୟଟନ ନିର୍ଦ୍ଦେଶକ କମର ସଜ୍ଜାଦ ଚିନ୍ତା ପ୍ରକାଶ କରିଛନ୍ତି ଯେ ଗଲ୍ଫ କ୍ରମଶଃ ଉପତ୍ୟକାର ସ୍ଥାନୀୟ ଲୋକଙ୍କ ମଧ୍ୟରେ ଲୋକପ୍ରିୟତା ହରାଇବାରେ ଲାଗିଛି । ସେ କହିଛନ୍ତି ଯେ କଶ୍ମୀରରେ ବିଶ୍ୱସ୍ତରୀୟ ଗଲ୍ଫ ସୁବିଧା ଉପଲବ୍ଧ ହେବା ସତ୍ତ୍ୱେ, ଏହି ଖେଳ ସମାଜର ଏକ ସୀମିତ ବର୍ଗ ମଧ୍ୟରେ ସୀମିତ ରହିଛି ।

ସଜ୍ଜାଦ କହିଛନ୍ତି ଯେ ପର୍ଯ୍ୟଟନ ବିଭାଗ ଜମ୍ମୁ ଏବଂ କଶ୍ମୀରର ବିଭିନ୍ନ ସ୍ଥାନରେ ଗଲ୍ଫ ଟୁର୍ଣ୍ଣାମେଣ୍ଟ ଆୟୋଜନ କରୁଛି, ଯାହା ଦ୍ୱାରା ଜନସାଧାରଣଙ୍କୁ ଗଲ୍ଫ ପ୍ରତି ଆକର୍ଷିତ କରାଯାଇପାରିବ । ଗଲ୍ଫ ପ୍ରତି ପିଲାମାନଙ୍କୁ ଆକର୍ଷିତ କରିବା ପାଇଁ ବିଶେଷ ଭାବରେ ଗଲ୍ଫ କିଟ୍ କିଣାଯାଇଛି ଏବଂ ତାଲିମ କାର୍ଯ୍ୟକ୍ରମ ଯୋଜନା କରାଯାଇଛି । ଭବିଷ୍ୟତର ପ୍ରତିଯୋଗିତା ପାଇଁ ସ୍ଥାନୀୟ ପ୍ରତିଭା ବିକାଶ କରିବା ଲକ୍ଷ୍ୟ ।ଶ୍ରୀନଗରର କଶ୍ମୀର ଗଲ୍ଫ କୋର୍ସ, ରୟାଲ ସ୍ପ୍ରିଙ୍ଗସ୍ ଗଲ୍ଫ କୋର୍ସ, ପହଲଗାମ୍ ଏବଂ ଗୁଲମାର୍ଗ ଗଲ୍ଫ କୋର୍ସ ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି ଯେ ଏହି ସୁବିଧାଗୁଡ଼ିକ ଗଲ୍ଫ ପର୍ଯ୍ୟଟନ ଏବଂ ସ୍ଥାନୀୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ ବହୁତ ସମ୍ଭାବନା ରଖିଛି । ପର୍ଯ୍ୟଟନ ନିର୍ଦ୍ଦେଶକ କହିଛନ୍ତି ଯେ ଏହି ବର୍ଷ କ୍ୟାଡିମାନଙ୍କ ପାଇଁ ଏକ ଟୁର୍ଣ୍ଣାମେଣ୍ଟ ଆରମ୍ଭ କରାଯାଇଛି । ଆସନ୍ତା ବର୍ଷ ନଗଦ ପୁରସ୍କାର ସହିତ ଏକ ସମ୍ପୂର୍ଣ୍ଣ ପ୍ରାୟୋଜିତ ପ୍ରତିଯୋଗିତା ଆୟୋଜନ କରିବାର ଯୋଜନା ଚାଲିଛି । କ୍ୟାଡିମାନଙ୍କୁ ଗଲ୍ଫର ମେରୁଦଣ୍ଡ ଭାବରେ ବର୍ଣ୍ଣନା କରି ସେ ସେମାନଙ୍କର ଅବଦାନକୁ ଉପଯୁକ୍ତ ଭାବରେ ସ୍ୱୀକୃତି ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

ସଜ୍ଜାଦ ପର୍ଯ୍ୟଟନ ଭିତ୍ତିଭୂମିର ଉପଯୁକ୍ତ ରକ୍ଷଣାବେକ୍ଷଣର ଆବଶ୍ୟକତା ଉପରେ କହିଛନ୍ତି । ସେ କହିଛନ୍ତି ଯେ ବର୍ଷ ବର୍ଷ ଧରି ଅନେକ ସମ୍ପତ୍ତି ବିକଶିତ ହୋଇଛି । କିନ୍ତୁ ସେମାନଙ୍କର ରକ୍ଷଣାବେକ୍ଷଣ ପ୍ରତି ପର୍ଯ୍ୟାପ୍ତ ଧ୍ୟାନ ଦିଆଯାଇ ନାହିଁ । ଦାୟିତ୍ୱପୂର୍ଣ୍ଣ ଆଚରଣକୁ ପ୍ରୋତ୍ସାହିତ କରିବା ପାଇଁ ପଲିଥିନ୍ ବ୍ୟବହାରକୁ ନିରୁତ୍ସାହିତ କରିବା ଏବଂ ପରିବେଶ ଅନୁକୂଳ କ୍ୟାରି ବ୍ୟାଗ ପାଇଁ ଫି ଆଦାୟ କରିବାକୁ ସେ ପରାମର୍ଶ ଦେଇଛନ୍ତି ।

ଟେଷ୍ଟ ଲଢେଇ ପାଇଁ ଭାରତ-ନ୍ୟୁଜିଲାଣ୍ଡର ପ୍ରସ୍ତୁତି

ନୂଆଦିଲ୍ଲୀ,୧୩/୧୧; ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଦିନିକିଆ ସିରିଜ୍ ଶେଷ ହୋଇନାହିଁ । ଆଜି ଚତୁର୍ଥ ଦିନିକିଆ ଖେଳାଯାଉଛି । ୫ମ ଦିନିକିଆ ବି ରହିଛି । କିନ୍ତୁ ଏହା ମଧ୍ୟରେ ଦୁଇ ଦେଶ ମଧ୍ୟରେ ହେବାକୁ ଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ଉଭୟ ଦଳ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି । ନଭେମ୍ବର ୧୯ରୁ ଆରମ୍ଭ ହେବାକୁ ଥିବା ଟେଷ୍ଟ ସିରିଜ୍ ଲାଗି ଭ୍ରମଣକାରୀ ଭାରତ ପୂର୍ବରୁ ଟେଷ୍ଟ ସିରିଜ୍ ଲାଗି ଦଳ ଘୋଷଣା କରିଥିଲା । ନ୍ୟୁଜିଲାଣ୍ଡ ବି ଟେଷ୍ଟ ସିରିଜ୍ ପାଇଁ ଦଳ ଘୋଷଣା କରି ସାରିଛି । ଭାରତର ଟେଷ୍ଟ ଦଳରେ ସ୍ଥାନ ପାଇଥିବା କିଛି ବା ଅଧିକାଂଶ ଖେଳାଳି ଭାରତ-ଏ ଦଳରେ ସାମିଲ ହୋଇ ନ୍ୟୁଜିଲାଣ୍ଡରେ ବିଶିଷ୍ଟ ଅନଅଫିସିଆଲ ଟେଷ୍ଟ ସିରିଜ ଖେଳିଥିଲେ ।

ଶେଷ ଅନଅଫିସିଆଲ ଟେଷ୍ଟର ତୃତୀୟ ଏବଂ ଚତୁର୍ଥ ଦିନ ବର୍ଷା ହେବାରୁ ଭାରତୀୟ ବୋଲରମାନେ ଅଭ୍ୟାସରୁ ବଞ୍ଚିତ ରହିଥିଲେ । ଏହା ମଧ୍ୟରେ ପ୍ରଥମ ୩ଟି ଦିନିକିଆ ଖେଳିଥିବା କ୍ୟାପ୍‌ଟେନ୍ ଶୁଭମନ ଗିଲ୍ କେଏଲ୍ ରାହୁଲ ମଧ୍ୟ ଟେଷ୍ଟ ପ୍ରସ୍ତୁତି ଲାଗି ଦଳ ଛାଡିଛନ୍ତି ।

ଏ ସମସ୍ତ ଖେଳାଳି ଏବେ ୱେଲିଂଟନର ସେଡନ୍ ପାର୍କରେ ଏକତ୍ର ହୋଇଛନ୍ତି । ହେଡ୍ କୋଚ୍ ଗୌତମ ଗମ୍ଭୀର ଏଠାରେ ଅଛନ୍ତି । ଆଜି ଚତୁର୍ଥ ଦିନିକିଆ ଖେଳାଯାଉଛି । ରବିବାର ପଞ୍ଚମ ମ୍ୟାଚ୍ ତଥା ଅନ୍ତିମ ମ୍ୟାଚ୍ ଖେଳାଯିବ । ସମ୍ଭବ ହେଲେ ଗମ୍ଭୀର ମ୍ୟାଚ୍ ପୂର୍ବଦିନ ଓ ମ୍ୟାଚ୍ ପରଦିନ ସେଠାରେ ଉପସ୍ଥିତ ହେବେ । ଏହାରି ଭିତରେ ଫାଷ୍ଟ ବୋଲର ଯଶପ୍ରୀତ ବୁମରା ଓ ପ୍ରସିଦ୍ଧ କ୍ରିଷ୍ଣା ଫିଟ୍ ହୋଇ ଅନଅଫିସିଆଲ ଟେଷ୍ଟରେ ସାମିଲ ହୋଇଥିଲେ । କିନ୍ତୁ ବର୍ଷା ଯୋଗୁଁ ବୋଲିଂ ସୁଯୋଗ ମିଳିନଥିଲା । ସେହିପରି ଫର୍ମରେ ନଥିଲା ଯଶସ୍ୱୀ ଜୈସ୍ୱାଲ ଲାଗାତାର ଶତକ ହାସଲ କରି ଟେଷ୍ଟ ସିରିଜି ଲାଗି ପ୍ରସ୍ତୁତି କରିନେଇଛନ୍ତି । ମହମ୍ମଦ ସିରାଜ, କୁଳଦୀପ ଯାଦବ ଦିନିକିଆ ସିରିଜ୍ ପରେ ଦଳରେ ସାମିଲ ହେବେ । ଭାରତ ବିପକ୍ଷ ଆଗାମୀ ୨ ମ୍ୟାଚ ବିଶିଷ୍ଟ ଘରୋଇ ଟେଷ୍ଟ ସିରିଜ ପାଇଁ ନ୍ୟୁଜିଲାଣ୍ଡ ଦଳଘୋଷଣା କରାଯାଇଛି । ଆହତ ହୋଇ ଦିନିକିଆ ସିରିଜ ଖେଳି ପାରିନଥିବା ରଚିନ ରବିନ୍ଦ୍ରଙ୍କ ସମେତ ଡେଭନ କନୱେ ଓ ୱିକେଟ୍ କିପର ଟମ ବ୍ଲଣ୍ଡେଲ ଫିଟ୍ ହୋଇ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଆସନ୍ତା ୧୯ ତାରିଖରୁ ୱେଲିଂଟନରେ ପ୍ରଥମ ଟେଷ୍ଟ ଆରମ୍ଭ ହେବ । ଗତ ସେପ୍ଟେମ୍ବର ମାସରେ ଏକ ବିଜ୍ଞାପନ ପାଇଁ ସୁଟିଂ କରୁଥିବାବେଳେ ରବିନ୍ଦ୍ର ଆହତ ହୋଇଥିଲେ । ଡାଇଭ ମାରିବା ସମୟରେ ତାଙ୍କଡାହାଣ କାନ୍ଧରେ ଆଘାତ ଲାଗିଥିଲା । ଯାହା ଫଳରେ ସେ ଟି-ଟ୍ୱେଣ୍ଟି ଓ ଦିନିକିଆ ସିରିଜରୁ ବାଦ ପଡ଼ିଥିଲେ । କନୱେ ଦିନିକିଆ ସିରିଜ ପୂର୍ବରୁ ଅଭ୍ୟାସ ସମୟରେ ଆହତ ହୋଇଥିଲେ । କନକୁସନ ନିୟମ ଅନୁଯାୟୀ ତାଙ୍କୁ ସମ୍ପୂର୍ଣ୍ଣ ସିରିଜରୁ ବାଦ ଦିଆଯାଇଥିଲା ।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha) , **Email : odishamahabharata@gmail.com, orissamahabharat@rediffmail.com**
Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର